

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-154 ◆SUNDAY ◆30 NOVEMBER 2025 ◆PAGE-12 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୫୪ ◆ରବିବାର ◆୩୦ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ୬୨ ବର୍ଷରେ ବିବାହ କଲେ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ



■ କାନବେରା, ୨୯ ।୧୧ (ଏଜେନ୍ସି): ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନୀ ଆଲବାନିଜ ୬୨ ବର୍ଷ ବୟସରେ ବିବାହ କରିଛନ୍ତି । ଦାୟିତ୍ୱରେ ରହିଥିବା ବେଳେ ବିବାହ କରିବାରେ ସେ ହେଉଛନ୍ତି ପ୍ରଥମ ଅଷ୍ଟ୍ରେଲୀୟ ପ୍ରଧାନମନ୍ତ୍ରୀ । ସେ ଆଜି ତାଙ୍କର ୪୬ ବର୍ଷୀୟା ବାନ୍ଧବୀ ଜୋଡି ହେଡନଙ୍କୁ କାନବେରାସ୍ଥିତ ପ୍ରଧାନମନ୍ତ୍ରୀ କର୍ଯ୍ୟାଳୟରେ ବିବାହ କରିଛନ୍ତି । ଜୋଡି ଆର୍ଥ ବିଭାଗରେ କାର୍ଯ୍ୟ କରନ୍ତି । ୨୦୨୪ରେ ଦୁହିଁଙ୍କର ନିର୍ବନ୍ଧ ହୋଇଥିଲା । ଅଲବାନୀଜ ସାମାଜିକ ଗଣମାଧ୍ୟମରେ ଗୋଟିଏ ଶବ୍ଦ 'ମ୍ୟାରେଡ୍' ବୋଲି ଉଲ୍ଲେଖ କରି ସମସ୍ତଙ୍କୁ ବିବାହ ନେଇ ସୂଚିତ କରିଛନ୍ତି । ସୋମବାରରୁ ଶୁକ୍ରବାର ଦୁହେଁ ହନିମୁନରେ ଯିବେ । ସୂଚନାଯୋଗ୍ୟ ଯେ ୨୦୨୦ରେ ଦୁହେଁ ମେଲବୋର୍ଣ୍ଣରେ ଏକ ବ୍ୟବସାୟିକ ନୈଶ୍ୟ ଭୋଜିରେ ପରସ୍ପରକୁ ଭେଟିଥିଲେ । ଆଲବାନିଜ ଓ ହେଡନ ଦ୍ୱିତୀୟଥର ପାଇଁ ବିବାହ କରିଛନ୍ତି । ପୂର୍ବରୁ ଆଲବାନିଜ ୨୦୧୯ରେ ତାଙ୍କ ପୂର୍ବତନ ପତ୍ନୀ କାର୍ମେଲ ଟେବୁଟ୍‌ଙ୍କଠାରୁ ଛାଡ଼ପତ୍ର ନେଇଥିଲେ । ଦୁହେଁ ୧୯ ବର୍ଷ ଏକାଠି ରହିବା ପରେ ଅଲଗା ହୋଇଥିଲେ । ଉଭୟଙ୍କର ଜଣେ ପୁଅ ନାଥନ ଅଛନ୍ତି । ତେବେ ହେଡନଙ୍କ ପ୍ରଥମ ବିବାହ ଓ ବିଚ୍ଛେଦ ସମ୍ପର୍କରେ ଅଧିକ କିଛି ସୂଚନା ଦିଆଯାଇନାହିଁ । ଆଲବାନିଜ ୨୦୨୨ ମେ ୨୩ରେ ୩୧ତମ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ।

## ଏୟାରବସ୍ 'ଏ-୩୨୦'କୁ ସୌର ବିକିରଣ ଭୟ



ବିଶ୍ୱବ୍ୟାପୀ ୬ ହଜାର ଉଡ଼ାଣ ବାତିଲ

■ ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ବିମାନ ନିର୍ମାତା କମ୍ପାନୀ ଏୟାରବସ୍‌ର ବିମାନ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଛି । ଏହି କମ୍ପାନୀର ଏ୩୨୦ ସିରିଜ ବିମାନଗୁଡ଼ିକରେ ଯାନ୍ତ୍ରିକ ତ୍ରୁଟି ଦେଖାଯାଇଛି । ସୌର ବିକିରଣ ଯୋଗୁଁ ଏଭଳି ବିପଦ ଦେଖାଦେଇଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱରେ ପ୍ରାୟ ୬ ହଜାର ଏ-୩୨୦ ବିମାନର ଉଡ଼ାଣକୁ ବାତିଲ କରିଦିଆଯାଇଛି । ଗତ ୫୫ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କମ୍ପାନୀ ଏତେ ବିମାନର ସେବାକୁ ବନ୍ଦ କରିଦେଇଛି । ସଫ୍ଟୱେର ଅପଗ୍ରେଡ କରି ଯାନ୍ତ୍ରିକ ତ୍ରୁଟି ସୁଧାରିବା ପାଇଁ ବିମାନଗୁଡ଼ିକୁ ପ୍ରତ୍ୟାହାର କରାଯାଇଛି । ଏହି ସମସ୍ୟା ପାଇଁ ସଫ୍ଟୱେର ଭର୍ସନ ଏଲ୧୦୪ର ଏଲାଭେଟର ଏଲେରନ କମ୍ପ୍ୟୁଟର (ଇଏଲଏସି ବି) ପ୍ରଭାବିତ ହୋଇଛି । ଏହା ଫ୍ଲାଇଟ କଣ୍ଟ୍ରୋଲ ଡାଟା ଖରାପ କରିପାରେ । ବିମାନର ଉଚ୍ଚତା, ଦିଗ ଏବଂ ନିୟନ୍ତ୍ରଣକୁ ନେଇ ଦେଉଥିବା ଗୁରୁତ୍ୱପୂର୍ଣ୍ଣ ସୂଚନା ଭୁଲ୍ ସାବ୍ୟସ୍ତ ହୋଇପାରେ । ତେବେ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ଏୟାରବସ୍ ଉଡ଼ାଣ ବନ୍ଦ କରିବା ନେଇ ଶୁକ୍ରବାର ଘୋଷଣା କରିଥିଲା । ଏହି ସମୟରେ ୩୫୦ ଏୟାର ଲାଇନ୍ସର ପ୍ରାୟ ୩ ହଜାର ଏ-୩୨୦ ବିମାନ ଆକାଶରେ ଉଡୁଥିଲେ । ଏହି ସମସ୍ୟା ଯୋଗୁଁ ଭାରତ ସମେତ ସାରା ବିଶ୍ୱ ପ୍ରଭାବିତ ହୋଇଛି । ବିମାନ ▶ପୃଷ୍ଠା-୭

# 'ଦିତ୍ୱା' ତାଣ୍ଡବ

# ଶ୍ରୀଲଙ୍କାରେ ୧୫୩ ମୃତ

## ତାମିଲନାଡୁରେ ପ୍ରବଳ ବର୍ଷା, ବିମାନ ବାତିଲ

■ଚେନ୍ନଇ, ୨୯ ।୧୧ (ଏଜେନ୍ସି): ଶ୍ରୀଲଙ୍କାରେ ଧ୍ୱଂସର ତାଣ୍ଡବ ରଚିଛି ଘୂର୍ଣ୍ଣିବାତ୍ୟା 'ଦିତ୍ୱା' । ଏହି ବାତ୍ୟା କାରଣରୁ ପ୍ରବଳ ବର୍ଷା, ବନ୍ୟା ଓ ଭୂସ୍ଖଳନ ଫଳରେ ୧୫୩ ଜଣ ବ୍ୟକ୍ତି ପ୍ରାଣ ହରାଇଥିବା ବେଳେ ଅନ୍ୟ ୧୩୦ଜଣ ନିଖୋଜ ଅଛନ୍ତି । ଏବେ ଏହି ବାତ୍ୟା ଭାରତ ଆଡ଼କୁ ଦ୍ରୁତଗତିରେ ମାଡିଆସୁଛି । ବାତ୍ୟା ପ୍ରଭାବରେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଓ ପୁଡୁଚେରୀର ଉପକୂଳବର୍ତ୍ତୀ ଅଞ୍ଚଳଗୁଡିକରେ ପ୍ରବଳ ବର୍ଷା ସହିତ ଜୋରରେ ପବନ ବହିବା ଆରମ୍ଭ ହୋଇଛି । ଏହା ଆହୁରି ଭୟଙ୍କର ରୂପ ନେବ ବୋଲି ଆଶଙ୍କା କରାଯାଉଛି । ତାମିଲନାଡୁରେ ରେଡ ଆଲର୍ଟ ଜାରି କରାଯାଇଛି ।

ତାମିଲନାଡୁରେ ପ୍ରବଳ ବର୍ଷା କାରଣରୁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ପୁଡୁଚେରୀ ଓ ତାମିଲନାଡୁରେ ସମସ୍ତ ଶିକ୍ଷାନୁଷ୍ଠାନରେ ସୋମବାର ପର୍ଯ୍ୟନ୍ତ ଛୁଟି ଘୋଷଣା କରାଯାଇଛି । ବିଭିନ୍ନ ସ୍କୁଲ ଓ କଲେଜରେ ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି । ବାତ୍ୟାର ପ୍ରକୋପ ଭୟଙ୍କର ହେଉଥିବାରୁ ୫୪ଟି ବିମାନର ଉଡାଣକୁ ବାତିଲ କରାଯାଇଛି । ଚେନ୍ନାଇରୁ ବିମାନ ଉଡ଼ାଣ ବାତିଲ ହେବା କାରଣରୁ କଲମ୍ବୋ ବିମାନ ବନ୍ଦରରେ ୩୦୦ ଭାରତୀୟ ଯାତ୍ରୀ ଗତ ତିନି ଦିନ ହେବ ଫସି ରହିଛନ୍ତି । ଏମାନେ ସମସ୍ତେ ଦୁବାଇରୁ କଲମ୍ବୋ ଦେଇ ଭାରତ ଆସିବାର କର୍ଯ୍ୟକ୍ରମ ଥିଲା । ନଭେମ୍ବର ୩୦ ଅର୍ଥାତ ରବିବାର ଏହି ବାତ୍ୟା 'ଦିତ୍ୱା' ତାମିଲନାଡୁ ଓ ପୁଡୁଚେରୀର ଉପକୂଳ ଅତିକ୍ରମ କରିବ । ଏହି କାରଣରୁ ରାଜ୍ୟରେ ଆହୁରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ତାମିଲନାଡୁ ସମେତ ପୁଡୁଚେରୀ ଓ ଆନ୍ଧ୍ରରେ ବନ୍ୟା ଆସିବା ଆଶଙ୍କା କରାଯାଉଛି ।

**ଶ୍ରୀଲଙ୍କାରେ ଫସି ରହିଛନ୍ତି ୩୦୦ରୁ ଊର୍ଦ୍ଧ୍ୱ ଭାରତୀୟ**

ସେହିପରି ପାହାଡିଆ ଅଞ୍ଚଳରେ ଭୂସ୍ଖଳନ ହେବାର ସମ୍ଭାବନା ରହିଛି । ବାତ୍ୟାର ଭୟାବହତାକୁ ଦୃଷ୍ଟିରେ ରଖି ତାମିଲନାଡୁ ଉପକୂଳରେ ଥିବା ବିଭିନ୍ନ ସମ୍ବେଦନଶୀଳ ଉପକୂଳବର୍ତ୍ତୀଅଞ୍ଚଳରେ ।।ନେସନାଲଡିଜାଷ୍ଟର



ରେସପନ୍ସ ଫୋର୍ସ (ଏନ୍‌ଡିଆରଏଫ)ର ୧୪ଟି ଟିମ୍‌କୁ ନିୟୋଜିତ କରାଯାଇଛି ।

ଇତିମଧ୍ୟରେ ଶ୍ରୀଲଙ୍କାକୁ ସହାୟତା କରିବାକୁ ଭାରତ 'ଅପରେସନ ସାଗର ବନ୍ଧୁ' ଆରମ୍ଭ କରିଛି । ଭାରତୀୟ ବାୟୁସେନାର ବିମାନ ଆଇଏଲ୍-୭୬ ବିମାନ କଲମ୍ବୋରେ ପହଞ୍ଚିଛି । ଏନ୍‌ଡିଆରଏଫ୍‌ର ୮୦ ଜଣିଆ ଟିମ୍ ସହିତ ବିମାନ ଓ ସମୁଦ୍ର ମାର୍ଗ ଦେଇ ପାଖାପାଖି ୨୭ ଟନ୍ ରିଲିଫ୍ ସାମଗ୍ରୀ ଶ୍ରୀଲଙ୍କାରେ ପହଞ୍ଚିଛି ।

### ଅତିରିକ୍ତ ବଜେଟ୍‌କୁ ନେଇ ନବୀନଙ୍କ ପ୍ରତିକ୍ରିୟା

## ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢୁଛି ଓଡ଼ିଶା



**ବଜେଟରେ ଦୂରଦୃଷ୍ଟି ନାହିଁ; ଓଡ଼ିଶାବାସୀଙ୍କ ଆଶାକୁ ଧୂଳିସାତ୍ କରୁଛି**

**ଅପାରଗତା ଲୁଚାଇବା ପାଇଁ ଅତିରିକ୍ତ ବଜେଟ ଆଣିଛନ୍ତି ସରକାର**

■ ଭୁବନେଶ୍ୱର, ୨୯।୧୧ (ସମିସ): ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଦୂରଦୃଷ୍ଟିହୀନ ଏବଂ ଏହା ଓଡ଼ିଶାବାସୀଙ୍କ ଅନେକ ଆଶାକୁ ଧୂଳିସାତ୍ କରିଛି । ଏହା ଆମକୁ ରାଜକୋଷୀୟ ନିଅଣ୍ଟ ଆଡ଼କୁ ବଢ଼ାଉଛି ବୋଲି ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ।

ଶୁକ୍ରବାର ବିଧାନସଭାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ ଅତିରିକ୍ତ ବଜେଟ ଉପରେ ପ୍ରତିକ୍ରିୟା ରଖି ସାମାଜିକ ଗଣମାଧ୍ୟମ ଏକ୍ସରେ ନବୀନ ଉଲ୍ଲେଖ କରିଛନ୍ତି, ନୂତନ ବିଜେପି ସରକାରର ପ୍ରଥମ ପୂର୍ଣ୍ଣ ବର୍ଷରୁ ଆଶା କରାଯାଉଥିବା କୌଣସି ବଡ଼ ଭିତ୍ତିଭୂମି ଯୋଜନା କିମ୍ବା ନୂତନ ଦୂରଦୃଷ୍ଟି ଏଥିରେ ଦେଖିବାକୁ ମିଳିନାହିଁ । ପ୍ରଶାସନିକ ବ୍ୟୟ ସଙ୍କୁଚିତ ହେଉଛି । ଓଡ଼ିଶାର ସୁଧ ବୋଝ ବଢୁଛି । ବଜେଟରେ ପୂର୍ତ୍ତ ବିଭାଗର ୯୦୦ କୋଟି ଏବଂ କିଛି ସହରାଞ୍ଚଳ ଭିତ୍ତିଭୂମିକୁ ଛାଡ଼ିଦେଲେ ଆଉ କିଛି ବି ନାହିଁ । ହ୍ରାସ ପାଉଥିବା କେନ୍ଦ୍ରୀୟ ଅନୁଦାନ ଓ ନିଜସ୍ୱ ଅପାରଗତା ଲୁଚାଇବା ପାଇଁ ଏହି ଅତିରିକ୍ତ ବଜେଟ୍ ପ୍ରସ୍ତୁତ ହୋଇଛି । ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ନୁହଁ; ବରଂ ସେମାନଙ୍କୁ ଭ୍ରମିତ କରିବାର ଏହା ଏକ ପ୍ରୟାସ ବୋଲି ନବୀନ କହିଛନ୍ତି ।

## ବିଧାନସଭାରେ ରାସନ କାର୍ଡ ଝଡ଼

### ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ସରକାର: ବିରୋଧୀ

■ ଭୁବନେଶ୍ୱର, ୨୯।୧୧ (ସମିସ): କେୱାଇସି ଅପ୍‌ଡେଟ୍ ଆଳରେ ଲୋକଙ୍କ ରାସନ କାର୍ଡ କଟାଯିବା ନେଇ ବିଧାନସଭାରେ ଆଜି ମୁଲତବୀ ଆଲୋଚନାରେ ବିରୋଧୀ ସଦସ୍ୟମାନେ ସରକାରଙ୍କୁ ଘେରିଛନ୍ତି । ରାଜ୍ୟ ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେଉଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି ।

ମୁଲତବୀ ଆଲୋଚନାରେ ଭାଗ ନେଇ ବିଜୁ ଜନତା ଦଳର ସଦସ୍ୟମାନେ କହିଥିଲେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖାଦ୍ୟ ସୁରକ୍ଷା ଯୋଜନାରେ ଜଣେ ବି ଯୋଗ୍ୟ ହିତାଧିକାରୀ ଯେପରି ବାଦ୍ ନ ପଡ଼ିବେ, ସେନେଇ ନିର୍ଦ୍ଦେଶ ଦେଇଥିଲେ । ରାଜ୍ୟରେ ପୂର୍ବ ସରକାରଙ୍କ ପିଡିଏସ, ଧାନ ସଂଗ୍ରହ ପ୍ରକ୍ରିୟାକୁ କେନ୍ଦ୍ର ସରକାରଙ୍କଠାରୁ ଆରମ୍ଭ କରି ମିଳିତ ଜାତିସଂଘ ପର୍ଯ୍ୟନ୍ତ ପ୍ରଶଂସା କରିଥିଲା । ମାତ୍ର ଏବର ବିଜେପି ସରକାର ରାସନ କାର୍ଡ ନାମରେ ଆତଙ୍କ ସୃଷ୍ଟି କରୁଛନ୍ତି । ଗରିବ ଲୋକଙ୍କ ମନରେ କାର୍ଡ କଟିବା ନେଇ ଆତଙ୍କ ଖେଳିଯାଇଛି । ହିତାଧିକାରୀଙ୍କୁ ବାଦ୍ ଦେବା ପାଇଁ ସରକାର

**ରାସନ କାର୍ଡ ସର୍ଭେ ପାଇଁ ଧାର୍ଯ୍ୟ ମାନଦଣ୍ଡ ଗ୍ରହଣୀୟ ନୁହେଁ: ବିଜେଡି**

**ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ: ମନ୍ତ୍ରୀ**

ଯେଉଁ ମାନଦଣ୍ଡ ନିର୍ଦ୍ଧାରଣ କରିଛନ୍ତି, ତାହା ଆଶ୍ଚର୍ଯ୍ୟଜନକ । ସରକାର ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାରକୁ ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିରୋଧୀ । ଅପରପକ୍ଷେ ଶାସକ ଦଳର ବିଧାୟକମାନେ ପାଲଟା ▶ପୃଷ୍ଠା-୭

### ତୃତୀୟ ସୋଆ ସାହିତ୍ୟ ଉତ୍ସବ ଉଦ୍‌ଘାଟିତ

## ସଂସ୍କୃତିକୁ ଆମେ ପଛରେ ଛାଡ଼ି ଦେଇଛୁ: ଜାଭେଦ ଅଖତର୍



**ଜାଭେଦ ଅଖତରଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନ**

■ ଭୁବନେଶ୍ୱର, ୨୯।୧୧ (ସମିସ): ଭାଷା, ସଂସ୍କୃତି, ପୁରାଣ, କବିତା ଏବଂ କଳା ଆମର ମହାନ ସଂସାଧନ । ଭାରତ ଯେତେବେଳେ ସ୍ୱାଧୀନତା ଲାଭ କଲା, ସେତେବେଳେ ଦେଶର ଗୋଟିଏ ଛୁଞ୍ଚି ମଧ୍ୟ ପ୍ରସ୍ତୁତ କରିବାର କ୍ଷମତା ନଥିଲା । କିନ୍ତୁ ବର୍ତ୍ତମାନ ଏହା ବିଶ୍ୱର ଅନ୍ୟତମ ଶିଳ୍ପ ସମୃଦ୍ଧ ରାଷ୍ଟ୍ର । ଏହି ସଫଳତା ଭିତରେ ଆମେ ଆମର କିଛି ବସ୍ତୁକୁ ବ୍ୟବହାରଯୋଗ୍ୟ ନୁହେଁ ବୋଲି ଭାବି ପ୍ଲାଟଫର୍ମରେ ଛାଡ଼ି ଦେଇ ଆସିଛୁ । ଆମେ ଭାବିବା ଆରମ୍ଭ କରିଦେଇଛୁ ଯେ ଆମେ ଆମ ସହ ସବୁ କିଛି ସାଙ୍ଗରେ ନେଇ ଚାଲିପାରିବୁ ନାହିଁ । ଏହା ମଧ୍ୟରୁ ଆମ ସଂସ୍କୃତି ▶ପୃଷ୍ଠା-୭






### ସମ୍ବଲପୁରରେ ଆରମ୍ଭରୁ ଧାନକିଣା ବିଭ୍ରାଟ

## ମାର୍କେଟ୍ ୟାର୍ଡରୁ ଗଲା; ମିଲ୍ ଆଗରେ ଅଟକିଲା

**ମିଲ୍ ସମ୍ମୁଖରେ ଧାରଣା ଦେଲେ ଚାଷୀ**

**ଉତ୍ତେଜନା ପରେ ରାତିରେ ଉଠିଲା ଧାନ**

**ସୋମବାରଠାରୁ ଧାନ ଉଠାଇବା ସମ୍ପୂର୍ଣ୍ଣ ବନ୍ଦ: ମିଲର୍ ସଂଘ**

**ଅସହାୟ ପ୍ରଶାସନ, ସରକାର ବିଫଳ**

■ ସମ୍ବଲପୁର, ୨୯।୧୧ (ସମିସ): ସରକାର-ମିଲର୍ ବିବାଦରେ ପେଷି ହେଉଛି ଚାଷୀ । ସମ୍ବଲପୁର ଜିଲ୍ଲା ବରେଇପାଲିରେ ଆଜି ଏଭଳି ଏକ ଦୃଶ୍ୟ ସାମ୍ନାକୁ ଆସିଛି । ମାର୍କେଟ୍ ୟାର୍ଡରୁ ଧାନ ଗାଡ଼ି ଯାଇଥିଲେ ହେଁ ମିଲର୍ ଧାନ ନେବାକୁ ଅମଙ୍ଗ ହେବାରୁ ଶହଶହ ବସ୍ତା ମିଲ୍ ଆଗରେ ପଡ଼ି ରହିବା ଭଳି ଅବସ୍ଥା ସୃଷ୍ଟି ହୋଇଛି । ଏହାର ପ୍ରତିବାଦରେ ମିଲ୍ ଆଗରେ ଚାଷୀମାନେ ଧାରଣା ଦେବାରୁ ମିଲର୍ ଧାନ ଉଠାଇଛି । କିନ୍ତୁ ସୋମବାରଠାରୁ ଆଉ ଧାନ ନେବନି ବୋଲି ରୋକଠୋକ୍ ମନା କରିଦେଇଛି । ଏପରିକି, ସରକାରଙ୍କ ସହ ଲାଗି ରହିଥିବା ବିବାଦର ସମାଧାନ ନ ହେବା ପର୍ଯ୍ୟନ୍ତ ମିଲର୍‌ମାନେ କେଜିଏ ଧାନ ବି ଉଠାଇବେନି ବୋଲି ରାଜ୍ୟ ମିଲ୍ ମାଲିକ ସଂଘ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛି । ସେପଟେ, ମିଲର୍‌ଙ୍କ ଏହି ଚେତାବନୀ ପରେ କୃଷକ ସଂଗଠନ ମଧ୍ୟ ମୁହଁ ଖୋଲିଛି । ସୋମବାରଠାରୁ ଧାନକିଣା ସ୍ୱାଭାବିକ ନହେଲେ, ସିନ୍ଦୂରପଙ୍କ ସମେତ ଅନ୍ୟ ସ୍ଥାନମାନଙ୍କରେ ରାସ୍ତାରୋକ କରିବ ବୋଲି ଚେତାବନୀ ଦେଇଛି । ▶ପୃଷ୍ଠା-୭



## ୬୮୦୧ ପଞ୍ଚାୟତରେ ପିଅନ ନିଯୁକ୍ତ ହେବେ

■ ଭୁବନେଶ୍ୱର, ୨୯ ।୧୧ (ସମିସ): ପ୍ରତି ପଞ୍ଚାୟତରେ ନିଯୁକ୍ତ ହେବେ ପିଅନ । ସରକାରୀ ଯୋଜନାର ସଫଳ ରୂପାୟନ କରିବାପାଇଁ ସରକାର ଏହି ନୂତନ ପଦ ସୃଷ୍ଟି କରିଛନ୍ତି । ପଞ୍ଚାୟତିରାଜ ଓ ପାନୀୟ ଜଳ ବିବାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ କୁହାଯାଇଛି ଯେ, ପଞ୍ଚାୟତ ସ୍ତରରେ ସେମାନେ କାର୍ଯ୍ୟ କରିବେ । ମାସକୁ ୧୩,୧୬୦ ଟଙ୍କା ଲେଖାଏଁ ଦରମା ପ୍ରଦାନ କରାଯିବ । ସେମାନଙ୍କ ପ୍ରଦର୍ଶନକୁ ଭିତ୍ତି କରି ଦରମା କମ୍ ବା ବେଶି କରାଯାଇପାରେ । ସୂଚନାଯୋଗ୍ୟ, ରାଜ୍ୟରେ ମୋଟ୍ ୬୮୦୧ଟି ପଞ୍ଚାୟତ ଥିବାବେଳେ ନୂତନ ନିଯୁକ୍ତି ପାଇଁ ସମାନ ସଂଖ୍ୟକ ପଦ ସୃଷ୍ଟି ହେବ ।

## ପହିଲାରୁ ସଂସଦ, ଆଜି ସର୍ବଦଳୀୟ ବୈଠକ

ନୂଆଦିଲ୍ଲୀ, ୨୯।୧୧: ଆସନ୍ତା ଡିସେମ୍ବର ପହିଲା ତାରିଖରୁ ସଂସଦର ଶୀତକାଳୀନ ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଏହାପୂର୍ବରୁ ସର୍ବଦଳୀୟ ବୈଠକ ଡାକିଛନ୍ତି ସରକାର। ଆସନ୍ତାକାଲି ସବୁ ଦଳର ସଂସଦୀୟ ଦଳର ନେତାମାନଙ୍କ ବୈଠକ ହେବ ଏବଂ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଏହି ବୈଠକରେ ଉପସ୍ଥିତ ରହିବେ। ଉଭୟ ଲୋକସଭା ଏବଂ ରାଜ୍ୟସଭାରେ କାର୍ଯ୍ୟ ପରିଚାଳନାରେ ସରକାରଙ୍କୁ ସହଯୋଗ କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିବେ ବୋଲି ଜଣାପଡ଼ିଛି। ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୦ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାର କାର୍ଯ୍ୟକ୍ରମ ରହିଛି। ଏହା ଉପରେ ଆଲୋଚନା କରିବା ଲାଗି ସେ ସମସ୍ତ ଦଳର ନେତାଙ୍କୁ ଅନୁରୋଧ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ସମସ୍ତ ପ୍ରସଙ୍ଗରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି। ତେବେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍ ଏବଂ ଦିଲ୍ଲୀ ପ୍ରଦୂଷଣ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ସଂସଦରେ ଅଚଳାବସ୍ଥା ସୃଷ୍ଟି କରିପାରନ୍ତି ବୋଲି କୁହାଯାଉଛି। ସରକାର 'ବନ୍ଦେ ମାତରମ' ପ୍ରସଙ୍ଗରେ ମଧ୍ୟ ଆଲୋଚନା କରିବାକୁ ଯୋଜନା କରିଛନ୍ତି ଏବଂ ଏହାକୁ ନେଇ ପରିସ୍ଥିତି ସରଗରମ ରହିବ ବୋଲି ସୂଚନା ମିଳିଛି। ସୂଚନାରଯୋଗ୍ୟ ଯେ ସରକାର ସଂସଦର ଏହି ଶୀତକାଳୀନ ଅଧିବେଶନକୁ ସଂକ୍ଷିପ୍ତ ସମୟ ପାଇଁ ଡାକିଥିବାରୁ ବିରୋଧୀ ଦଳ ଏହାର ସମାଲୋଚନା କରିଛନ୍ତି।

## ପଶ୍ଚିମବଙ୍ଗ: ବିରୋଧ ପରେ ୱାକଫ୍ ଆଇନ ଲାଗୁ

କୋଲକାତା, ୨୯।୧୧(ଏଜେନ୍ସି): ପଶ୍ଚିମବଙ୍ଗରେ ମମତା ବାନାର୍ଜୀ ସରକାର ୮ ମାସ ଧରି ବିରୋଧ କରିବା ପରେ ଶେଷରେ ୱାକଫ୍ ସଂଶୋଧାନ ଆଇନ ଲାଗୁ କରିବାକୁ ରାଜି ହୋଇଛନ୍ତି। ରାଜ୍ୟର ୮୦୬୩ ୱାକଫ ସମ୍ପତ୍ତିର ସୂଚନା ୨୦୨୫ ଡିସେମ୍ବର ସୁଦ୍ଧା କେନ୍ଦ୍ର ସରକାରଙ୍କ ୟୁଏମ୍ଆଇଡି ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବାକୁ ରାଜ୍ୟ ସରକାର ସବୁ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୱାକଫ ସଂଶୋଧନ ଆଇନ୍ ଚଳିତବର୍ଷ ଏପ୍ରିଲ ୪ରେ ସଂସଦର ଦୁଇଟି ଗୃହରେ ପାରିତ ହୋଇଥିଲା। ସେତେବେଳେ ଏହି ଆଇନ୍‌କୁ ଲାଗୁ କରିବି ନାହିଁ ବୋଲି ପଶ୍ଚିମବଙ୍ଗ ସରକାର କହିଥିଲେ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏପ୍ରିଲ ୮ରେ ଏକ ରାଲିରେ କହିଥିଲେ ଯେ, ଯେପର୍ଯ୍ୟନ୍ତ ମମତା ଦିଦି ଅଛି, ସେପର୍ଯ୍ୟନ୍ତ ରାଜ୍ୟରେ ମୁସ୍‌ଲିମ ସମ୍ପ୍ରଦାୟର ସମ୍ପତ୍ତିକୁ ରକ୍ଷା କରିବ। ଏଥିପାଇଁ ଆବଶ୍ୟକ ହେଲେ ଗୁଳି ଖାଇବାକୁ ପ୍ରସ୍ତୁତ ଅଛି। ଏକତାରୁ ମୋତେ ଅଲଗା କରାଯାଇପାରିବ ନାହିଁ। ପଶ୍ଚିମବଙ୍ଗରେ ଧର୍ମ ନାମରେ ଭାଗବଣ୍ଟା ହୋଇପାରିବ ନାହିଁ ବୋଲି ସେ କହିଥିଲେ। ଏହି ଆଇନ୍ ନେଇ କୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। କିନ୍ତୁ ସୁପ୍ରିମକୋର୍ଟ ଏହି ଆଇନ୍ ଲାଗୁ ହେବା ନେଇ କୌଣସି ରୋକ ଲଗାଇ ନାହାନ୍ତି। ଫଳରେ ମମତା ଶେଷରେ ଏହି ନିୟମ ଲାଗୁ କରିବାକୁ ରାଜି ହେବାକୁ ବାଧ୍ ହୋଇଛନ୍ତି ବୋଲି କୁହାଯାଇଛି।

## ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଚିନ୍ତା ପ୍ରକଟ କଲା ଜାତିସଂଘ

ନ୍ୟୁୟର୍କ, ୨୯।୧୧(ଏଜେନ୍ସି): ପାକିସ୍ତାନରେ ହୋଇଥିବା ସମ୍ବିଧାନ ସଂଶୋଧନ ଓ ସେନାଧ୍ୟକ୍ଷ ଆସିମ ମୁନୀରଙ୍କ ଶକ୍ତିବୃଦ୍ଧି ନେଇ ଜାତିସଂଘ ତରଫରୁ ଚିନ୍ତା ପ୍ରକଟ କରାଯାଇଛି। ପାକିସ୍ତାନରେ ହୋଇଥିବା ୨୭ତମ ସମ୍ବିଧାନ ସଂଶୋଧନ ନ୍ୟାପାଳିକା ତଥା କୋର୍ଟଙ୍କ କ୍ଷମତାକୁ ସଙ୍କୁଚିତ ଓ ଦୁର୍ବଳ କରିବ ବୋଲି ଜାତିସଂଘ ମାନିବକ ଅଧିକାର ଏଜେନ୍ସି (ୟୁଏନ୍‌ଏଚ୍‌ଆର) ହାଇ କମିଶନର ଭୋଲକର ଟର୍କ ସତର୍କ କରାଇଛନ୍ତି। ଏହି ସମ୍ବିଧାନିକ ପରିବର୍ତ୍ତନ ଅତ୍ୟାବଶକୀୟ ଆଇନ୍ ଓ ନିୟମକୁ ଆହୁରି ଦୁର୍ବଳ କରିବ। ଫଳରେ ପାକିସ୍ତାନରେ ଆଇନ ବ୍ୟବସ୍ଥା ପ୍ରଭାବିତ ହେବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ସେ କହିଛନ୍ତି। ନଭେମ୍ବର ୧୨ରେ ସେନାର ଶକ୍ତି ବୃଦ୍ଧି କରିବାକୁ ଓ ସୁପ୍ରିମକୋର୍ଟର କ୍ଷମତା କମ୍ କରିବାକୁ ୨୭ତମ ସମ୍ବିଧାନ ସଂଶୋଧନକୁ ସଂସଦରେ ଅନୁମୋଦନ କରାଯାଇଥିଲା। ଏହିକ୍ରମରେ ସମ୍ବିଧାନର ୪୮ତମ ଅନୁଚ୍ଛେଦରେ ପରିବର୍ତ୍ତନ କରାଯାଇଥିଲା। ଏହା ଦ୍ୱାରା କୋର୍ଟ ଓ ଆଇନ୍ ବ୍ୟବସ୍ଥା ଉପରେ ରାଜନୀତିର ପ୍ରଭାବ ବୃଦ୍ଧିପାଇବ। ସମ୍ବିଧାନ ସଂଶୋଧନ ନେଇ ପୁଣି ଥରେ ବିଚାର କରିବାକୁ ଟର୍କ ଅପିଲ କରିଛନ୍ତି। ଉଲ୍ଲେଖଥାଉ କି, ନଭେମ୍ବର ୨୭ରେ ମୁନୀର ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଭାବେ ଦାୟିତ୍ୱ ବହନ କରିଥିଲେ। ଏବେ ତାଙ୍କ ହାତରେ ପରମାଣୁ ଅସ୍ତ୍ର ରହିଛି।

## ତେଜସ୍ୱୀ ବିହାର ବିଧାନସଭା ବିରୋଧୀ ନେତା

ପାଟନା, ୨୯।୧୧(ଏଜେନ୍ସି): ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି) ବିଧାୟକ ତେଜସ୍ୱୀ ଯାଦବ ବିହାର ବିଧାନସଭାରେ ବିରୋଧୀ ମେଣ୍ଟର ନେତା ନିର୍ବାଚିତ ହୋଇଛନ୍ତି। ଆରଜେଡି ଓ ମହାମେଣ୍ଟ ବିଧାୟକ ଦଳ ବୈଠକରେ ଏ ନେଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଛି। ଆରଜେଡି, କଂଗ୍ରେସ ଓ ବାମଦଳଗୁଡିକର ବିଧାୟକମାନେ ତେଜସ୍ୱୀଙ୍କ ନାମକୁ ଅନୁମୋଦନ କରିଥିଲେ। ଗୃହରେ ସଭ୍ୟ ସଂଖ୍ୟା କମ୍ ହୋଇଥିଲେ ମଧ୍ୟ ଜନ କଲ୍ୟାଣ ଦୃଷ୍ଟିକୁ ଦୃଷ୍ଟିରେ ରଖି ଏକାଠି ହୋଇ ମେଣ୍ଟ ଦୃଢ଼ତାର ସହ ସ୍ୱର ଉତ୍ତୋଳନ କରିବ ବୋଲି ସମସ୍ତେ ଏକ ସ୍ୱରରେ ବୈଠକରେ କହିଥିଲେ। ଡିସେମ୍ବର ୧ରେ ବିଧାନସଭାବର ଅଧିବେଶନ ଆରମ୍ଭ ହେବ। ଏହାପୂର୍ବରୁ ତେଜସ୍ୱୀ ଯାଦବଙ୍କ ବାସଭବନରେ ମହାମେଣ୍ଟର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୋଗ ଦେବାକୁ ତେଜସ୍ୱୀ ଶନିବାର ଦିଲ୍ଲୀରୁ ପାଟନା ପହଞ୍ଚିଥିଲେ। ବିଧାନ ସଭାବେ ଶାସକ ଏନ୍‌ଡିଏର ୨୦୨ ବିଧାୟକ ଥିବା ବେଳେ ବିରୋଧୀ ମେଣ୍ଟର ୩୫ ଜଣ ବିଧାୟକ ରହିଛନ୍ତି। ଏଥିରେ ଆରଜେଡିର ୨୫, କଂଗ୍ରେସର ୬ ଓ ବାମ ଦଳର ୪ ଜଣ ବିଧାୟକ ସାମିଲ ରହିଛନ୍ତି।

## ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବ ନ୍ୟୁଜିଲାଣ୍ଡ

ନୂଆଦିଲ୍ଲୀ, ୨୯।୧୧(ଏଜେନ୍ସି): ନ୍ୟୁଜିଲାଣ୍ଡ ସରକାର ୨୦୫୦ ପର୍ଯ୍ୟନ୍ତ ଦେଶର ପାଖାପାଖି ୨୫ ଲକ୍ଷ ଜଙ୍ଗଲୀ ବିଲେଇଙ୍କୁ ମାରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ଦୁର୍ବଳ ଜୀବ- ଜନ୍ତୁ ଓ ପକ୍ଷୀଙ୍କୁ ବଞ୍ଚାଇବା ପାଇଁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି କୁହାଯାଇଛି। ବିଲେଇମାନେ



ପୋଷା ବିଲେଇମାନଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଏମାନେ ଶିକାର କରି ବଞ୍ଚି ରହିଥାନ୍ତି। ଏହି ବିଲେଇଗୁଡିକ ନ୍ୟୁଜିଲାଣ୍ଡର ଜଙ୍ଗଲ ଓ ଦୂର ଦୂରାନ୍ତ ସ୍ଥାନରେ ରହିଥାନ୍ତି। ଏମାନଙ୍କ ସଂଖ୍ୟା ଏବେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ବୋଲି ପୋଟାକା କହିଛନ୍ତି। ଏହି ବିଲେଇଗୁଡିକର ଲମ୍ବ ଏମାନଙ୍କର ଶିକାର କରୁଛନ୍ତି। ଏହି ଜଙ୍ଗଲୀ ବିଲେଇଗୁଡିକ ବେଶ୍ ଘାତକ ବୋଲି ନ୍ୟୁଜିଲାଣ୍ଡ ସଂରକ୍ଷଣ ମନ୍ତ୍ରୀ ତାମା ପୋଟାକା କହିଛନ୍ତି। ଏହି ବିଲେଇଗୁଡିକୁ ଏବେ 'ପ୍ରିଡେଟର ଫ୍ରି ୨୦୫୦' ପ୍ରୋଗାମ୍‌ରେ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ୨୦୧୬ରେ ପକ୍ଷୀ, ବାଦୁଡି, ଝିଟିପିଟି ଓ କିଡାଙ୍କୁ ପ୍ରତି ବିପଦ ସୃଷ୍ଟିକରୁଥିବା ଆକ୍ରମଣାତ୍ମକ ପ୍ରଜାତିକୁ ଶେଷ କରିବା ପାଇଁ ଆରମ୍ଭ କରାଯାଇଛି। ଏହି ଜଙ୍ଗଲୀ ବିଲେଇ ୧ ମିଟର ହୋଇଥିବା ବେଳେ ଓଜର ୭ କେଜି। ଏହି ବିଲେଇମାନଙ୍କ ଯୋଗୁଁ ବହୁ ଜୀବଜନ୍ତୁଙ୍କ ଅସ୍ତିତ୍ୱ ବିପଦରେ ପଡ଼ିଛି। ଷ୍ଟିୱାର୍ଟ ଦୀପରେ ରହୁଥିବା ଦକ୍ଷିଣୀ ଡୋଟେରେଲ ପକ୍ଷୀ ଏବେ ବିଲୁପ୍ତ ହେବାକୁ ବସିଲେଣି ବୋଲି ସେ କହିଛନ୍ତି। ପୁଣି ଏହି ବିଲେଇଙ୍କ କାରଣରୁ ଟୋକ୍ସୋପ୍ଲାସମୋସିସ୍ ଭଳି ରୋଗ ବ୍ୟାପୁଛି ଓ ଏହି କାରଣରୁ ଡଲଫିନ୍, ମଣିଷ ଓ ଅନ୍ୟ ଜୀବଜନ୍ତୁ ବିପଦରେ ପଡୁଛନ୍ତି।

## ଶାହିନ୍ ଫ୍ଲାଟ୍‌ରୁ ମିଳିଲା ୧୮.୫୦ ଲକ୍ଷ ଟଙ୍କା

ଫରିଦାବାଦ୍, ୨୯।୧୧(ଏଜେନ୍ସି): ଦିଲ୍ଲୀର ଲାଲ୍‌କିଲ୍ଲାରେ ହୋଇଥିବା ବୋମା ବିସ୍ଫୋରଣର ଯାଞ୍ଚ୍ ନ୍ୟାସନାଲ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ) କରୁଛି। ଏହି ମାମଲାରେ ଆତଙ୍କବାଦ ମଡ୍ୟୁଲ୍‌ରେ ସାମିଲ ଥିବା ମହିଳା ଡାକ୍ତର ଶାହିନ ସହିଦର ଫରିଦାବାଦ୍‌ସ୍ଥିତ ଅଲ- ଫଲାହ ବିଶ୍ୱବିଦ୍ୟାଳୟର ଫ୍ଲାଟ୍‌ରୁ ୧୮.୫୦ ଲକ୍ଷ



ଟଙ୍କା ସହ ସୁନାର ବିସ୍କୁଟ ଓ ଗହଣା ମିଳିଛି। ତାଙ୍କ ଆଲମାରୀରୁ ଆରବ ଦେଶରେ ମୁଦ୍ରା ମଧ୍ୟ ମିଳିଛି। ଗୁରୁବାର ରାତିରେ ଏନ୍‌ଆଇଏ ଶାହିନଙ୍କୁ ନେଇ ଅଲ-ଫଲହା ବିଶ୍ୱବିଦ୍ୟାଳୟ ପହଞ୍ଚିଥିଲା। ଟିମ ସେଠାରେ ଶାହିନର ଗତିବିଧିକୁ ନେଇ ଯାଞ୍ଚ୍ କରିଥିଲେ। ବିଶ୍ୱବିଦ୍ୟାଳୟ ଭିତରେ ଶାହିନର ଫ୍ଲାଟ୍ ନଂ ୨୨ ଥିଲା ବୋଲି ଏନ୍‌ଆଇଏ ଜାଣିବାକୁ ପାଇଛି। ଏହି ଫ୍ଲାଟ୍‌ରେ ବହୁ ସମୟ ଧରି ରହୁଥିଲା। ଫ୍ଲାଟ୍‌ର ଆଲମାରୀ ଖୋଲିବା ପରେ ଭିତରେ ଏକ ସିକ୍ରେଟ ଲକର ମିଳିଥିଲା। ତାଙ୍କୁ ଖୋଲାଯାଇଥିଲା ଓ ସେଥିରେ ଏକ ପକେଟ ରଖାଯାଇଥିଲା ଓ ଏଥିରେ ୫୦୦ ଟଙ୍କିଆ ନୋଟ ଥିଲା। ଗଣିବା ପରେ ଏହା ୧୮.୫୦ ଲକ୍ଷ ଟଙ୍କା ବୋଲି ଜଣାପଡ଼ିଥିଲା। ଅଲମାରୀର ଦ୍ୱିତୀୟ ଲକରରୁ ସୁନାର ଦୁଇଟି ବିସ୍କୁଟ ଓ ୩୦୦ ଗ୍ରାମର ସୁନା ଗହଣା ମିଳିଥିଲା। ଏହି ଆଲମାରୀରେ ଆରବ ଦେଶର ମୁଦ୍ରା ମଧ୍ୟ ମିଳିଥିଲା। ଏଥିସହ ବିଶ୍ୱବିଦ୍ୟାଳୟର ଆଡମିଶନ ବ୍ଲକରୁ ଶାହିନର କିଛି କାଗଜପତ୍ରକୁ ମଧ୍ୟ ଏଜେନ୍ସି ଜବତ କରିଥିଲା। ଏଜେନ୍ସି ଶାହିନକୁ କେବିନ ଓ କ୍ଲାସରୁମ ନେଇ ପହଞ୍ଚିଥିଲା। ବିଶ୍ୱବିଦ୍ୟାଳୟର ଭାଇସ ଚାନ୍ସଲରଙ୍କ ନିକଟକୁ ମଧ୍ୟ ତାଙ୍କୁ ନିଆଯାଇଥିଲା। ଉଲ୍ଲେଖଥାଉ କି, ଲାଲକିଲ୍ଲା ବିସ୍ଫୋରଣରେ ଶାହିନ ସମେତ ୭ ଜଣ ଆତଙ୍କବାଦୀଙ୍କୁ ଗିରଫ କରାଯାଇଛି ଓ ଏମାନଙ୍କ ମଧ୍ୟରେ ୩ ଜଣ ଡାକ୍ତର ସାମିଲ ରହିଛନ୍ତି।

# ତୁଟୁନି କର୍ଣ୍ଣାଟକ ଅଡୁଆ



ବେଙ୍ଗାଲୁରୁ, ୨୯।୧୧ (ଏଜେନ୍ସି): କର୍ଣ୍ଣାଟକରେ କଂଗ୍ରେସ ସରକାରକୁ ଅଢ଼େଇ ବର୍ଷ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଆରମ୍ଭ ହୋଇଥିବା କଳି ତୁଟିବାର ନା ଧରୁନି। ମୁଖ୍ୟମନ୍ତ୍ରୀ ଚୌକିକୁ ନେଇ ଲାଗିଥିବା ଏହି ଟଣା ଓଟରା ଖୋଲାଖୋଲି ଭାବେ ସାମ୍ନାକୁ ଆସି ଯାଇଛି। ଜଣେ ମୁଖ୍ୟମନ୍ତ୍ରୀ ହେବାକୁ ଚାହୁଁଥିବାବେଳେ ଆଉ ଜଣେ ଚୌକି ନ ଛାଡ଼ିବାକୁ ଅଡ଼ି ବସିଛନ୍ତି। ଏହି ବିବାଦ ସାଇବର ସହରରୁ ରାଜଧାନୀ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ମଧ୍ୟରେ ପଦବୀ ବିବାଦ ଏତେ ବଢ଼ି ଯାଇଥିଲା ଯେ କଂଗ୍ରେସ ହାଇକମାଣ୍ଡଙ୍କୁ ହସ୍ତକ୍ଷେପ କରିବାକୁ ପଡ଼ିଛି। ଉଭୟ ଗୋଷ୍ଠୀର କର୍ମୀ ନିଜ ନିଜ ନେତାଙ୍କୁ ମୁଖ୍ୟମନ୍ତ୍ରୀ କରିବାକୁ ଦାବି କରିନ୍ତି। ଅଢ଼େଇ ବର୍ଷ ପୂରଣ ହୋଇଥିବାରୁ ଗାଦି ଛାଡ଼ ବୋଲି ଡିକେଙ୍କ ସମର୍ଥକ ଦାବି କରିଛନ୍ତି। କିନ୍ତୁ ଏଭଳି କୌଣସି ଚୁକ୍ତି ହୋଇ ନ ଥିବା ସିଦ୍ଧରମୈୟା ଗୋଷ୍ଠୀ ମତ ଦେଉଛନ୍ତି। ତେବେ ହାଇକମାଣ୍ଡଙ୍କ ନିର୍ଦ୍ଦେଶରେ ସିଦ୍ଧରମୈୟା ନିଜ ସହଯୋଗୀ ତଥା କଂଗ୍ରେସ ଅଧ୍ୟକ୍ଷ ଡିକେ ଶିବକୁମାରଙ୍କୁ ଜଳଖିଆ ପାଇଁ ଡକାଇଛନ୍ତି। ଆଉ ଏହାକୁ ରକ୍ଷା କରି ଶନିବାର ସକାଳ ୧୦ଟା ୧୫ରେ ଡିକେ ତାଙ୍କ ବାସଭବନରେ ପହଞ୍ଚିଥିଲେ। ଏହି ଭେଟଘାଟକୁ କଂଗ୍ରେସରେ ଚାଲିଥିବା କ୍ଷମତା କଳିର ସମାଧାନ ଭାବେ ଦେଖାଯାଉଛି। ଉଭୟ ନେତା ପ୍ରାୟ ଏକ ଘଣ୍ଟା ପର୍ଯ୍ୟନ୍ତ ଜଳଖିଆ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହା ମିଳିତ ସାମ୍ବାଦିକ ସମ୍ମିଳନୀ କରିଥିଲେ।

- ଏକାଠି ଜଳଖିଆ କଲେ ସିଦ୍ଧରମୈୟା-ଶିବକୁମାର
- ଯୁଗ୍ମ ସାମ୍ବାଦିକ ସମ୍ମିଳନୀରେ ମତଭେଦ ନ ଥିବା କହିଲେ

ସିଦ୍ଧରମୈୟା କହିଥିଲେ ଯେ ଆମ ଭିତରେ କୌଣସି ମତଭେଦ ନାହିଁ ଏବଂ ଭବିଷ୍ୟତରେ ମଧ୍ୟ ହେବ ନାହିଁ। ଉଭୟେ ଏକାଠି କାମ କରିବୁ। ବିଜେପି ଏବଂ ଜେଡିଏସ ମିଥ୍ୟା ଅଭିଯୋଗ ଲଗାଇଥିବା କହିଥିଲେ। ଉଭୟ ଦଳ କଂଗ୍ରେସ ସାମ୍ନାରେ ତିଷ୍ଠି ପାରିବେ ନାହିଁ ବୋଲି ଉଲ୍ଲେଖ କରିଥିଲେ। ସେହିପରି ଡିକେ କହିଥିଲେ ଯେ ଜନତାଙ୍କ ସମର୍ଥନରେ ସରକାର ଗଢିଛୁ। ଯାହା ପ୍ରତିଶ୍ରୁତି ଦେଇଛୁ ତାହା କରିବା ପାଇଁ କାମ କରୁଛୁ। ହାଇକମାଣ୍ଡ ଯାହା କହିବେ ଆମେ ତାହା ପାଳନ କରିବୁ। କୌଣସି ଗୋଷ୍ଠୀ କନ୍ଦଳ ନାହିଁ। ମୁଁ ମୁଖ୍ୟମନ୍ତ୍ରୀଙ୍କ ସହ ରହିଛି। କର୍ଣ୍ଣାଟକରେ ବିକାଶକୁ ପ୍ରାଧାନ୍ୟ ଦେବୁ। ପୁଣି ଥରେ ୨୦୨୮ରେ ସରକାର ଗଠନ କରିବୁ।

ସୂଚନା ଅନୁଯାୟୀ ଏହି ବୈଠକରେ ୨୦୨୮ରୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ଡିକେଙ୍କୁ ଶିବକୁମାର କହିଥିଲେ। ଆଉ କିଛି ରିପୋର୍ଟରେ ମୁଖ୍ୟମନ୍ତ୍ରୀ ବଦଳାଇବା ମାମଲାକୁ ମାର୍ଚ୍ଚ-ଏପ୍ରିଲ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିବା କୁହାଯାଉଛି। ଏହା ପରେ ଶିବକୁମାର ସରକାରର ମୁଖ୍ୟ ହୋଇପାରନ୍ତି। ସହଜରେ କ୍ଷମତା ପରିବର୍ତ୍ତନ ପାଇଁ ଶିବକୁମାରଙ୍କୁ ଶାନ୍ତ ରହି ନିଜ କାମ କରିବାକୁ ହାଇକମାଣ୍ଡ ନିର୍ଦ୍ଦେଶ ଦେଇଛନ୍ତି।

## ବାଇଡେନଙ୍କ ୯୨% ନିର୍ଦ୍ଦେଶ ରଦ୍ଦ କଲେ ଟ୍ରମ୍ପ

ୱାଶିଂଟନ, ୨୯।୧୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଏକ ଚକିତ କଲା ଭଳି ପଦକ୍ଷେପ ନେଇଛନ୍ତି। ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନଙ୍କ କାର୍ଯ୍ୟକାଳରେ ଜାରି କରାଯାଇଥିବା ୯୨ ପ୍ରତିଶତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକୁ ଟ୍ରମ୍ପ ରଦ୍ଦ କରିଦେଇଛନ୍ତି। ସେ ନିଜ ସାମାଜିକ ଗଣମାଧ୍ୟମ ସାଇଟ୍ 'ଟ୍ରୁଥ୍ ସୋସିଆଲ'ରେ ଏହାର ସୂଚନା ଦେଇଛନ୍ତି। ଟ୍ରମ୍ପ ଏହି ନିର୍ଦ୍ଦେଶକୁ ନେଇ ବଡ଼ ଦାବି ମଧ୍ୟ କରିଛନ୍ତି। ସେ କହିଛନ୍ତି ଯେ ଏହି ସବୁ ନିର୍ଦ୍ଦେଶରେ ଅଟୋପେନ୍ ତଥା ମେସିନରେ ଦସ୍ତଖତ କରଯାଇଥିଲା। ଆମେରିକା ରାଷ୍ଟ୍ରପତି ସ୍ୱଷ୍ଟ ନିର୍ଦ୍ଦେଶ ଦେଇଥିଲେ ଏହା ବୈଧ ହୋଇଥାଏ। ବାଇଡେନଙ୍କ ମଞ୍ଜୁରି ନ ନେଇ ଏପରି

- ମେସିନରେ ଦସ୍ତଖତ ହୋଇଥିବା ଦାବି
- ପୂର୍ବତନ ରାଷ୍ଟ୍ରପତିଙ୍କୁ ମଞ୍ଜୁର ନ ଥିବାରୁ ବେଆଇନ

କରାଯାଇଥିବାରୁ ତାହାକୁ ରଦ୍ଦ କରିଦିଆଯାଇଛି। କାରଣ ସେ ଅଟୋପେନ ପ୍ରକ୍ରିୟାରେ ସାମିଲ ନ ଥିଲେ। ଏହି ସବୁ ନିର୍ଦ୍ଦେଶକୁ ଆଉ କେବେ ବି କାର୍ଯ୍ୟକାରୀ କରାଯିବ ନାହିଁ।

ଟ୍ରମ୍ପଙ୍କ ଏହି ପଦକ୍ଷେପ ଦ୍ୱାରା ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଭାବିତ ହେବାର ସମ୍ଭାବନା ରହିଛି। ଏଥିରେ ସ୍ୱାସ୍ଥ୍ୟ ପରିବେଶ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସମ୍ବନ୍ଧିତ ନିୟମ ସାମିଲ ରହିଛି। ବାଇଡେନଙ୍କୁ



ଟ୍ରମ୍ପ ନିଦ୍ରାଳୁ ଜୋ ଏବଂ ଚାଲାକ ଜୋ କହି ଧମକ ଦେଇଛନ୍ତି। ଯଦି ବାଇଡେନ ଏହି ନିର୍ଦ୍ଦେଶରେ ନିଜ ସହମତି ଥିବା ଦାବି କରନ୍ତି ତେବେ ତାଙ୍କ ବିରୋଧରେ ମିଥ୍ୟା ବୟାନ ଦେଇଥିବାରୁ ଅଭିଯୋଗ ଲଗାଯିବ ବୋଲି କହିଛନ୍ତି। ହ୍ୱାଇଟ ହାଉସ ନିକଟରେ ନ୍ୟାସନାଲ ଗାର୍ଡଙ୍କ ଉପରେ ଆକ୍ରମଣ ହେବା ପରେ ଟ୍ରମ୍ପ ଏହି ନିଷ୍ପତ୍ତି ନେଇଛନ୍ତି।

ବାଇଡେନ ଚାରି ବର୍ଷ (୨୦୨୧-୨୫) ମଧ୍ୟରେ ମୋଟ ୧୬୨ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶ ଜାରି କରିଥିଲେ। ଏହା ସହିତ ଅନେକ ମେମୋରାଣ୍ଡମ ଏବଂ ନୋଟିସରେ ମଧ୍ୟ ସ୍ୱାକ୍ଷର କରିଥିଲେ। ଗତ ଜାନୁଆରୀରେ ଟ୍ରମ୍ପ ପଦ ସମ୍ଭାଳିବା ପରଠାରୁ ବାଇଡେନ ଯୁଗର ୮୦ ନିର୍ଦ୍ଦେଶକୁ ରଦ୍ଦ କରି ସାରିଲେଣି। କିନ୍ତୁ କିଛି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଏବେ ବି କାର୍ଯ୍ୟକାରୀ ହେଉଛି। ଏବେ ଏହା ମଧ୍ୟରୁ କିଛି ରଦ୍ଦ ହୋଇପାରେ। ଟ୍ରମ୍ପଙ୍କ ଏଭଳି ମନମୁଖୀ ନୀତି ଯୋଗୁଁ ସ୍ୱାସ୍ଥ୍ୟ, ପରିବେଶ, ସଂଖ୍ୟାଲଘୁ, ଏଆଇର ବିକାଶ ଏବଂ ଉପଯୋଗ ସମ୍ବନ୍ଧିତ ଆଇନ ଉପରେ ପ୍ରଭାବ ପଡ଼ିପାରେ। ତେବେ ବିଶେଷଜ୍ଞଙ୍କ ଅନୁଯାୟୀ, ସବୁ ନିର୍ଦ୍ଦେଶର ବୈଧତାର ପ୍ରମାଣ ଦେବା ସମ୍ଭବ ହୋଇ ନ ପାରେ। ମାତ୍ର ବାଇଡେନଙ୍କ ଏହି ସ୍ୱାକ୍ଷରର କିଏ ଯାଞ୍ଚ କରିବ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଆମେରିକାର ନିୟମ ଅନୁଯାୟୀ, କୌଣସି ରାଷ୍ଟ୍ରପତି ନିଜ ପୂର୍ବତନ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକୁ ସଂଶୋଧନ, ରଦ୍ଦ ଏବଂ ପାଳନ କରିବାକୁ ମନା କରିଦେଇପାରିବେ। ତେବେ ଏହାର କିଛି ସୀମା ରହିଛି।

## ରୁଷିଆର ଦୁଇ ତୈଳ ଟ୍ୟାଙ୍କରରେ ବିସ୍ଫୋରଣ

ମସ୍କୋ, ୨୯।୧୧(ଏଜେନ୍ସି): କୃଷ୍ଣ ସାଗରରେ ରୁଷିଆର ଦୁଇଟି ତୈଳ ଟ୍ୟାଙ୍କର କାଇରୋସ ଓ ବିରାଟରେ ଭୟଙ୍କର ବିସ୍ଫୋରଣ ହୋଇଛି। ଦୁଇଟି ଜାହଜର କ୍ରୁ ମେମ୍ବରଙ୍କୁ ସୁରକ୍ଷିତ ଭାବେ ବାହାରକୁ ବାହାର କରାଯାଇଛି। ଡ୍ରୋନ ଦ୍ୱାରା ଆକ୍ରମଣ କରାଯାଇଛି ବୋଲି କ୍ରୁ ମେମ୍ବରମାନେ କହିଛନ୍ତି। ୟୁକ୍ରେନ ଏହି ଆକ୍ରମଣ କରିଛି ବୋଲି



କହିଛି। ପାଣି ଭିତରେ ଚାଲୁଥିବା ୟୁକ୍ରେନର ଡ୍ରୋନ ଦ୍ୱାରା ଏହି ବିସ୍ଫୋରଣ ହୋଇଛି। ଏହି ଅପରେସନ ଏସ୍‌ବିୟୁ ଓ ନୌସେନା ସାଥି ହୋଇ କରିଛନ୍ତି ବୋଲି ୟୁକ୍ରେନର ସୁରକ୍ଷା ଏଜେନ୍ସି ତରଫରୁ କୁହାଯାଇଛି। ଏବେ ଏହି ଦୁଇଟି ଜାହାଜର ବ୍ୟବହାର ଯୋଗ୍ୟ ହୋଇ ରହିବା ନାହିଁ ବୋଲି ୟୁକ୍ରେନ କହିଛି। ଶାନ୍ତି ଚୁକ୍ତିରେ ସ୍ୱାକ୍ଷର କରିବାକୁ ୟୁକ୍ରେନ ଉପରେ ଆମେରିକା ଚାପ ପକାଉଥିବା ବେଳେ ଏହି ଘଟଣା ଘଟିଛି। ଦୁଇଟି ଟ୍ୟାଙ୍କରରେ ଗାମ୍ବିଆର ପତାକା ଲାଗିଥିଲା। ପୂର୍ବରୁ ବିରାଟ ତୈଳ ଟ୍ୟାଙ୍କର ଶୁକ୍ରବାର କ୍ଷତିଗ୍ରସ୍ତ ହୋଇଥିଲା। ନିଆଁର ସ୍ଥିତି ଉପରେ ନଜର ରଖାଯାଇଛି ବୋଲି କୁହାଯାଇଛି। ବିରାଟର ୨୦ଜଣ କ୍ରୁ ମେମ୍ବର ସୁରକ୍ଷିତ ଅଛନ୍ତି। କିନ୍ତୁ ଜାହାଜର ଇଞ୍ଜିନରେ କଳା ଧୂଆଁ ଦେଖିବାକୁ ମିଳିଛି। ଏଥିରେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ତେବେ ରୁଷ୍ ତରଫରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ।

## ତାଜିକିସ୍ତାନର ସୁନା ଖଣିରେ ଚୀନ୍‌ର ୩ ଇଞ୍ଜିନିୟରଙ୍କୁ ହତ୍ୟା

କାବୁଲ୍, ୨୯।୧୧(ଏଜେନ୍ସି): ତାଜିକିସ୍ତାନର ଖାତଲୋନ ରାଜ୍ୟର ଏକ ସୁନା ଖଣିରେ ଉପରେ ହୋଇଥିବା ଡ୍ରୋନ ଆକ୍ରମଣରେ ୩ ଜଣ ଚୀନ୍ ଇଞ୍ଜିନିୟର ମୃତ୍ୟୁବରଣ କରିଛନ୍ତି। ନଭେମ୍ବର ୨୬ରେ ଏହି ଡ୍ରୋନ ଆକ୍ରମଣ ହୋଇଥିଲା। ଆଫଗାନିସ୍ତାନରୁ ହିଁ ଏହି ଡ୍ରୋନ ଆସିଥିଲା ବୋଲି ତାଜିକିସ୍ତାନ ଦାବି କରିଛି। ଏବେ ଏହି ଘଟଣାକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଆଫଗାନିସ୍ତାନର ଅପରାଧିମାନେ ହିଁ ଏହି କାଣ୍ଡ ଘଟାଇଛନ୍ତି ବୋଲି ତାଜିକିସ୍ତାନ ତରଫରୁ କୁହାଯାଇଛି। ଏଭଳି ଘଟଣାକୁ ରୋକିବା ପାଇଁ ତାଲିବାନ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ତାଜିକିସ୍ତାନ କହିଛି। ତେବେ ତାଲିବାନ ଏହି ଡ୍ରୋନ ଆକ୍ରମଣରେ ସମ୍ପୃକ୍ତ ନାହିଁ ବୋଲି ସ୍ପଷ୍ଟ କରିଛି। ପାକିସ୍ତାନରେ ଅରାଜକତା ସୃଷ୍ଟିକରିବାକୁ ଚାହୁଁଥିବା ଏକ ସଂଗଠନ ଅର୍ଥାତ ଗୋଷ୍ଠୀ ଏହି ଆକ୍ରମଣ କରିଛି ବୋଲି ତାଲିବାନ କହିଛି। ତାଲିବାନର ଏହି ଦାବି ପରେ ଚୀନ୍‌ର ଏହି ୩ ଜଣ ଇଞ୍ଜିନିୟରଙ୍କ ମୃତ୍ୟୁ ପଛରେ କାହାର ହାତ ଅଛି ତାହା ଜଣାପଡ଼ିନାହିଁ। ସେପଟେ ଚୀନ୍ ଏହି ଘଟଣା ନେଇ ପ୍ରବଳ ଅସନ୍ତୋଷ ଜାହିର କରିଛି। ଏହି ଘଟଣାକୁ ଚୀନ୍ ନିନ୍ଦା କରିଛି ଓ ସୀମାବର୍ତ୍ତୀ ଅଞ୍ଚଳ ଛାଡ଼ିବାକୁ ନିଜ ନାଗରିକଙ୍କୁ ଚେତାବନୀ ଦେଇଛି। ପୂର୍ବରୁ ମଧ୍ୟ ଚୀନ୍ ଇଞ୍ଜିନିୟରଙ୍କ ଉପରେ ଏଭଳି ଆକ୍ରମଣ ହୋଇଛି। ପାକିସ୍ତାନ ଆଫଗାନିସ୍ତାନକୁ ପରୋକ୍ଷରେ ଦାୟୀ କରିଛି। ଆତଙ୍କବାଦୀଙ୍କ ଉପରେ ଆଫଗାନିସ୍ତାନ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ପାକିସ୍ତାନ କହିଛି। ତାଲିବାନ ମଧ୍ୟ ପାକିସ୍ତାନକୁ ଏହି ଘଟଣା ପାଇଁ ଦାୟୀ କରିଛି। ଚୀନ୍ ଇଞ୍ଜିନିୟରଙ୍କ ଉପରେ ଡ୍ରୋନ ଆକ୍ରମଣକୁ ଆଫଗାନିସ୍ତାନ ମଧ୍ୟ ନିନ୍ଦା କରିଛି।

## ଦକ୍ଷିଣ ପୂର୍ବ ଏସିଆରେ ଝଡ଼ ଓ ବନ୍ୟା ବିପ୍ୟାତ

# ଇଣ୍ଡୋନେସିଆରେ ୨୪୮, ଥାଇଲାଣ୍ଡରେ ୧୬୨ ମୃତ

ଜାକର୍ତ୍ତା, ବ୍ୟାଙ୍କକ/କଲମ୍ବୋ, ୨୯।୧୧(ଏଜେନ୍ସି): 'ସେନିୟାର' ଝଡ଼ ଥାଇଲାଣ୍ଡ, ଇଣ୍ଡୋନେସିଆ, ମାଲେସିଆ, ଭିଏତନାମରେ ବିପର୍ଯ୍ୟୟ ସୃଷ୍ଟି କରିଛି। ପ୍ରବଳ ବର୍ଷା ଯୋଗୁଁ ଆସିଥିବା ବନ୍ୟା ବିପ୍ୟାତ ଆଣିଛି। ଏହା ଜନ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଛି। ବର୍ଷା ଜନିତ ଅଘଟଣରେ ଥାଇଲାଣ୍ଡରେ ୧୬୨ ଜଣ ପ୍ରାଣ ହରାଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଶ୍ରୀଲଙ୍କାରେ ବାତ୍ୟା ଦିତୱା ୧୫୩ ଜଣଙ୍କ ଜୀବନ ନେଇଥିବାବେଳେ ଶତାଧିକ ନିଖୋଜ ଅଛନ୍ତି। ଅନେକ ସ୍ଥାନରେ ଭୂସ୍ଖଳନ ହୋଇଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବ ବୋଲି କୁହାଯାଉଛି। ଥାଇଲାଣ୍ଡ ପ୍ରଶାସନର ସୂଚନା ଅନୁଯାୟୀ, ଝଡ଼ ସେନିୟାରା ଯୋଗୁ ଆସିଥିବା ବନ୍ୟା ୧୨ ପ୍ରଦେଶରେ ଭୟଙ୍କର ସ୍ଥିତି ସୃଷ୍ଟି କରିଛି। ଏଥିରେ ୧୨ ଲକ୍ଷରୁ ଅଧିକ ପରିବାର ଏବଂ ୩୬ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି। ଥାଇଲାଣ୍ଡରେ କ୍ଷୁଦ୍ର କୋଠା ଏବଂ ଗାଡ଼ିଗୁଡିକ ପାଣିରେ ବୁଡ଼ି ଯାଇଛି। ଉଦ୍ଧାରକାରୀ ଦଳ ପାଣି ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ନେଉଛନ୍ତି। ଅନେକ ଜିଲ୍ଲାରେ ଜଳସ୍ତର ଖସିବାରେ ଲାଗିଛି। ବର୍ଷା କମିଥିବାବେଳେ ଝଡ଼ତୋଫାନର ବିପଦ ରହିଛି। ମାଲେସିଆ



ସୀମାରେ ଥିବା ସୋଙ୍ଗଖାଲା ଅଞ୍ଚଳ ବନ୍ୟାରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ଇଣ୍ଡୋନେସିଆରେ ସୁମାତ୍ରା ଦୀପରେ ଭୟଙ୍କର ବନ୍ୟା ଓ ଭୂସ୍ଖଳନ କାରଣରୁ ବଡ଼ ବିପର୍ଯ୍ୟୟ ସୃଷ୍ଟି ହୋଇଛି। ଏହି ପ୍ରାକୃତିକ ବିପତ୍ତିରେ ଏପର୍ଯ୍ୟନ୍ତ ୨୪୮ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଅଧିକାରୀମାନେ ସୂଚନା ଦେଇଛନ୍ତି। କେତେକ ପ୍ରଭାବିତ ଅଞ୍ଚଳରେ ବିମାନ ମାଧ୍ୟମରେ ରିଲିଫ ସାମଗ୍ରୀ ପହଞ୍ଚାଇବାକୁ ପ୍ରୟାସ କରାଯାଉଛି। ମୃତକଙ୍କ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି। ବନ୍ୟା ଓ ଭୂସ୍ଖଳନ କାରଣରୁ ସଡ଼କଗୁଡିକ କ୍ଷତିଗ୍ରସ୍ତ ହୋଇଛି ଓ ବହୁ ଅଞ୍ଚଳ ମୁଖ୍ୟସ୍ରୋତରୁ ଅଲଗା ହୋଇଛି। ଉତ୍ତର ସୁମାତ୍ରାର ମଧ୍ୟ ଟପାନୁଲି ଜିଲ୍ଲା ସମେତ ଅନ୍ୟ ଜିଲ୍ଲାଗୁଡିକରେ ବିମାନ ସାହାଯ୍ୟରେ ରିଲିଫ ସାମଗ୍ରୀ ପହଞ୍ଚାଯାଉଛି। ଏପର୍ଯ୍ୟନ୍ତ ୮୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। କିନ୍ତୁ ସଡ଼କ ପଥ କ୍ଷତିଗ୍ରସ୍ତ ହେବା କାରଣରୁ ହେଲିକପ୍ଟର ଦ୍ୱାରା ଅତ୍ୟାବଶକୀୟ ସାମଗ୍ରୀ ପହଞ୍ଚାଯାଉଛି। ସିବୋଲ୍ଗା ଓ କେନ୍ଦ୍ରୀୟ ଟାପାନୁଲୀ ଭଳି ଅଞ୍ଚଳ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। କେବଳ ଉତ୍ତର ସୁମାତ୍ରା ନୁହେଁ ଇଣ୍ଡୋନେସିଆର ପଶ୍ଚିମ ସୁମାତ୍ରା ଓ ଆସେହ ରାଜ୍ୟରେ ମଧ୍ୟ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହୋଇଛି। ଆସେହର ୨୩ରୁ ୧୦ଟି ଜିଲ୍ଲାରେ ପାଣି ଭରି ରହିଛି। ଇଣ୍ଡୋନେସିଆ କେତେକ ଅଞ୍ଚଳରେ ଏବେ ମଧ୍ୟ ବର୍ଷା ଜାରି ରହିଛି।

## କାର୍ଯ୍ୟକ୍ଷମ ହେଉନି ଓଏଭି ହଷ୍ଟେଲ୍

# ଅଭିଭାବକଙ୍କ ମୁଣ୍ଡରେ ଆର୍ଥିକ ବୋଝ

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ପଢୁଥିବା ପିଲାଙ୍କ ରହିବା ପାଇଁ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ନିର୍ମାଣ ସରିଥିବା କୋଠାଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ବହୁ ଦୂରଦୂରାନ୍ତରୁ ପ୍ରତିଦିନ ଯିବାଆସିବା କରୁଥିବା ଛାତ୍ରଛାତ୍ରୀମାନେ ଆର୍ଥିକ ବୋଝ ମୁଣ୍ଡାଉଛନ୍ତି। ଅପରପକ୍ଷରେ ଆଦର୍ଶ ବିଦ୍ୟାଳୟ ପାଖରେ ହଷ୍ଟେଲ୍ ଓ ପରିବହନ ବ୍ୟବସ୍ଥା ଖୋଲି ଘରୋଇ ମାଲିକମାନେ ମୁନାଫା କମାଉଛନ୍ତି। ଫଳରେ ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ସିବିଏସ୍ଇ ପାଠ୍ୟକ୍ରମରେ ଶିକ୍ଷାଦାନ ପାଇଁ ପରିକଳ୍ପନା ହୋଇଥିବା ଓଏଭି ଲକ୍ଷ୍ୟଚ୍ୟୁତ ହେଉଛି।

■ ଭୂତକୋଠିରେ ପରିଣତ ହେଲାଣି ଅବ୍ୟବହୃତ କୋଠା
■ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବ ୧୦୬ ହଷ୍ଟେଲ୍

ରାଜ୍ୟର ସମସ୍ତ ବ୍ଲକ୍ ସମେତ ଗୋଟିଏ ଆଇକନିକ୍ ଓଏଭିକୁ ମିଶାଇ ମୋଟ୍ ୩୧୫ଟି ଆଦର୍ଶ ବିଦ୍ୟାଳୟ ରହିଛି। ସେହିପରି ଆଉ ୫ଟି ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ (ଓଏମ୍ଏଭି) ରହିଛି। ପ୍ରାୟ ୧ଲକ୍ଷ ୧୦ ହଜାର ଛାତ୍ରଛାତ୍ରୀ ତହିଁରେ ଅଧ୍ୟୟନ କରୁଛନ୍ତି। ସମସ୍ତ ବିଦ୍ୟାଳୟରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ ସହ ପିଲାଙ୍କ ରହିବା ପାଇଁ ହଷ୍ଟେଲ୍ର ପ୍ରାବଧାନ ରହିଛି। ପ୍ରାୟ ସମସ୍ତ ବିଦ୍ୟାଳୟରେ ହଷ୍ଟେଲ୍ ନିର୍ମାଣ କାର୍ଯ୍ୟ ପ୍ରାୟ ଦେଢ଼ବର୍ଷ ହେଲା ସରିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନି। ନୂତନ କୋଠାଗୁଡ଼ିକ ବ୍ୟବହୃତ ହେଉ ନଥିବାରୁ ଭୂତକୋଠିରେ ପରିଣତ ହେଉଥିବା ବେଳେ ଛାତ୍ରଛାତ୍ରୀମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୩୦ରୁ ୩୫ କି.ମି ଯାଏଁ ଅସୁରକ୍ଷିତ ଭାବେ ଯାତାୟାତ କରୁଛନ୍ତି। ଆଉ କିଛି ପିଲା ନିକଟରେ ଥିବା ଘରୋଇ ହଷ୍ଟେଲ୍ରେ ରହୁଛନ୍ତି। ବିକଳ୍ପ ନଥିବାରୁ ଘରୋଇ ହଷ୍ଟେଲ୍ ଇଚ୍ଛା ମୁତାବକ ଫି’ ନେଉଥିବାରୁ ପିଲା ଓ ସେମାନଙ୍କ ଅଭିଭାବକମାନେ ଆର୍ଥିକ ଶୋଷଣର ଶିକାର ହେଉଛନ୍ତି।

କିଛି ସ୍ଥାନରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ କୋଠାକୁ ଓଏଭିକୁ ହସ୍ତାନ୍ତର କରାଯାଇନଥିବା ମଧ୍ୟ ଜଣାପଡ଼ିଛି। ଆଉ କିଛି ସ୍ଥାନରେ ହଷ୍ଟେଲ ପରିଚାଳନା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସ୍ମିତା ରାଉତ କହିଛନ୍ତି ଯେ ହଷ୍ଟେଲ୍ କାର୍ଯ୍ୟକ୍ଷମ କରିବା ପାଇଁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆସବାବପତ୍ର ଏବଂ ପରିଚାଳନା ପାଇଁ ଆବଶ୍ୟକ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଟେଣ୍ଡର ସରିଛି। ଏପରିକି ୧୦୬ଟି ହଷ୍ଟେଲକୁ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡିସେମ୍ବର ଶେଷ ସୁଦ୍ଧା ଏସବୁ ହଷ୍ଟେଲ୍ କାର୍ଯ୍ୟକ୍ଷମ ହେବ। ଆସନ୍ତା ଶିକ୍ଷାବର୍ଷ ପୂର୍ବରୁ ସମସ୍ତ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ପାଇଁ କାର୍ଯ୍ୟକ୍ଷମ ହେବ ବୋଲି ଶ୍ରୀମତୀ ରାଉତ କହିଛନ୍ତି।

# ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ

## ଅଙ୍ଗନବାଡ଼ି ଗୃହ ନିର୍ମାଣ ପାଇଁ ଆବଶ୍ୟକସ୍ଥଳେ ଜାଗା କିଣିବେ ସରକାର

ଭୁବନେଶ୍ୱର, ୨୯।୧୧ (ସମିସ): ରାଜ୍ୟରେ ସମୁଦାୟ ୭୪୨୨୪ଟି ଅଙ୍ଗନବାଡ଼ି କେନ୍ଦ୍ର ଥିବା ବେଳେ ୨୦୧୫୦ଟିର ନିଜସ୍ୱ ଗୃହ ନାହିଁ। ୪୫୭୪ ଅଙ୍ଗନବାଡ଼ି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡ଼ି କମ୍ୟୁନିଟି ସେଣ୍ଟର୍ରେ ଚାଲୁଛି। ସେହିପରି, ୩୮୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ୭୩୮୯ଟି ଅଙ୍ଗନବାଡ଼ି କେନ୍ଦ୍ରର ଗୃହ ନିର୍ମାଣାଧୀନ ଥିବା ବେଳେ ରାଜ୍ୟର ସମସ୍ତ ଅଙ୍ଗନବାଡ଼ିର ନିଜସ୍ୱ ଗୃହ ନିର୍ମାଣ ହେବ। ଏନେଇ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଯଦି କୌଣସି ସ୍ଥାନରେ ଅଙ୍ଗନବାଡ଼ି ଗୃହ ନିର୍ମାଣ ଲାଗି ଜାଗା ନଥିବ, ପଞ୍ଚାୟତିରାଜ ବିଭାଗ ସହଯୋଗରେ ସରକାର ଜାଗା କିଣି ଗୃହ ନିର୍ମାଣ କରିବେ। ଏନେଇ ବିଧାନସଭାରେ ଉପ-ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି।

ଶନିବାର ପ୍ରଶ୍ନକାଳରେ ମୂଳ ପ୍ରଶ୍ନକର୍ତ୍ତା ଅଶ୍ୱିନୀ ପାତ୍ରଙ୍କ ସମେତ ବହୁ ବିଧାୟକ ନିଜନିଜ ଅଞ୍ଚଳରେ ଅସମ୍ପୂର୍ଣ୍ଣ ନିର୍ମାଣାଧୀନ ଅଙ୍ଗନବାଡ଼ି କେନ୍ଦ୍ର ଏବଂ ଭଡ଼ାଘରେ କିମ୍ବା ଅନ୍ୟତ୍ର ଚାଲୁଥିବା ଅଙ୍ଗନବାଡ଼ି କେନ୍ଦ୍ର ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାର ଉତ୍ତର ଦେଇ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ଯେ ଯଦି କୌଣସି ଅଞ୍ଚଳରେ ସରକାରୀ ଜାଗା ଉପଲବ୍ଧ ନ ହେବ, ସେହିଠାରେ ବିଭାଗ ଜାଗା କିଣି ନିଜସ୍ୱ ଅଙ୍ଗନବାଡ଼ି ଗୃହ ନିର୍ମାଣ କରାଯିବ। ଏଥିଲାଗି ୨୫ଲକ୍ଷ ଟଙ୍କାର ଅର୍ଥ ପ୍ରାବଧାନ ରଖାଯିବ। ବିଜେଡି ବିଧାୟକ ପ୍ରତାପ ଦେବ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ଅର୍ଥ ଅନୁମୋଦନ ସମସ୍ୟା ପ୍ରସଙ୍ଗ ଉଠାଇ ପ୍ରଶ୍ନ କରିଥିଲେ।

■ ରାଜ୍ୟର ସମସ୍ତ ଅଙ୍ଗନୱାଡିର ନିଜସ୍ୱ ଗୃହ ନିର୍ମାଣ ନେଇ ଦୃଢ଼ୋକ୍ତି
■ ୧୦ ହଜାର ୯୦୦ ଘର ଲାଗି ଅତିରିକ୍ତ ବଜେଟ୍‌ରେ ବ୍ୟବସ୍ଥା

ଏହାର ଉତ୍ତର ଦେଇ ମନ୍ତ୍ରୀ କହିଥିଲେ, ଗୃହ ନିର୍ମାଣ ଲାଗି ଅର୍ଥ ସମସ୍ୟା ଥିଲେ ବିଭାଗ ନିଜସ୍ୱ ପାଣ୍ଠି ବ୍ୟବସ୍ଥା କରିବ। ବିଜେପି ବିଧାୟକ ସନାତନ ବିଜୁଳି ଓ କଂଗ୍ରେସ ବିଧାୟକ ସି.ଏସ୍ ରାଜନ୍ ଏକ୍କା ପ୍ରମୁଖ ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଟେଣ୍ଡର୍ ନେଇଥିବା କଣ୍ଟ୍ରାକ୍ଟର୍ କାମ କରିନାହାନ୍ତି ବୋଲି ଅଭିଯୋଗ କରିଥିଲେ। ବିଜେଡି ବିଧାୟକ ସାରଦା ନାୟକ, ପବିତ୍ର ସାଉନ୍ତା ପ୍ରମୁଖ ନିଜ ଅଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ର ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ।

ମନ୍ତ୍ରୀ ଉତ୍ତରରେ କହିଥିଲେ ଯେ ରାଜ୍ୟରେ୧୦ହଜାର ୪୧୬ ମିନି ଅଙ୍ଗନବାଡ଼ି କେନ୍ଦ୍ର ସରକାରଙ୍କ ମୁଖ୍ୟ ଅଙ୍ଗନବାଡ଼ିକୁ ରୂପାନ୍ତର ହୋଇଛି। ସେହିପରି ୧୨୧୪୪ଟି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡ଼ିରେ ପରିବର୍ତ୍ତନ କରାଯାଇଛି। କେବଳ ୨୦୨୫-୨୬ ଆର୍ଥିକ ବର୍ଷରେ ୫୦୫୬ଟି ସକ୍ଷମ ଅଙ୍ଗନବାଡି ସୃଷ୍ଟି ହୋଇଛି। ସବୁ ଅଙ୍ଗନବାଡ଼ି ପାଇଁ ନିଜସ୍ୱ ଗୃହ ହେବ। ସକ୍ଷମ ଅଙ୍ଗନବାଡ଼ି ଜରିଆରେ ଗୃହ ନିର୍ମାଣ ପାଇଁ ଯୋଜନା ଚାଲିଛି। ଯେଉଁଠି ସ୍ଥାନ ମିଳିବ ନାହିଁ, ପଞ୍ଚାୟତିରାଜ ବିଭାଗଠାରୁ ଜାଗା କିଣି ନିର୍ମାଣ ହେବ। ପୂର୍ବରୁ ୭ଲକ୍ଷ ଟଙ୍କାରେ ନିର୍ମାଣ ହେଉଥିଲା। ପରବର୍ତ୍ତୀ ମୁହୂର୍ତ୍ତରେ ୧୨ ଲକ୍ଷ ଓ ଏବେ ୧୫ ଲକ୍ଷରେ ପହଞ୍ଚିଛି। କୌଣସି ସ୍ଥାନରେ ସମସ୍ୟା ଥିଲେ, ମହିଳା ଓ ଶିଶୁ ବିକାଶ ବିଭାଗ ନିଜସ୍ୱ ଅର୍ଥରେ ଅଙ୍ଗନବାଡ଼ି ନିର୍ମାଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଗୃହରେ ଅତିରିକ୍ତ ବଜେଟ୍ ପାରିତ ହେବା ପରେ ବିଭାଗ ପାଖରେ ୧୦୯୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକ ପାଣ୍ଠି ଥିବ ବୋଲି ସେ କହିଥିଲେ।

# ନୂଆ ବର୍ଷରେ ନୂଆ ହିତାଧିକାରୀଙ୍କୁ ଏକାଥରକେ ୨ଟି କିସ୍ତି ‘ସୁଭଦ୍ରା’ ଟଙ୍କା

ଭୁବନେଶ୍ୱର, ୨୯।୧୧(ସମିସ): ନୂଆ ସୁଭଦ୍ରା ହିତାଧିକାରୀଙ୍କ ପାଇଁ ଖୁସି ଖବର। ନୂଆବର୍ଷରେ ଏକାଥରକେ ଦୁଇଟି କିସ୍ତି ଟଙ୍କା ପାଇବେ ଯୋଗ୍ୟ ହିତାଧିକାରୀ। ଏ ସଂପର୍କରେ ସୂଚନା ଦେଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି, ଯେଉଁମାନଙ୍କୁ ୨୧ ବର୍ଷ ହେଲା, ସେମାନେ ଆପେଆପେ ଏହି ଯୋଜନାରେ ଯୋଡ଼ି ହେଉଛନ୍ତି। ସମସ୍ତେ ଯେପରି ସୁଭଦ୍ରା ଟଙ୍କା ପାଇବେ, ସେଥିପାଇଁ ବିଭାଗ କାମ କରୁଛି। କ୍ଷେତ୍ର ପରିଦର୍ଶନ ପରେ ସୁଭଦ୍ରା ଯୋଜନାରେ ୧୭ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ି ହେଲେଣି। ବର୍ତ୍ତମାନ ୧କୋଟି ୩ଲକ୍ଷ ୮୯ହଜାର ୮୦୧ମହିଳା ପ୍ରଥମ/ଦ୍ୱିତୀୟ କିସ୍ତି ପାଇଛନ୍ତି। ସେଥିମଧ୍ୟରୁ ୯୭ଲକ୍ଷ ୫୧ ହଜାର ୪୭୯ଜଣ ମହିଳା ସୁଭଦ୍ରା ଟଙ୍କା ପାଇଛନ୍ତି। ବୟସ କମ୍ ହୋଇଥିବା କାରଣରୁ ଗତଥର ଯେଉଁମାନେ ସୁଭଦ୍ରା ଯୋଜନାରେ ସାମିଲ ହୋଇପାରିନଥିଲେ, ସେମାନେ ଆବେଦନ କରୁଛନ୍ତି। ଏଥିପାଇଁ ଅବେଦନକାରୀଙ୍କ ବୟସ ୧ ଏପ୍ରିଲ, ୨୦୨୫ ସୁଦ୍ଧା ୨୧ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ ଏବଂ ଏହି ଯୋଜନା ଅନ୍ତର୍ଗତ ଅନ୍ୟାନ୍ୟ ସମସ୍ତ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିଲେ ସେମାନେ ଆବେଦନ କରିପାରିବେ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି।

# ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୯।୧୧(ସମିସ): ବାରିପଦା ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ ସ୍ୱତନ୍ତ୍ର ପକସୋ କୋର୍ଟରେ ଶନିବାର ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଶିମିଳିଡାହି ଗ୍ରାମର ଉମେଶ୍ୱର ସିଂ(୨୫)କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫୦ ହଜାର ଟଙ୍କା ଜରିମାନା, ଅନାଦେୟ ହେଲେ ଅତିରିକ୍ତ ୩ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନା ମୁତାବକ, ୨୦୨୧ ଫେବୃଆରୀ ୧୬ ତାରିଖରେ ଜଣେ ନାବାଳିକାକୁ ଷ୍ଟେସନାରୀ ଜିନିଷ କିଣିବା ପାଇଁ ନିକଟସ୍ଥ ବଜାରକୁ ଅଭିଯୁକ୍ତ ଜଣକ ବାଇକରେ ବସାଇ ନେଇଥିଲା। ଫେରିବା ବାଟରେ ଏକ ନିର୍ଜନ ସ୍ଥାନରେ ନାବାଳିକାକୁ ଦୁଷ୍କର୍ମ କରିବା ସହିତ ଘଟଣା ସମ୍ପର୍କରେ ଜଣାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ନାବାଳିକା ଘରକୁ ଫେରିବା ବିଳମ୍ବ ହେବାରୁ ପରିବାର ଲୋକେ ଫୋନ କରିବା ପରେ ଘରକୁ ଫେରିଥିଲା। ଘଟଣା ସମ୍ପର୍କରେ ପରିବାରଲୋକଙ୍କୁ ଜଣାଇବା ପରେ ପୀଡ଼ିତାର ପିତା ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ନେଇ ପୁଲିସ ପକ୍‌ସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରି ଉଭୟଙ୍କ ଡାକ୍ତରୀମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଥିଲା। ୧୧ସାକ୍ଷୀଙ୍କ ବୟାନ, ଡାକ୍ତରୀ ଓ ପୁଲିସ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।

## ୧୦ ଦିନ ସମୟ ନେଲେ ଜିଲ୍ଲାପାଳ

# ଦ୍ୱିତୀୟ ଶ୍ରୀକ୍ଷେତ୍ର ସେବାୟତଙ୍କ ଆନ୍ଦୋଳନ ସ୍ଥଗିତ

ବାରିପଦା, ୨୯ ।୧୧(ସମିସ): ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ସମ୍ପତ୍ତିର ପୁନରୁଦ୍ଧାର ହେଉନଥିବାରୁ ଏହାକୁ ନେଇ ସେବାୟତଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇବା ସହ ସେମାନେ ଆନ୍ଦୋଳନ ଚେତାବନୀ ଦେଇଥିଲେ। ଡିସେମ୍ବର ପହିଲାରୁ ସେମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ହାତରେ ଦୀପ ଜାଳି ଆଣ୍ଠେଇ ଆଣ୍ଠେଇ ଅହିଂସାତ୍ମକ ପ୍ରତିବାଦ ପ୍ରଦର୍ଶନ କରିବେ ବୋଲି କହିଥିଲେ। ତେବେ ଆଜି ଜିଲ୍ଲାପାଳ ହେମକାନ୍ତ ସଏ ସେବାୟତଙ୍କ ସହ ନିଜ କାର୍ଯ୍ୟାଳୟରେ ଆଲୋଚନା କରିଛନ୍ତି। ସମସ୍ୟା ସମାଧାନ ପାଇଁ ଜିଲ୍ଲାପାଳ ୧୦ ଦିନ ସମୟ ମାଗିଥିବାରୁ ସେବାୟତମାନେ ସେମାନଙ୍କ ଆନ୍ଦୋଳନକୁ ସ୍ଥଗିତ ରଖିଛନ୍ତି।



ବଡ଼ ଜଗନ୍ନାଥ ମନ୍ଦିର ପରିଚାଳନା ପାଇଁ ରାଜାରାଜୁଡ଼ା ସମୟରେ ପ୍ରଦତ୍ତ ଜମିର ସଠିକ୍ ପରିଚାଳନା, ମନ୍ଦିର ପରିଚାଳନାରେ ଆର୍ଥିକ ସମସ୍ୟା ଦୂର, ୧ ହଜାର ଏକର ଜମିରେ କାଜୁ ଚାଷ ପାଇଁ ନିଲାମର ଲିଜ୍‌କୁ ନବୀକରଣ, ଦେବତ୍ତୋର ବିଭାଗରେ ଦେଢ଼ କୋଟି ଟଙ୍କା ଅଭାବ ପାଇଁ ବାରମ୍ବାର ଠାକୁରଙ୍କ ରୀତିନୀତିରେ ବାଧା ଉପୁଜିବା, ଦେବତ୍ତୋର ବିଭାଗର ଜମିରୁ ଜବରଦଖଲ ଉଚ୍ଛେଦ, ମନ୍ଦିର ପାଇଁ ସ୍ଥାୟୀ ଅଫିସର ଓ ଅଧିକ ସେବାୟତ ନିଯୁକ୍ତି, ମନ୍ଦିର ପରିଚାଳନା ପାଇଁ ୫୦କୋଟିର ଅନୁଦାନ ପ୍ରଦାନ ଆଦି ଦାବି ସମ୍ବନ୍ଧରେ ସେବାୟତମାନେ ଜିଲ୍ଲାପାଳ ଶ୍ରୀ ସଏଙ୍କ ସହ ଆଲୋଚନା କରିଥିଲେ।

ଏହି ଆଲୋଚନାରେ ଦେବୋତ୍ତର ଅଧିକାରୀ ତଥା ସଦର ଉପଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡା, ସେବାୟତ ସଂଘର ରାଜ୍ୟ ସଭାପତି କାମେଶ୍ୱର ତ୍ରିପାଠୀ, ପୂଜକ ଅରୁଣ କୁମାର ମିଶ୍ର, ଦେବକାନ୍ତ ପଣ୍ଡା, ଚଣ୍ଡୀ ପ୍ରସାଦ ଦାଶ, ପ୍ରଦୀପ କୁମାର ପଣ୍ଡା, ସେବାୟତ ଅମିତ କୁମାର ମିଶ୍ର ଓ ଶଶିଭୂଷଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗିଦେଲେ

କଣ୍ଟାବାଞ୍ଜି,୨୯ ।୧୧(ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ବୁରୋମାଳ ଗାଁରେ ଶନିବାର ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବକଙ୍କୁ ହତ୍ୟା ପରେ ହାତବାନ୍ଧି କୂଅରେ ଫିଙ୍ଗି ଦିଆଯାଇଛି। ମୃତକ ହେଲେ ସୁରେନ୍ଦ୍ର ଭାଟି।ପୁଲିସ ପହଞ୍ଚି ଶବ ଜବତ କରି କଣ୍ଟାବାଞ୍ଜି ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।



ଗାଁର ଏକ ଚାଷ ଜମିରେ ଥିବା କୂଅରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି। ସୁରେନ୍ଦ୍ର ସକାଳେ ଗାଁରେ ଗାଈ ଚରାଉଥିବା ସମସ୍ତେ ଦେଖିଥିଲେ। କିଛି ସମୟ ପରେ ତାଙ୍କର ପତ୍ତା ନ ମିଳିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ଶେଷରେ କଣ୍ଟାବାଞ୍ଜି ଥାନାରେ ନିଖୋଜ ନେଇ ଏତଲା ଦେଇଥିଲେ। ପୁଲିସ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖୋଜାଖୋଜି ବେଳେ ପରିବାର ଲୋକ ଗାଁର ଜଣକ ଚାଷ ଜମିରେ ଥିବା କୂଅରେ ସୁରେନ୍ଦ୍ରଙ୍କ ମୃତଦେହ ଭାସୁଥିବା ଦେଖିଥିଲେ। ଏନେଇ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସୁରେନ୍ଦ୍ରଙ୍କ ଶବ ଉଦ୍ଧାର କରିଥିଲା। ତେବେ ତାଙ୍କ ଦୁଇ ହାତକୁ ଦୌଡ଼ିରେ ବନ୍ଧା ଯାଇଥିବା ସହ ଏକ ପଥର ଝୁଲୁଥିବା ଦେଖିବାକୁ ମିଳିଥିଲା। ଏଣୁ ତାଙ୍କୁ ହତ୍ୟା ପରେ କୂଅକୁ ଫିଙ୍ଗି ଦିଆଯାଇଥିବା ସ୍ପଷ୍ଟ ହୋଇଛି।

## ଅନିଶ୍ଚିତତା ଭିତରେ ପୁରୀ ବିମାନବନ୍ଦର

# ବନ୍ଦ କରିଦେବା ପାଇଁ ଚାଲିଛି କି ଚକ୍ରାନ୍ତ?

ପୁରୀ,୨୯।୧୧(ସମିସ): ଅନିଶ୍ଚିତତା ଭିତରକୁ ଠେଲି ହୋଇଯାଇଛି ପ୍ରସ୍ତାବିତ ପୁରୀ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପ୍ରକଳ୍ପ। ଏହାର ନିର୍ମାଣ ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ପରିବେଶ ମଞ୍ଜୁରୀ ମିଳି ନ ଥିବାବେଳେ ନ୍ୟାସ୍‌ନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ମାମଲା ଏହି ପ୍ରକଳ୍ପକୁ ଅନିଶ୍ଚିତତା ଭିତରକୁ ଠେଲିଦେଇଛି। ପୂର୍ବ ସରକାର ସମୟର ଏହି ବିମାନ ବନ୍ଦର କିପରି ନିର୍ମାଣ ନ ହେଉ ସେ ନେଇ ଚକ୍ରାନ୍ତର ଗନ୍ଧ ବାରିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ କିଛି ବିଶିଷ୍ଟ ବ୍ୟକ୍ତି। ପ୍ରସ୍ତାବିତ ବିମାନ ବନ୍ଦର ପ୍ରକଳ୍ପ ବନ୍ଦ କରିବା ପାଇଁ ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ଏନ୍‌ଜିଟିର ଆଳ ନେଇ ଲୋକଙ୍କୁ ଧୋକ୍କା ଦେଇଥିବା ମତ ରଖିଛନ୍ତି। ତେବେ ପରିବେଶ ମଞ୍ଜୁରୀ ପାଇଁ ସରକାରଙ୍କ ନିକଟରେ ପ୍ରକ୍ରିୟା ଜାରି ରହିଥିବା ବେଳେ ବିମାନବନ୍ଦର ନିର୍ମାଣ କାର୍ଯ୍ୟ ଆଇନ ଅନୁସାରେ କରାଯିବା ବୋଲି ପ୍ରତିକ୍ରିୟା ରଖିଛନ୍ତି ପୁରୀ ସାଂସଦ। ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ଏନ୍‌ଜିଟିରେ ଯେଉଁ ସତ୍ୟପାଠ ଦାଖଲ କରାଯାଇଛି ସେଥିରେ ମିଛ କୁହାଯାଇଥିବା ଅଭିଯୋଗ କରିଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)।

ଆକାଶ ପଥରେ ପୁରୀକୁ ଦେଶ ବିଦେଶର ପ୍ରମୁଖ ସହର ସହିତ ଯୋଡ଼ିବା ପାଇଁ ପୂର୍ବର ବିଜେଡି ସରକାର ବିମାନବନ୍ଦରର ପରିକଳ୍ପନା କରିଥିଲେ। ଏହାକୁ କିପରି ବାସ୍ତବତାର ରୂପ ଦିଆଯିବ ସେ ନେଇ ତ୍ୱରିତ୍ୱ ପ୍ରକ୍ରିୟା ବି ଆରମ୍ଭ କରିଥିଲେ। ପୂର୍ବ ସରକାରଙ୍କ ସମୟରେ ଗୋରୁଆ ପଞ୍ଚାୟତର ସିପସରୁବାଲି ଓ ଷଣ୍ଢପୁର ମୌଜାରେ ପ୍ରସ୍ତାବିତ ବିମାନବନ୍ଦର ନିର୍ମାଣକୁ ଅନୁମୋଦନ ଦିଆଯାଇଥିଲା। ଏତଦ୍‌ବ୍ୟତୀତ ବିମାନବନ୍ଦର ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଥିଲା। ଏପରି କି ବେସାମରିକ ବିମାନ ଚଳାଚଳ ବିଭାଗ ମଧ୍ୟ ଅନୁମତି ପ୍ରଦାନ କରିଥିବାବେଳେ ପରିବେଶ ମଞ୍ଜୁରୀ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଛି। ମାତ୍ର ବିମାନବନ୍ଦର ନିର୍ମାଣ ହେଲେ ପୂର୍ବ ସରକାର ବାହାବା ନେଇଯିବେ ଏଭଳି ଆଶଙ୍କା କରି ପ୍ରକଳ୍ପକୁ ବନ୍ଦ ପାଇଁ ଚକ୍ରାନ୍ତ କରାଯାଇଥିବା ଚର୍ଚ୍ଚା ହେଉଛି। ପ୍ରସ୍ତାବିତ ବିମାନବନ୍ଦରକୁ ନେଇ ପରିବେଶବିତ୍ ଏନ୍‌ଜିଟିରେ ମାମଲା ରୁଜୁ କରିଥିବାବେଳେ ଏବେ ପ୍ରକଳ୍ପ ନିର୍ମାଣ ନେଇ ଅନିଶ୍ଚିତତା ଦେଖାଦେଇଛି। ଡବଲ ଇଞ୍ଜିନ ସରକାର ଲୋକଙ୍କୁ ଧୋକ୍କା ଦେଇଥିବାବେଳେ ସଲାସୁତରା ହୋଇ ପ୍ରକଳ୍ପକୁ ନ କରିବା ପାଇଁ ଯୋଜନା କରୁଥିବା ସେବାୟତ ଗୌରହରି ପ୍ରଧାନ ଅଭିଯୋଗ କରିଥିବାବେଳେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହା ପଛରେ ସରକାରଙ୍କର ଚାଲ୍ ରହିଛି। ଅଧପନ୍ତରିଆ ପ୍ରକଳ୍ପକୁ ଡବଲ ଇଞ୍ଜିନ ସରକାର ବନ୍ଦ ନ କରି ଏହାକୁ ପୂର୍ଣ୍ଣାଙ୍ଗ ରୂପ ଦେଲେ ଲୋକଙ୍କ ଭରସା ଜିତିପାରିବେ ବୋଲି କହିଛନ୍ତି। ସେହିପରି ଆପ୍ ପୁରୀ ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି ମଧ୍ୟ ଏହି ପ୍ରକଳ୍ପ ବନ୍ଦ କରିଦେବା ପଛରେ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି। ସେ କହିଛନ୍ତି, ସରକାରଙ୍କ ପକ୍ଷରୁ ଏନ୍‌ଜିଟିରେ ଦାଖଲ ସତ୍ୟପାଠରେ ମିଛ କୁହାଯାଇଛି। ବିମାନବନ୍ଦର ପାଇଁ ଅସ୍ଥାୟୀ ପାଚେରିକୁ ଭାଙ୍ଗି ଦିଆଯାଇଛି ବୋଲି ଦର୍ଶାଯାଇଛି। ହେଲେ ଏହା ଭଙ୍ଗା ଯାଇ ନ ଥିବାବେଳେ ଏହାକୁ ସ୍ଥାୟୀ ଭାବେ ନିର୍ମାଣ କରାଯାଇଛି।

ଅନ୍ୟପକ୍ଷରେ ପୁରୀ ଡିଏଫ୍‌ଓ ମଗର ଧନଜୀ ରାଓସୋ କହିଛନ୍ତି, ବିମାନବନ୍ଦର ପାଇଁ ଆବଶ୍ୟକ ଜମି ମଧ୍ୟରେ ୨୭.୮୮ ହେକ୍ଟର ଜଙ୍ଗଲ ଜମି ରହିଛି। ତା’ ବଦଳରେ ସେତିକି ଜଙ୍ଗଲ ଜମି ସରକାର ଜଙ୍ଗଲ ବିଭାଗକୁ ଦେବେ। ଏଥିସହ ସମୁଦ୍ର ଉପକୂଳ ଅଞ୍ଚଳ ହୋଇଥିବା ହେତୁ ଅଲିଭ୍ ରିଡ୍‌ଲେ କଇଁଛ ତଥା ଜଙ୍ଗଲରେ ବନ୍ୟଜନ୍ତୁଙ୍କ ସୁରକ୍ଷା ନେଇ ବିକଳ୍ପ ଚିନ୍ତା କରିବା ଆବଶ୍ୟକତା ରହିଛି। ଏ ସଂକ୍ରାନ୍ତରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବନ୍ୟଜନ୍ତୁ ପ୍ରତିଷ୍ଠାନ ଓ ଜିଓଲୋଜିକାଲ ବିଭାଗ ବିଶେଷଜ୍ଞ ଟିମ୍ ରିପୋର୍ଟ ମିଳିବା ପରେ ବିମାନବନ୍ଦର ପାଇଁ ପରିବେଶ ମଞ୍ଜୁରୀ ମିଳିବାକୁ ଅପେକ୍ଷା ରହିଛି। ଅନ୍ୟପକ୍ଷରେ ବିମାନବନ୍ଦର ପ୍ରତିଷ୍ଠା ନେଇ କାର୍ଯ୍ୟ ଆଇନ ଅନୁସାରେ କରାଯିବ ବୋଲି ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର ମତ ରଖିଛନ୍ତି।

# ନିୟନ୍ତ୍ରଣ ବାହାରେ ଟମାଟୋ ଦର

## ୧୫ ଦିନରେ ୫୦ ପ୍ରତିଶତ ବଢ଼ିଲାଣି ଦର

### ଖୁଚୁରା ବଜାରରେ କିଲୋ ୮୦ ଟଙ୍କା

### ଅକ୍ଟୋବରରେ ପ୍ରବଳ ବର୍ଷା ଯୋଗୁ ଫସଲ ନଷ୍ଟ

### କର୍ଣ୍ଣାଟକ, ମହାରାଷ୍ଟ୍ରରୁ ଯୋଗାଣ ଅଧା




ନୂଆଦିଲ୍ଲୀ, ୨୯।୧୧ (ଏଜେନ୍ସି): ପୁଣି ଥରେ ଟମାଟୋ ଦର ରୋଷେଇ ଘରର ବଜେଟ୍ ବିଗାଡିଛି। ଗତ ୧୫ ଦିନ ମଧ୍ୟରେ ସାରା ଦେଶରେ ଟମାଟୋ ଦର ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ଘଟିଛି। ଏମିତିକି ଅନେକ ସହରରେ ଦର ଦ୍ୱିଗୁଣ ହୋଇଯାଇଛି। ଗତ ଅକ୍ଟୋବର ମାସରେ ହୋଇଥିବା ପ୍ରବଳ ବର୍ଷା ଏହାର ମୁଖ୍ୟ କାରଣ। ଦେଶର ଅନେକ ରାଜ୍ୟରେ ଟମାଟୋ ଫସଲ ନଷ୍ଟ ହୋଇଯାଇଛି। ଏଥିଯୋଗୁ ବର୍ତ୍ତମାନ ବଜାରରେ ଯୋଗାଣ ହ୍ରାସ ପାଇଛି। ବର୍ତ୍ତମାନ ଖୁଚୁରା ବଜାରରେ ଟମାଟୋ କିଲୋ ପିଛା ୭୦-୮୦ ଟଙ୍କା ରହିଛି। ସାଧାରଣତଃ ବର୍ଷର ଏହି ସମୟରେ ବଜାରରେ ଟମାଟୋ ଶସ୍ତା ହୋଇଥାଏ, କିନ୍ତୁ ସମ୍ପ୍ରତି ପ୍ରତିକୂଳ ଜଳବାୟୁ ଫସଲକୁ ଏଭଳି କ୍ଷତି ପହଞ୍ଚାଇଛି।

ଏକ ସରକାରୀ ତଥ୍ୟ ଦର୍ଶାଉଛି ଯେ ଗତ ମାସରେ ଖୁଚୁରା ମୂଲ୍ୟ ୨୫ରୁ ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଗ୍ରାହକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ, ନଭେମ୍ବର ୧୯ରେ ଟମାଟୋର ସର୍ବଭାରତୀୟ ହାରାହାରି ମୂଲ୍ୟ କିଲୋଗ୍ରାମ ପ୍ରତି ୪୬ ଟଙ୍କାରେ ପହଞ୍ଚିଥିଲା, ଯାହା ଏକ ମାସ ପୂର୍ବରୁ ପ୍ରତି କିଲୋଗ୍ରାମ ୩୬ ଟଙ୍କା ଥିଲା। ଏହା ପ୍ରାୟ ୨୭ ପ୍ରତିଶତ ହାରାହାରି ମୂଲ୍ୟ ବୃଦ୍ଧିକୁ ଦର୍ଶାଉଛି। ଦେଶରେ ଚଣ୍ଡିଗଡ଼ରେ ଟମାଟୋ ମୂଲ୍ୟ ସବୁଠାରୁ ଅଧିକ ୧୧୨ ପ୍ରତିଶତ ବୃଦ୍ଧି ପାଇଛି। ଆନ୍ଧ୍ର ପ୍ରଦେଶ, ହିମାଚଳ ପ୍ରଦେଶ ଏବଂ କର୍ଣ୍ଣାଟକରେ ମଧ୍ୟ ଦର ୪୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ରାଜଧାନୀ ଭୁବନେଶ୍ୱରରେ ଟମାଟୋ କିଲୋ ପିଛା ୮୦ ଟଙ୍କାରେ ବିକ୍ରି ହେଉଛି।

ଅପରପକ୍ଷେ ବ୍ୟବସାୟୀମାନେ କହିଛନ୍ତି ଯେ ବର୍ତ୍ତମାନ ଟମାଟୋ ଦର ବୃଦ୍ଧିରୁ ଆଶ୍ୱସ୍ତି ମିଳିବାର ଆଶା କମ୍। ଆଗକୁ ବିବାହ ଋତୁ ଏବଂ ନବବର୍ଷ ପାଳନ ଯୋଗୁଁ ଚାହିଦା ଅଧିକ ରହିଛି। ପ୍ରବଳ ବର୍ଷା ଯୋଗୁଁ ଫସଲ କ୍ଷତି ହେବାରୁ ଯୋଗାଣ ଆହୁରି ହ୍ରାସ ପାଇଛି। ଗତ ସପ୍ତାହରେ କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଗୁଜରାଟରୁ ଆସୁଥିବା ଟ୍ରକ ସଂଖ୍ୟା ପ୍ରାୟ ଅଧା ହୋଇଯାଇଛି, ଯାହା ବଜାରରେ ଉପଲବ୍ଧତା ହ୍ରାସ କରିଛି। ଟମାଟୋର ଏକ ବଡ଼ ଅଂଶ ଯୋଗାଣ କରୁଥିବା ମହାରାଷ୍ଟ୍ରରେ, ନଭେମ୍ବରରେ ପାଇକାରୀ ମୂଲ୍ୟ ୪୫% ବୃଦ୍ଧି ପାଇଛି। ଯେତେବେଳେ କି ରାଜଧାନୀ ଦିଲ୍ଲୀରେ ପାଇକାରୀ ମୂଲ୍ୟ ୨୬ ପ୍ରତିଶତ ବୃଦ୍ଧି ପାଇଛି।

ସେପ୍ଟେମ୍ବର-ଅକ୍ଟୋବରରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫% ପ୍ରତିଶତକୁ ହ୍ରାସ ପାଇଛି, ଯାହା ୨୦୧୩ ପରଠାରୁ ସର୍ବନିମ୍ନ ସ୍ତର। ଟମାଟୋ, ପିଆଜ ଏବଂ ଆଳୁ ମୂଲ୍ୟରେ ହ୍ରାସ ଏହାର ମୁଖ୍ୟ କାରଣ। ଅକ୍ଟୋବରରେ ଟମାଟୋ ମୁଦ୍ରାସ୍ଫୀତି ବିଯୁକ୍ତ ୪୨.୯% ଥିଲା, ଅର୍ଥାତ୍ ମୂଲ୍ୟ ବହୁତ କମ୍ ଥିଲା। ହେଲେ ନଭେମ୍ବରରେ ପରିସ୍ଥିତି ସମ୍ପୂର୍ଣ୍ଣ ଭାବରେ ବିପରୀତ ରହିଛି।

## ଆଦର୍ଶ ବିଦ୍ୟାଳୟ ପିଲାଙ୍କୁ ବୃତ୍ତି ପ୍ରଦାନରୁ ବାଦ୍ ଦେବା ପ୍ରସଙ୍ଗ

# ଗାନ୍ଧିମାର୍ଗରେ ଗର୍ଜିଲା ଛାତ୍ର ସଂଗଠନ ଏଆଇଏସ୍ଏଫ୍

ଭୁବନେଶ୍ୱର, ୨୯ ।୧୧(ସମିସ): ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ଛାତ୍ରଛାତ୍ରୀଙ୍କୁ କେନ୍ଦ୍ରୀୟ ଛାତ୍ରବୃତ୍ତି ଏନ୍ଏମ୍ଏମ୍ଏସ୍‌ରୁ ବାଦ୍ ଦେବା ପରେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍) ରାସ୍ତାକୁ ଓହ୍ଲାଇଛି। ସଂଘର ରାଜ୍ୟ ସଭାନେତ୍ରୀ ସଂଘମିତ୍ରା ଜେନାଙ୍କ ନେତୃତ୍ୱରେ ବିଧାନସଭା ସମ୍ମୁଖରେ ଧାରଣା ଦେଇଛନ୍ତି। ପୂର୍ବ ସୂଚନା ବ୍ୟତୀତ ଛାତ୍ରଛାତ୍ରୀଙ୍କୁ ବୃତ୍ତିରାଶିରୁ ବାଦ୍ ଦିଆଯାଇଥିବାରୁ ବହୁ ଗରିବ ମେଧାବୀ ପିଲାଙ୍କ ଭାଗ୍ୟ ଭବିଷ୍ୟ ଅନ୍ଧାରକୁ ଠେଲି ହୋଇ ଯାଇଥିବା ଅଭିଯୋଗ ହୋଇଛି।

ଉଭୟ ରାଜ୍ୟ ଓ କେନ୍ଦ୍ରରେ ଡବଲ ଇଞ୍ଜିନ୍ ସରକାର ଅଛି। ହେଲେ ଓଏଭିରେ ସିବିଏସ୍ଇ ପାଠ୍ୟକ୍ରମ ପଢୁଥିବା ରାଜ୍ୟର ଗରୀବ ମେଧାବୀ ପିଲାଙ୍କ ବୃତ୍ତିରାଶି ଦ୍ୱିଗୁଣିତ ହେବା ପରିବର୍ତ୍ତେ ଶୂନ କରିଦେବା ଦୁର୍ଭାଗ୍ୟଜନକ। ଏହା ସରକାରଙ୍କ ଛାତ୍ର ବିରୋଧି ନୀତିକୁ ପଦାରେ ପକାଇଥିବା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ଜେନା ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ଛାତ୍ରବୃତ୍ତି ପ୍ରସଙ୍ଗରେ ସରକାର ସ୍ପଷ୍ଟିକରଣ ଦିଅନ୍ତୁ। କାରଣ ଦେଶର ସମସ୍ତ ସିବିଏସ୍ଇ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏହି ବୃତ୍ତି ପାଇଁ ଆବେଦନ କରୁଥିବାବେଳେ ଆଦର୍ଶ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହୋଇଛନ୍ତି।



ଏହା ଉଦ୍ଦେଶ୍ୟମୂଳକ। ପ୍ରାଥମିକ ଭାବେ ବୃତ୍ତି ଆବେଦନରୁ ବାଦ୍ ଦିଆଯାଇଥିବାବେଳେ ପର୍ଯ୍ୟାୟକ୍ରମେ ଓଏଭିକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ଏହା ସୁଚିନ୍ତିତ ଷଡଯନ୍ତ୍ର। ଚଳିତ ଶିକ୍ଷାବର୍ଷରୁ ହିଁ ଛାତ୍ରଛାତ୍ରୀଙ୍କୁ ଆବେଦନ ପାଇଁ ସୁଯୋଗଦେବାକୁ ଦାବି କରିବା ସହ ଖାରଜର କାରଣ ସମ୍ପର୍କରେ ମଧ୍ୟ ସ୍ପଷ୍ଟିକରଣ ରଖିବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି। ଏକ ୫ ଜଣିଆ ପ୍ରତିନିଧି ଦଳ ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏଥିପ୍ରତି ତ୍ୱରିତ ପଦକ୍ଷେପ ନିଆ ନ ଗଲେ ରାଜ୍ୟରେ ଛାତ୍ର ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଧାରଣାରେ ଛାତ୍ର ନେତା ପପୁ ରାଉତଙ୍କ ସମେତ ଏକତା ଚୌଧୁରୀ, ଲିଲି ସାମଲ, ସାଗର ପ୍ରଧାନ ଓ ଅମିତ ସାମନ୍ତରାୟଙ୍କ ସହ ବହୁ ଛାତ୍ରଛାତ୍ରୀ ସାମିଲ ଥିଲେ।

## କଳାହାଣ୍ଡି ଜିଲ୍ଲାରେ ଆରମ୍ଭ ହେଲା ଧାନ ମଣ୍ଡି

# ମିଳିନି ଟୋକନ, ଆସିଲାନି ଚାଷୀଙ୍କ ଧାନ

**ଧର୍ମଗଡ଼, ୨୯ ।୧୧(ସମିସ)**



କଳାହାଣ୍ଡି ଜିଲ୍ଲାରେ ଆଜିଠାରୁ ଆରମ୍ଭ ହେଲା ଖରିଫ ଧାନ କିଣା ପ୍ରକ୍ରିୟା ଜୁନାଗଡ଼ ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ଗୋଲାମୁଣ୍ଡା ବ୍ଲକ ଘୋଟିଆ ଧାନ ମଣ୍ଡିରେ ଉପଜିଲ୍ଲାପାଳଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଆରମ୍ଭ ହେଲା ଧାନ କ୍ରୟ ପ୍ରକ୍ରିୟା । ଆଜି ଧାନ କ୍ରୟର ପ୍ରଥମ ଦିନରେ କୌଣସି ଚାଷୀଙ୍କ ଟୋକନ ନଥିଲା । ଫଳରେ କୌଣସି ମଧ ଚାଷୀଙ୍କ ଧାନ ମଣ୍ଡି ପରିସରକୁ ଆସିନଥିଲା । ଚଳିତ ବର୍ଷ ଧାନ ବିକ୍ରୟ ପାଇଁ ଚାଷୀଙ୍କ ଟୋକନ ଆସିବାରେ ମଧ ବିଳମ୍ବ ହେଉଛି । ଫଳରେ ଅନେକ ଚାଷୀଙ୍କ ଟୋକନ ଆସିନଥିବା ହେତୁ ଚାଷୀ ମହଲରେ ମଧ ଅସନ୍ତୋଷ ପ୍ରକାଶ ପାଉଛି । ସୂଚନାମତେ ଜିଲ୍ଲାରେ ବିଗତ ବର୍ଷ ତୁଳନା ଅପେକ୍ଷା ଚଳିତ ବର୍ଷ ୧ଲକ୍ଷ ୨୧ହଜାର ୮୮୧ଜଣ ଚାଷୀ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଛନ୍ତି ।ସେହିପରି ବିଗତ ବର୍ଷ ତୁଳନାରେ ଚଳିତ ବର୍ଷ ୬ଟି ଅଧିକ ଧାନ ମଣ୍ଡି ଖୋଲାହେବା ସହ ସମୁଦାୟ ୨୨୯ଟି ଧାନ ମଣ୍ଡିରୁ ଖରିଫ ଧାନ ସଂଗ୍ରହ କରିବା ଜଣାପଡ଼ିଛି । ସରକାରଙ୍କ ତରଫରୁ ୩୬ଲକ୍ଷ ୫୮ହଜାର କୁଇଣ୍ଟାଲ ଟାର୍ଗେଟ ଆସିଛି ଓ ପର୍ଯ୍ୟାୟକ୍ରମେ ଚାଷୀଙ୍କୁ ଟୋକନ ଦିଆଯିବ ଓ ମିଲର୍ସ ଟ୍ୟାଗ୍ ହେବ ବୋଲି ଜିଲ୍ଲା ଯୋଗାଣ ଅଧିକାରିଣୀ ସୁଜାତା ମିଶ୍ର ସୂଚନା ଦେଇଛନ୍ତି । ବର୍ତ୍ତମାନ ଜିଲ୍ଲାରେ ୬୦ପ୍ରତିଶତରୁ ଉର୍ଦ୍ଧ୍ୱ ଧାନ ଅମଳ ହୋଇ ସାରିଥିବା ବେଳେ ମଣ୍ଡି ବିଳମ୍ବ ଯୋଗୁଁ ଅନେକ ଚାଷୀଙ୍କ ଧାନ ପଡୋଶୀ ରାଜ୍ୟ ଛତିଶଗଡ଼କୁ ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଥିବା ବେଳେ ଅନେକ ଚାଷୀ ଙ୍କ ଟୋକନ ମଧ ଆସି ନାହି । ଗୋଟିଏ ପଟେ ପ୍ରଶାସନର ମଣ୍ଡି ଖୋଲିବା ଅନ୍ୟପଟେ ଟୋକନ ସମସ୍ୟା ଓ ଅଖା ବସ୍ତା ସମସ୍ୟା ଯୋଗୁଁ ଚାଷୀ ଏବେ ହରଡଘଣାରେ ପଡ଼ିଛି । ବିଗତ ବର୍ଷରେ ଚାଷୀ ଧାନ ବସ୍ତା ଦେଇଥିବା ବେଳେ ଚଳିତ ବର୍ଷ ଧାନ ବିକ୍ରୟ ସମୟ ଆସିଲାଣି ହେଲେ ଏଯାଏଁ ଅଖା ବସ୍ତା ପାଇନାହାନ୍ତି ଚାଷୀ । ଅନ୍ୟପଟେ ଏନେଇ ଚାଷୀମାନେ ନିଜ ନିଜ ଧାନକୁ ମଣ୍ଡିକୁ ଆଣୁନଥିବା ଦେଖିବାକୁ ମିଳିଛି । ପୂର୍ବ ସରକାର ସମୟରେ ଠିକ ଏହି ସମୟ ବେଳକୁ ଚାଷୀ ଟୋକନ, ଅଖା ବସ୍ତା ପାଇ ମଣ୍ଡି ମାଧ୍ୟମରେ ସହଜରେ ଧାନ ବିକ୍ରି କରି ପାରୁଥିଲେ କିନ୍ତୁ ଏହି ଡବଲ ଇଞ୍ଜିନ ସରକାରରେ ଚଳିତ ବର୍ଷ ଚାଷୀଙ୍କୁ ଟୋକନ ସମସ୍ୟା ଓ ଅଖା ବସ୍ତା ସମସ୍ୟା ଓ ମିଲର ସମ୍ପୃକ୍ତି ଖରିଫ ଧାନ କିଣା ପ୍ରକ୍ରିୟାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସରକାର ଚାଷୀଙ୍କ ଟୋକନ ସମସ୍ୟା ଓ ଅଖା ବସ୍ତା ସମସ୍ୟାର ସମାଧାନ ସାଙ୍ଗକୁ ମିଲର୍ସ ଟ୍ୟାଗିଂ କଲେ ଚାଷୀ ମାନେ ଶୀଘ୍ର ନିଜ ନିଜ ଧାନ ବିକ୍ରୟ କରିପାରିବେ ଏଥିରେ ସନ୍ଦେହ ନାହିଁ । ମଣ୍ଡି ଉଦ୍‌ଘାଟନୀ ସମାରୋହରେ ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ଯୋଗାଣ ଅଧିକାରିଣୀ

### ପୂଜାର୍ଚ୍ଚନା କରି ଫେରିଗଲା ପ୍ରଶାସନ

ସୁଜାତା ମିଶ୍ର, ସମବାୟ ସମିତିର ଉପନିବନ୍ଧକ ସ୍ୱରୂପ କର, ସମବାୟ ସମିତିର ସହକାରୀ ନିବନ୍ଧକ ସରୋଜ ପ୍ରଧାନ, ମଣ୍ଡି ପର୍ଯ୍ୟବେକ୍ଷକ ବିଡ଼ିଓ ତ୍ରିପୁରା ମହାନନ୍ଦ, ବ୍ଲକ ଯୋଗାଣ ଅଧିକାରୀ ଦିବ୍ୟରାଜ ଭୋଇ, ବୃନ୍ଦାବାହାଲ ସରପଞ୍ଚ ଇଂ.ଦିନେଶ କୁମାର ରାଉତ, ଆରଏମସି ସମ୍ପାଦକ ଉଦିତ କୁମାର ବାବୁ, ଧାନ କ୍ରୟ ଅଧିକାରୀ ଠଣ କୁମାର ସେଠୀ, ନିକାଶ ଖମାରୀ, ପଦ୍ମଲୋଚନ ଭୋଇ, ଆରଏମସି ସଦସ୍ୟ ପ୍ରସନ୍ନ କୁମାର ରାଉତ ପ୍ରମୁଖ ଯୋଗଦେଇଥିଲେ । ଆରଏମ୍‌ସି କର୍ମଚାରୀ ଓ ପାକ୍ସ କର୍ମଚାରୀ ସହଯୋଗ କରିଥିଲେ ।

## ଦାଦନ ଦଲାଲଙ୍କ ଦବଙ୍ଗଗିରି

# ମହିଳା ଶ୍ରମିକଙ୍କୁ ଦୁର୍ବ୍ୟବହାର କରି ବସ୍‌ରୁ ଓହ୍ଲାଇ ଦେଲେ

**ଧର୍ମଗଡ଼, ୨୯ ।୧୧(ସମିସ):** ଧାନକଟା ସରିଲା ବାହାର ରାଜ୍ୟ ମୁହାଁ ଦାଦନ ଶ୍ରମିକ । ଏହି ସମୟରେ ଗତକାଲି ଅପରାହ୍ନରେ ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବେହେରା ବସ ଷ୍ଟପେଜରେ ଶ୍ରମିକ ଚାଲାଣକୁ ନେଇ ଏକ ଅଭାବନୀୟ ଘଟଣା ଘଟିଛି । ବାହାର ରାଜ୍ୟକୁ ଗୀତା ନାମକ ଏକ ଘରୋଇ ବସରେ ଯାଉଥିବା କିଛି ମହିଳା ଶ୍ରମିକଙ୍କ ସହ ୨୦ ଶ୍ରମିକଙ୍କୁ ୨ ଜଣ ଦାଦନ ଦଲାଲ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଟାଣି ଟାଣି ଜୋର୍ କରି ବସ୍‌ରୁ ଓହ୍ଲାଇ ଏକ ବୋଲେରୋରେ ବସାଇ ନେଇ ଯାଇଥିବା ଦେଖିବାକୁ ମିଳିଥିଲା ।ଦାଦନ ଶ୍ରମିକ ମାନେ ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳ ର ହୋଇଥିବା ଚର୍ଚ୍ଚା ହେଉଛି ।ତେବେ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ ଏହି ଦାଦନ ଶ୍ରମିକମାନଙ୍କୁ ଦଲାଲମାନେ କିଛି ଟଙ୍କା ଅଗ୍ରୀମ ଦେଇ ନେଉଥିବା ବେଳେ ଅନ୍ୟ ଏକ ଦଲାଲ କିଛି ଲୋକ ଲଗେଇ ବସ୍‌ରେ ଯାଉଥିବା ବେଳେ ଅଟକାଇ ଜୋର ଜବର ଟାଣି ନେଇ ବୋଲେରୋ ଗାଡିରେ ବସାଇ ନେଇଥିବା କୁହାଯାଏ । ରୀତିମତ ନୂଆପଡ଼ା-କଳାହାଣ୍ଡି-ନବରଙ୍ଗପୁର ଜିଲ୍ଲାରୁମାନଙ୍କରୁରୁ ଶହ ଶହ ଦାଦନ ଶ୍ରମିକ ବିଜୁ ଏକ୍ସପ୍ରେସ ରାସ୍ତା ଦେଇ ବସ୍ ଯୋଗେ ଯାଉଥିବା ନଜିର ରହିଛି । ଦଲାଲଙ୍କ ପ୍ରତିଦ୍ୱନ୍ଦ୍ୱିତା ଭିତରେ ପେଷି ହେଉଛନ୍ତି ଦାଦନ ଶ୍ରମିକ । ଦଲାଲମାନେ ଦାଦନ ଶ୍ରମିକଙ୍କୁ ଦୁର୍ବ୍ୟବହାର କରିବା ସହ ଦାଦାଗିରି ଭାବେ ବସ୍, ବୋଲେରୋ ରେ ଜୋର ଜବରଦସ୍ତ ଭାବେ ନେଉଥିବା ଜଣାପଡେ । ଏହି ଘଟଣାକୁ ସାଧାରଣ ଭାବେ ନିନ୍ଦା କରାଯାଉଥିବା ବେଳେ ପ୍ରଶାସନ କିନ୍ତୁ ଅଜଣା ଭାବେ ନିରବ ସାଜିଛି । ବିଜୁ ଏକ୍ସପ୍ରେସ ରାସ୍ତା ଦେଇ ଅନେକ ବସ୍ ବେଆଇନ ଭାବେ ଯାତାୟାତ କରୁଛି ।କେବଳ ଦାଦନ ଶ୍ରମିକ ଚାଲାଣ ଉଦ୍ଦେଶ୍ୟ ରେ ଅନେକ ବସ ବିନା ପରମିଟ ରେ ଯାଉଥିବା ଲୋକଙ୍କ ମଧ୍ୟରେ ଆଲୋଚନା ହେଉଛି । ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ଦଲାଲଙ୍କୁ ସହଯୋଗ କରୁଥିବା ଏଡାଇ ଦିଆ ଯାଇନପାରେ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

## ଲୋୟର ଇନ୍ଦ୍ର ପ୍ରକଳ୍ପରେ ଥଇଥାନ କେଲେଙ୍କାରୀ

# ହିତାଧିକାରୀଙ୍କ ୪ଲକ୍ଷ ଟଙ୍କା ଠକେଇ, ମହିଳା ଦଲାଲ ଗିରଫ

**ନୂଆପଡ଼ା/କୋମନା, ୨୯ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକରେ ନିର୍ମାଣ ହୋଇଥିବା ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପରେ ଥଇଥାନ ନାଁ ରେ ଲକ୍ଷାଧିକ ଟଙ୍କା ଠକେଇ ହୋଇଥିବା ଅଭିଯୋଗ ହୋଇଛି । କୋମନା ଥାନା ବିରୁନପଦର ଗାଁର ପ୍ରକାଶ ପଟେଲ ନାମକ ଜନୈକ ହିତାଧିକାରୀଙ୍କ ୪ଲକ୍ଷ ଟଙ୍କାର ଥଇଥାନ ରାଶି ସହାୟତା ଠକେଇ ହୋଇଥିବା କୁହାଯାଇଛି । ଏହି ଅଭିଯୋଗରେ ଶୁକ୍ରବାର କୋମନା ଥାନା ଡୁମେରବାହାଲ ଗାଁର ଜନୈକା ମହିଳାଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ବିବରଣୀମତେ ଲୋୟରଇନ୍ଦ୍ର ଜଳସେଚନ ପ୍ରକଳ୍ପରେ କୋମନା ଥାନା କୋନାବିରା ପଞ୍ଚାୟତ ବିରୁନପଦର ଗାଁର ପ୍ରକାଶ ପଟେଲ ଜମି ହରାଇଥିଲେ । ପ୍ରକାଶଙ୍କ ଥଇଥାନ ରାଶି ଓ ଜମି ବାବଦରେ ସହାୟତା ପାଇଁ ଡୁମେରବାହାଲ ଗାଁର ଦିବ୍ୟକାରୀ ମହାନନ୍ଦଙ୍କ ସହାଯ୍ୟ ଲୋଡ଼ିଥିଲେ । ଦିବ୍ୟକାରୀ ଖଡ଼ିଆଳସ୍ଥିତ ଲୋୟରଇନ୍ଦ୍ର ପ୍ରକଳ୍ପ ଅଫିସରେ ପ୍ରକାଶଙ୍କ କାଗଜପତ୍ର ଜମାକରିବା ସହ ସହାୟତା ରାଶି ମଞ୍ଜୁର କରିବାରେ ସହଯୋଗ କରିଥିଲେ । ହିତାଧିକାରୀ ପ୍ରକାଶଙ୍କ ନାଁରେ ୪ଲକ୍ଷ ଟଙ୍କା ଥଇଥାନ ସହାୟତା ରାଶି ମଞ୍ଜୁର ହୋଇଥିଲା । ସେଥିରୁ ପ୍ରକାଶଙ୍କୁ ୨ଲକ୍ଷ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା । ଗତ ସେପ୍ଟେମ୍ବର ୨ରେ କୋମନା ଏସବିଆଇ ଶାଖାରେ ପ୍ରକାଶଙ୍କ ଜମାଖାତାରେ ଥଇଥାନ ଓ ଜମି ପାଉଣା ବାବଦକୁ ୧୪ଲକ୍ଷ ୧୪ ହଜାର ୧୨୧ ଟଙ୍କା ଜମା ହୋଇଥିଲା । ଏହି ଟଙ୍କା ଜମାହେବା ପୂର୍ବରୁ ଦିବ୍ୟକାରୀ ପ୍ରକାଶଙ୍କ ଠାରୁ ଏକ ଚେକ୍‌ରେ ୪ଲକ୍ଷ ଟଙ୍କା ବସାଇ ଦସ୍ତଖତ ନେଇଥିବା ଅଭିଯୋଗ ହୋଇଛି । ଗତ ସେପ୍ଟେମ୍ବର ୩ରେ ଦିବ୍ୟକାରୀ ପ୍ରକାଶଙ୍କ ଚେକ୍‌କୁ ବ୍ୟାଙ୍କରେ ଜମାକରି ୪ଲକ୍ଷ ଟଙ୍କା ଉଠାଇ ନେଇଥିବା ଜାଣିବାକୁ ପାଇଥିଲେ । ୨ଲକ୍ଷ ଟଙ୍କାରେ ଡିଲ ହୋଇଥିବାରୁ ବକେୟା ୨ଲକ୍ଷ ଫେରାଇ ଦେବାକୁ ପ୍ରକାଶ ଅନୁରୋଧ କରିଥିଲେ । କିନ୍ତୁ ଭୁବନେଶ୍?ରରେ ଦେବାର ଅଛି ଓ ଆଗକୁ ତୁମର ସବୁ କାମ କରିବି ବୋଲି କହି ଭୁଆଁ ବୁଲାଇଥିଲେ । ଇତିମଧ୍ୟରେ ଦୁଇମାସ ବିତି ଯାଇଥିଲେ ବି ପ୍ରକାଶ ନିଜ ସହାୟତା ରାଶି ଫେରିପାଇନଥିଲେ । ଏଣୁ ଗତ ନଭେମ୍ବର ୧୭ରେ ପ୍ରକାଶ କୋମନା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏହାର ତଦନ୍ତକରି ସମ୍ପୃକ୍ତ ଯୁବତୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରିଥିଲେ । କେସ ନମ୍ବର ୨୫ରେ କୋମନା ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ଶୁକ୍ରବାର ଦିବ୍ୟକାନ୍ତିଙ୍କୁ ଗିରଫକରି କୋମନା କୋର୍ଟଚାଲାଣ କରିଥିଲା । ତେବେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା କୋମନା ଥାନାଧିକାରୀ ରଶ୍ମିତା ପ୍ରଧାନ ସୂଚନା ଦେଇଛନ୍ତି ।

## ଘାଟି ଅଞ୍ଚଳରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ଦାବି

# ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟକ

**ଲାଞ୍ଜିଗଡ଼, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକର ଦୁର୍ଗମ ଅଞ୍ଚଳରେ ଛାତ୍ରଛାତ୍ରୀଙ୍କ ପାଇଁ ଉଚ୍ଚଶିକ୍ଷା ଆଜି ବି ଦୁର୍ବାର ସ୍ୱପ୍ନ ହୋଇରହିଛି । ବ୍ଲକର ପାହାଡ଼ପଦର, ମାଲିଯୁବାଙ୍ଗ, ଲାଖବାହାଲି, ବେନଗାଁ, ବିଜେପୁର, ଲାଞ୍ଜି ଆଦି ଗ୍ରାମପଞ୍ଚାୟତ ଅଞ୍ଚଳର ଶହଶହ ଛାତ୍ରଛାତ୍ରୀ ହାଇସ୍କୁଲ ଶିକ୍ଷା ପରେ ଉଚ୍ଚ ଶିକ୍ଷା ପାଇଁ ୬୦ କିମି ବିଶ୍ୱନାଥପୁର, ୩୦ କିମି ଲାଞ୍ଜିଗଡ଼, ୬୫ କିମି ଦୂର ଅମ୍ବାଦଳା, ୩୦ କିମି ଦୂର କଲ୍ୟାଣ ସିଂହପୁର ସହିତ ୧୨୦ କିମି ଦୂର ଭବାନୀପାଟଣା ଉପରେ ନିର୍ଭର କରିଥାନ୍ତି । ଏପରିକି ଦୀର୍ଘ ଦିନ ହେଲା ବ୍ଲକର ଘାଟି ଅଞ୍ଚଳରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି ହୋଇଆସୁଛି । କିନ୍ତୁ ଆଜି ପର୍ଯ୍ୟନ୍ତ ଏ ଦାବି ପୂରଣ ହୋଇପାରିନି । ଏହାକୁ ଦୃଷ୍ଟିରେ ରଖି ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ସାକ୍ଷାତ କରି ବ୍ଲକର ଘାଟିଅଞ୍ଚଳର ବେନଗାଁ କିମ୍ବା ଲାଖବାହାଲି ଠାରେ ଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ଥାପନ ପାଇଁ ଦାବି କରିଛନ୍ତି । ଦାବିପତ୍ର ଗ୍ରହଣ ପରେ ମନ୍ତ୍ରୀ ଏନେଇ ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

# ବ୍ଲକ୍‌ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ

**ଭବାନୀପାଟଣା, ୨୯ ।୧୧ (ସମିସ):** ଲାଞ୍ଜିଗଡ଼ ବ୍ଲକ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର ବିଶ୍ୱନାଥପୁର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ପ୍ରଦର୍ଶନୀରେ ୨୩୨ଟି ନବୋନ୍ମେଷୀ ବୈଜ୍ଞାନିକ ପ୍ରକଳ୍ପ ସହିତ



ପ୍ରାୟ ୩୦୦ ଛାତ୍ରଛାତ୍ରୀ ଏବଂ ୧୦୦ ଶିକ୍ଷକ, ସମସ୍ତ ବିଦ୍ୟାଳୟରୁ ପ୍ରଧାନଶିକ୍ଷକ ଓ ୧୩ଟି ଆଞ୍ଚଳିକ ସାଧନକର୍ମିମାନେ ସକ୍ରିୟଭାବରେ ଅଂଶଗ୍ରହଣ କଲେ । ଯୋଡାବନ୍ଧ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କ ସ୍ୱାଗତ ନୃତ୍ୟ ଓ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ।ପ୍ରଦର୍ଶନୀର ଅଧକ୍ଷ ବ୍ଲକ ଶିକ୍ଷା ଅଧିକାରୀ ରୁଷିଆ ମେହେର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଆଇଏଏସ୍ ଅନିମେଶ ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲାଞ୍ଜିଗଡ଼ ଏବଂ ସମ୍ମାନିତ ଅତିଥି ମଧ୍ୟରେ ଶଶାଙ୍କ ପାତ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଲାଞ୍ଜିଗଡ଼, ସୁଡ଼ଳଦେବ ମୁଣ୍ଡ; ଶ୍ରୀମତୀ ସୁଜାତା ମଳିକ, ପ୍ରଧାନଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ଉଦ୍‌ବୋଧନରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନଙ୍କ ଅବଦାନକୁ ସ୍ତୁତି କରି ବିଜ୍ଞାନମୂଳକ ଚିନ୍ତାଧାରା, ଉତ୍ସୁକତା ଓ ଆବିଷ୍କାରମୂଳକ ଶିକ୍ଷାକୁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ବୋଲି କହିଥିଲେ । ବ୍ଲକ ଶିକ୍ଷା ଅଧିକାରୀ ମଧ ଏହିପରି ପ୍ରଦର୍ଶନୀ ଯୁବପିଢ଼ୀଙ୍କ ସୃଜନଶୀଳତା ଓ ସମାଲୋଚନାତ୍ମକ ଚିନ୍ତାକୁ ସବଳ କରିଥାଏ ବୋଲି ବକ୍ତବ୍ୟ ଦେଇଥିଲେ । ବିଚାରକ ମଣ୍ଡଳୀ ଭାବେ ପ୍ରଧାନଶିକ୍ଷକ କୁବେର ନାଏକ, ଉପେନ୍ଦ୍ର କୁମାର ସୁନାନୀ, ବିରେନ୍ଦ୍ର କୁମାର ପ୍ରଧାନ, ରାଜୀବ କୁମାର ଦାଶ, ଦିବାକର ସାହୁ, ଅଶୋକ କୁମାର ବିଶ୍ୱାଳ ବିଜ୍ଞାନ ମଡେଲ୍ ଦେଖି ମୂଲ୍ୟାୟନ କରିଥିଲେ ।ଛାତ୍ରଛାତ୍ରୀମାନେ ପ୍ରଦାନ କରିଥିବା ମଡେଲ୍‌ଗୁଡ଼ିକ 'ପ୍ରଯୁକ୍ତି', 'ନବୀକରଣଯୋଗ୍ୟ ଶକ୍ତି', 'କୃଷି', 'ପରିବେଶ ସୁରକ୍ଷା' ଏବଂ 'ସମୁଦାୟମୂଳକ ସମସ୍ୟା ସମାଧାନ' ଭଳି ବିଷୟରେ ଆଧାରିତ ଥିଲା । ସମାପନୀ ସଭାରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ କମଳା ପାତ୍ର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ବ୍ଲକ ଉପାଧକ୍ଷ ସଞ୍ଜୀବ କୁମାର ନାଏକ, ଦୁଷ୍ମନ୍ତ ଶେଖର ପାତ୍ରୀ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ, ପଙ୍କଜିନି ମାଝୀ, ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ, ମଧୁସ୍ମିତା ନାଏକ, କଳମପୁର ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଯୋଗ ଦେଇ ଛାତ୍ର ଛାତ୍ରୀଙ୍କୁ ମାର୍ଗଦର୍ଶନ କରି ବିଜ୍ଞାନ ର ଉପାଦେୟତା ବିଷୟରେ କହିଥିଲେ ।ସମାପନୀ ସଭାରେ ଶ୍ରେଷ୍ଠ ମଡେଲ୍ ପ୍ରଦର୍ଶନ କରିଥିବା ୧୭ ଜଣ ଛାତ୍ରଛାତ୍ରୀ ଓ ବିଦ୍ୟାଳୟମାନଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ପ୍ରେସ କ୍ଲବ ଲାଞ୍ଜିଗଡ଼ ଦ୍?ାରା ରକ୍ତଦାନ ଶିବିରରେ ଶିକ୍ଷକ ହିମାଂଶୁ ଶେଖର ମେହେର, ଦୂର୍ବଦଳ ପଟେଲ, ସୁରେଶ କୁମାର ମହାରଣା, ସୁଶାନ୍ତ କୁମାର ବାରିକ ରକ୍ତ ଦାନ କରିଥିଲେ ।

# ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ

**ନୂଆପଡ଼ା, ୨୯ ।୧୧ (ସମିସ):** ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ସମବାୟ ବିକାଶ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ସୁବାସ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୂର୍ମି ସୋରେନ, ଡିଆରସିଏସ ଶିବ ପ୍ରସାଦ ସ୍ୱାଇଁ ଏବଂ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ସମସ୍ତଙ୍କୁ ସ୍ୱାଗତ କରି ଜିଲ୍ଲାପାଳ କହିଲେ ଯେ କୃଷି ଓ କୃଷକର ସର୍ବାଙ୍ଗୀନ ଉନ୍ନତି ପାଇଁ ସମବାୟ ସଂସ୍ଥାର ବିକାଶ ଅତ୍ୟନ୍ତ ଆବଶ୍ୟକ । ପ୍ରାଥମିକସ୍ତରରେ ଏହା କୃଷକ ମାନଙ୍କ ସମସ୍ତ ଆବଶ୍ୟକତା ପୂରଣ କରି ଗ୍ରାମାଞ୍ଚଳର କୃଷକଙ୍କ ବିଶ୍ୱାସ ଭାଜନ ହୋଇଥାଏ । ସମବାୟ ସୁରକ୍ଷିତ ରହିଲେ କୃଷକ ସମାଜ ସମୃଦ୍ଧ ହେବ । ଏହାପରେ ଆସନ୍ତା ବର୍ଷ ପାଇଁ ନୂଆପଡ଼ା ଜିଲ୍ଲାର ସମବାୟ ବିକାଶ ଉପରେ ବିଷଦ ଆଲୋଚନା କରାଯାଇଥିଲା । ବୈଠକରେ ସମସ୍ତ ସମବାୟ ସମିତି ସଭାପତି ଓ ସମ୍ପାଦକ ଯୋଗଦାନ କରି ନୂଆପଡ଼ା ଜିଲ୍ଲାରେ ସମବାୟର ବିକାଶ ପାଇଁ ସୁଚିନ୍ତିତ ମତାମତ ରଖିଥିଲେ ।ନୂଆପଡ଼ା ଜିଲ୍ଲାରେ ଖରିଫ ଧାନ କିଣା, ସାର ଓ ବିହନ ର ସୁବଣ୍ଟନ, କେସିସି ଋଣ ପ୍ରଦାନ, ମାଇକ୍ରୋ ଏଟିଏମ ଦ୍ୱାରା ଟଙ୍କା ଉଠାଣ କିଭଳି ଭାବେ ସୁଚାରୁ ରୂପେ ହୋଇ ପାରିବ, ସେଥି ପାଇଁ ବିସ୍ତୃତ ଆଲୋଚନା କରାଯାଇଥିଲା ।

BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
9437015112

# ବେଆଇନ ଗଞ୍ଜେଇ ଚାଷ ନଷ୍ଟ କଲା ପୁଲିସ



**ମ.ରାମପୁର, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ ମୋହନଗିରି ଓ ସିଂହପୁର ପଞ୍ଚାୟତର ସିଟ୍ଟୁବାଲି ଓ କମ୍ ଗାଁ ସଂଲଗ୍ନ ଗ୍ରାମରେ ବେଆଇନ ଚାଷ କରିଥିବା ହଜାର ହଜାର ଗଞ୍ଜେଇ ଗଛକୁ ନଷ୍ଟ କରିଛି ମ.ରାମପୁର ପୁଲିସ୍ ଓ ଅବକାରୀ ବିଭାଗ । କଳାହାଣ୍ଡି ଆରକ୍ଷୀ ଅଧିକାରୀଙ୍କ ନିର୍ଦ୍ଦେଶରେ ମ.ରାମପୁର ପୁଲିସ, ଅବକାରୀ ବିଭାଗର ୩୦ ଜଣିଆ କର୍ମଚାରୀ ଏକର ଏକର ଗଞ୍ଜେଇ ଚାଷ କାଟି ନଷ୍ଟ କରୁଛନ୍ତି । ଏହି ଅପରେସନ ରେ ମ.ରାମପୁର ବନ ବିଭାଗ ଓ ମୋହନଗିରି ପୋଲିସ୍ ଫାଣ୍ଡି ମଧ ସହଯୋଗ କରୁଥିବା ଦେଖିବାକୁ ମିଳିଛି । ଦୀର୍ଘ ଦିନରୁ ଏହି ଅଞ୍ଚଳ ଗଞ୍ଜେଇର ହବ ପାଲଟିଥିବା ପୁଲିସ ବିଶେଷ ସୂତ୍ର ଖବର ପାଇଥିଲା । ଦୁଇ ଦିନ ଧରି କଳାହାଣ୍ଡି ପୋଲିସ ଗଞ୍ଜେଇ ଚାଷ ନଷ୍ଟ କରିବା ପ୍ରକ୍ରିୟା ଆରମ୍ଭ କରିଛି । ଏହି ଅଞ୍ଚଳକୁ ଗଞ୍ଜେଇ ଚାଷ ମୁକ୍ତ କରିବା ଲକ୍ଷ୍ୟ ରଖାଯାଇଛି ବୋଲି ମ.ରାମପୁର ଥାନା ଅଧିକାରୀ ବିରବର ଭଗତ ପ୍ରକାଶ କରିଛନ୍ତି । ଅଭିଯାନ ରେ ମ. ରାମପୁର ଥାନା ଅଧିକାରୀ ବିରବର ଭଗତ, ଏଏସ ଆଇ ଅଭିରାମ ରାଓ, ଅବକାରୀ ବିଭାଗ ସବ ଇନିସ୍ପେକଟର ଦେବାଶିଷ ସିରଦର, ବନ ବିଭାଗ ଏସିଏଫ ଅସିତ ଦାସ ଓ ଅନ୍ୟାନ୍ୟ କର୍ମଚାରୀ ସାମିଲ ଥିଲେ ।

# ଡିସେମ୍ବର ୯ ରୁ ବୁଢ଼ାରଜା କପ୍ କ୍ରିକେଟ

**କେସିଙ୍ଗା, ୨୯ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗାର ମଡିଙ୍ଗ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ବୁଢ଼ାରଜା କ୍ରିକେଟ ନକଆଉଟ ପ୍ରତିଯୋଗିତା ଆସନ୍ତା ଡିସେମ୍ବର ୯ ତାରିଖରୁ ସ୍ଥାନୀୟ ତହସିଲ ଅଫିସ ପାଖରେ ଥିବା ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।ପ୍ରତିଯୋଗିତା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇ ଯାଇଥିବା ବେଳେ ସମଗ୍ର ଓଡ଼ିଶା ସମେତ ପଡୋଶୀ ଛତିଶଗଡ଼ ରାଜ୍ୟର ରାୟପୁର ଓ ଦୁର୍ଗ ଦଳ ସମେତ ବଛା ବଛା ୮ଟିଇ ଦଳ ଚଳିତ ବର୍ଷ ପ୍ରତିଯୋଗିତାରେ ନିଜକୁ ସାମିଲ କରିଛନ୍ତି । ଚଳିତ ବର୍ଷ ଚାମ୍ପିଅନ ଦଳକୁ ବଡ଼ ଟ୍ରଫି ସହିତ ନଗଦ ୭୦ ହଜାର ଟଙ୍କା ପ୍ରଦାନ କରାଯିବାକୁ ଥିବା ବେଳେ ଉପବିଜେତା ଦଳକୁ ବଡ଼ ଟ୍ରଫି ସହିତ ନଗଦ ୪୦ ହଜାର ଟଙ୍କା ପ୍ରଦାନ କରାଯିବ ସେହିପରି ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳିଙ୍କୁ ମଧ ଟ୍ରଫି ସହିତ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯିବ । ଡିସେମ୍ବର ୯ ତାରିଖରେ ଆରମ୍ଭ ହେବାକୁ ଥିବା ଉକ୍ତ ପ୍ରତିଯୋଗିତାର ଫାଇନାଲ ଖେଳ ୧୪ ତାରିଖରେ ଖେଳାଯିବ ।

# ଭବାନୀପାଟଣା ରେଳ ଷ୍ଟେସନରେ କୋଚ୍ ଇଣ୍ଡିକେସନ୍ ବୋର୍ଡ ସ୍ଥାପିତ

**ଭବାନୀପାଟଣା, ୨୯ ।୧୧(ସମିସ):** ପ୍ଲାଟଫର୍ମରେ କୋଚ୍ ଏବଂ ଟ୍ରେନ୍ ର ସ୍ଥାନ ବିଷୟରେ ଯାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିବା ଲକ୍ଷ୍ୟରେ, ପୂର୍ବତଟ ରେଳପଥ ସମ୍ବଲପୁର ମଣ୍ଡଳ ଭବାନୀପାଟଣା ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ ରେ କୋଚ୍ ଇଣ୍ଡିକେସନ୍ ବୋର୍ଡ (ସିଆଇବି) କାର୍ଯ୍ୟକ୍ଷମ କରିଛି । ନୂତନ ଭାବରେ ସ୍ଥାପିତ କୋଚ୍ ଇଣ୍ଡିକେସନ୍ ବୋର୍ଡଗୁଡ଼ିକ ଟ୍ରେନ ଆସିବା ପୂର୍ବରୁ ବିଭିନ୍ନ ପ୍ରକାରର କୋଚ୍ ଯେପରିକି ଅଣସଂରକ୍ଷିତ କମ୍ପାର୍ଟମେଣ୍ଟ, ସ୍ଲିପର୍ କୋଚ୍ ଏବଂ ଏସି କୋଚ୍ ର ସ୍ଥାନ ସହଜରେ ଚିହ୍ନଟ କରିବାରେ ଯାତ୍ରୀମାନଙ୍କୁ ସହାୟତା କରିବ । ପ୍ଲାଟଫର୍ମରେ ମୋଟ ୨୫ଟି କୋଚ୍ ଇଣ୍ଡିକେସନ୍ ବୋର୍ଡ ସ୍ଥାପନ କରାଯାଇଛି । ଏହା ସହିତ, ଯାତ୍ରୀମାନଙ୍କ ପାଇଁ ରିଅଲ୍-ଟାଇମ୍ ଟ୍ରେନ୍ ଅପଡେଟ୍ ସୁବିଧାଜନକ କରିବା ପାଇଁ ପ୍ଲାଟଫର୍ମପ୍ରବେଶ ପଥରେ ଏକ ଟ୍ରେନ୍ ସୂଚନା ପ୍ରଦର୍ଶନ ବୋର୍ଡ ପୂର୍ବରୁ ସ୍ଥାପନ କରାଯାଇଛି ।ସ୍ଥାନୀୟ ସଂଘ ଏବଂ ଗ୍ରାହକ ମଞ୍ଚ ଦୀର୍ଘ ଦିନ ଧରି ଏହି ସୁବିଧା ପାଇଁ ଅନୁରୋଧ କରିଆସୁଥିଲେ, କାରଣ ଅଧିକାଂଶ ଏକ୍ସପ୍ରେସ୍ ଏବଂ ସୁପରଫାଷ୍ଟ ଟ୍ରେନ୍ ଭବାନୀପାଟଣାରେ କେବଳ କିଛି ମିନିଟ୍ ପାଇଁ ଅଟକିଥାଏ । ସାଧାରଣତଃ ୨୪ଟି କୋଚ୍ ବିଶିଷ୍ଟ ଟ୍ରେନଗୁଡ଼ିକ ସହିତ,




ଯାତ୍ରୀମାନେ - ବିଶେଷକରି ବୃଦ୍ଧ, ଭିନ୍ନକ୍ଷମ ଏବଂ ପିଲା ଥିବା ପରିବାର - ପ୍ରାୟତଃ ସେମାନଙ୍କର ସଂରକ୍ଷିତ କୋଚ୍‌ଗୁଡ଼ିକୁ ଶୀଘ୍ର ଖୋଜିବାରେ ଅସୁବିଧାର ସମ୍ମୁଖୀନ ହେଉଥିଲେ । କୋଚ୍ଇ ଣ୍ଡିକେସନ୍ ବୋର୍ଡ (ସିଆଇବି) ସିଷ୍ଟମର ପ୍ରଚଳନ ଏହି ଅସୁବିଧାକୁ ବହୁତ କମ କରିବ ଏବଂ ସାମଗ୍ରିକ ଯାତ୍ରା ଅଭିଜ୍ଞତାକୁ ଉନ୍ନତ କରିବ ବୋଲି ଆଶା କରାଯାଉଛି ।ଭାରତୀୟ ରେଳବାଇର ଅମୃତ ଭାରତ ଯୋଜନା ଅଧୀନରେ ସମ୍ବଲପୁର ମଣ୍ଡଳ ଭବାନୀପାଟଣା ରେଳ ଷ୍ଟେସନର ଉନ୍ନତିକରଣ ପାଇଁ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ମଧ କରୁଛି, ଯାହାର ଲକ୍ଷ୍ୟ ହେଉଛି ଏକ ଅଧିକ ଯାତ୍ରୀ-ଅନୁକୂଳ ଏବଂ ଆଧୁନିକ ଷ୍ଟେସନ ପରିବେଶ ସୃଷ୍ଟି କରିବା ।

## କଲମପୁରର ୧୬ଟି ସ୍ଥାନରେ ଫାଟ

# ପାଇପ୍ ପାଣି ଯୋଗାଣରେ ଅବ୍ୟବସ୍ଥା

**କଲମପୁର, ୨୯ ।୧୧(ସମିସ)**



କଳାହାଣ୍ଡି ଜିଲ୍ଲା କଲମପୁର ଅଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଅବ୍ୟବସ୍ଥାରେ ପରିଚାଳିତ ହେଉଛି ।ଜନସାଧାରଣ ବିଶୁଦ୍ଧ ପାନୀୟ ଜଳ ପରିବର୍ତ୍ତେ ଦୂଷିତ ଜଳ ପାନ କରିବାକୁ ବାଧ ହେଉଛନ୍ତି ।କଲମପୁର ବ୍ଲକ ଅଞ୍ଚଳରେ ଶତାଧିକ ନଳକୂପ ବ୍ୟବସ୍ଥା ହୋଇଥିବା ବେଳେ ଉଠା ଜଳ ଯୋଗାଣ ବ୍ୟବସ୍ଥା, ବସୁଧା ଯୋଜନାରେ ବିଭିନ୍ନ ସ୍ଥାନରେ ଥଣ୍ଡା ଗରମ ପାନୀୟ ବ୍ୟବସ୍ଥା ହୋଇଛି । କିନ୍ତୁ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇ ପଡ଼ିଛି । ଏହାର କାରଣ ଖୋଜିବାରୁ ଜଣାଯାଏ ଯେ ଏହାର ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲା ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ପକ୍ଷରୁ କରାଯାଉଛି, ଫଳରେ ବ୍ଲକ କିମ୍ବା ପଞ୍ଚାୟତ କେହି ଚାହିଁଲେ ବି କିଛି କରି ପାରୁନାହାନ୍ତି, ସମଗ୍ର ବ୍ଲକ ଅଞ୍ଚଳର କଲମପୁର ସଦରମହକୁମାକୁ ନିରିଖେଇ ଦେଖିଲେ ଏହାର ସ୍ପଷ୍ଟ ଚିତ୍ର ବାରି ହୋଇ ପଡୁଛି । ଘରକୁ ଘର ପାଇପ ଯୋଗେ ବିଭାଗ ପାନୀୟ ଜଳ ଯୋଗାଣ କରି ଆସୁଛି ।ଏଥିରେ ଦୁଇଟି ଗଭିର ନଳକୂପ ଖନନ ହୋଇ କାର୍ଯ୍ୟକାରୀ ହୋଇ ଆସୁଥିବା ବେଳେ ୧୬ଟି ସ୍ଥାନରେ ଫାଟ ସୃଷ୍ଟି ହୋଇ ଅନବରତ ପାନୀୟ ଜଳ ଅପଚୟ ହେବାରେ ଲାଗିଛି । ସେହି ପଥଦେଇ ଦୂଷିତ ଜଳ ପାଇପରେ ପ୍ରବେଶ କରୁଥିବାରୁ ଲୋକଙ୍କ ପାଖକୁ ପାନୀୟ ଜଳ ଭାବେ ବ୍ୟବହାର ହେଉଛି । ଏଥିପ୍ରତି କାହାରି ନିଘା ନାହିଁ, ପ୍ରଶ୍ନର ଉତ୍ତରରେ ସ୍ଥାନୀୟ ନେତୃମଣ୍ଡଳୀ ପ୍ରକାଶ କରିଛନ୍ତି ଯେ ବ୍ଲକ ଓ ପଞ୍ଚାୟତ ଗୁଡିକ ନିର୍ଦ୍ଦିଷ୍ଟ ପ୍ରତିଶତ ଅର୍ଥ ରାଶି ପାନୀୟ ଜଳ ପାଇଁ ରଖିବାକୁ କୁହାଯାଉଛି, କିନ୍ତୁ ସେହି ଅର୍ଥ ରାଶି ବ୍ଲକ କି ପଞ୍ଚାୟତ ଖର୍ଚ୍ଚ କରିବାର ଅଧିକାର ନାହିଁ, ସେତିକି ପ୍ରତିଶତ ଅର୍ଥ ରାଶି ଜିଲ୍ଲା ଗ୍ରାମ୍ୟଜଳ ଓ ପରିମଳ ବିଭାଗକୁ ହସ୍ତାନ୍ତର ହେଉଛି, ସେମାନେ ସେଠାରେ ରହି ନିୟନ୍ତ୍ରଣ କରୁଛନ୍ତି । ଫଳରେ ଜନସାଧାରଣ ଜନପ୍ରତିନିଧିଙ୍କୁ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳି ପାରୁନାହିଁ । ଅଧିକାଂଶ ଉଠା ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ନିୟମିତ ଭାବେ କଲମପୁର ପ୍ରକଳ୍ପ କୌଣସି ପ୍ରକାରେ ସଚଳ ରହିଛି । ଯଦି ଏପରି ଲାଗି ରହେ ତେବେ ଏହି ପ୍ରକଳ୍ପ ମଧ ଅଚଳ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ଏନେଇ କଲମପୁର ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଦୁର୍ଯ୍ୟୋଧନ ଖଟୁଆ ମୁଁ ନୂଆଁ ଆସିଛି, ଜାଣି ନ ଥିଲି, ମୁଁ ପଚାରି ବୁଝୁଛି ଓ ଏହା ଶିଘ୍ର ମରାମତି ପାଇଁ ଚେଷ୍ଟା କରିବି ବୋଲି କହିଛନ୍ତି । ନିର୍ବାଚିତ ଜନ ପ୍ରତିନିଧିମାନେ ଆମଠାରୁ ଅର୍ଥ ରାଶି ନିଆଯାଇ ସେମାନେ ରକ୍ଷଣାବେକ୍ଷଣ କରୁଥିବା ଦ୍ୱାରା ଆମେ ଲୋକମାନଙ୍କ ରୋଷର ଶିକାର ହେବାକୁ ପଡୁଛି ବୋଲି କହିଛନ୍ତି ।

● ଅନାସ୍ଥାରେ ପଦ ହରାଇଲେ ଲତା କୁମ୍ଭାର

# ବିଜୟ ସେଲମା ବୁଢ଼ାବାହାଲର ନୂଆ ସରପଞ୍ଚ



ସଇଁତଲା,୨୯ ।୧୧(ସମିସ): ବାଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ବୁଢାବାହାଲ ପଞ୍ଚାୟତ ସରପଞ୍ଚ ଅନାସ୍ଥାରେ ନିଜ ପଦ ହରାଇଛନ୍ତି । ନାଏବ ସରପଞ୍ଚ ବିଜୟ ସେଲମା ନୂଆ ସରପଞ୍ଚ ହୋଇଛନ୍ତି । ଲତାଙ୍କୁ ବିରୋଧ କରି ୱାର୍ଡମେମ୍ବରମାନେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ ।

ଲତା ମନମୁଖି କାର୍ଯ୍ୟ କରୁଥିବା ସେମାନେ ଅଭିଯୋଗ କରି ଥିଲେ । ଏହାକୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଅନାସ୍ଥା ଭୋଟ ପ୍ରକ୍ରିୟା କରାଯାଇଥିଲା । ତେବେ କିଛି ମାସ ଧରି କୋର୍ଟରେ ମାମଲା ଲାଗି ରହିଥିଲା । ଶେଷରେ ଟିଟିଲାଗଡ଼ ଉପଜିଲ୍ଲାପାଳ ବୁଢାବାହାଲ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ଫଳାଫଳ ଘୋଷଣା କରିଛନ୍ତି । ଏହାସହ ନାଏବ ସରପଞ୍ଚ ବିଜୟ ସେଲମାଙ୍କୁ ନୂତନ ସରପଞ୍ଚ ଭାବେ ଘୋଷଣା କରିଛନ୍ତି । ଶନିବାର ନୂଆ ସରପଞ୍ଚ ଦାୟିତ୍ୱ ଗ୍ରହଣ କରିଥିଲେ ।

# ସମିତିସଭ୍ୟଙ୍କ ଫାର୍ମରୁ ୧୭ ଜୁଆଡ଼ି ଗିରଫ

ବଲାଙ୍ଗିର,୨୯ ।୧୧(ସମିସ)

ବଲାଙ୍ଗିର ସଦର ଥାନା କୁଟୁରାପାଲି ଅଞ୍ଚଳରେ ନିୟମିତ ଭାବେ ଜୁଆଖେଳ ଚାଲିଛି । ସବୁ ଜାଣି ମଧ୍ୟ ପୁଲିସ ଅଜଣା ସାଜିଛି । ସ୍ଥାନୀୟ ସମିତି ସଭ୍ୟର ସ୍ୱାମୀ ରୁଷଭ ସାହୁ ଏହି ଜୁଆଖେଳ ଆଡ୍ଡା ଚଳାଇଛନ୍ତି । ଏକ ନିର୍ଭର ଯୋଗ୍ୟ ସୂତ୍ରରୁ ଖବର ପାଇ ଶେଷରେ ବଲାଙ୍ଗିର ଏସପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ପୁଲିସ ଟିମ୍ ଚଢଉ କରି ସେଠାରୁ ୧୭ ଜଣଙ୍କୁ ଗିରଫ କରିଛି । ସେମାନଙ୍କ ପାଖରୁ ନଗଦ ଟଙ୍କା, କାର ଓ ବାଇକ ଜବତ କରିଛି । ସଦର ଏସଡିପିଓ ସରୋଜ ଉପାଧ୍ୟୟ ସଦର ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ଏମାନେ ପୁଲିସକୁ ଆକ୍ରମଣ ଉଦ୍ୟମ କରିବାକୁ ପଛାଇ ନାହାନ୍ତି । ଏହାସହ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଡ୍ୟୁଟିରେ ବାଧା ଦେଇଥିବା ନେଇ ଏସ୍‌ଡିପିଓ ସୂଚନା ଦେଇଛନ୍ତି ।

ସଦର ଥାନା କୁଟୁରାପାଲି ଗାଁ ନିକଟରେ ଥିବା ଏକ ଫାର୍ମରେ ଏହି ଜୁଆଖେଳ ଚାଲିଥିବା ସଦର ପୁଲିସ ସୂଚନା ପାଇଥିଲା । ସୂଚନା ପାଇବା ପରେ ଏସପି ଅଭିଲାଷ ଜି.ଙ୍କ ନିର୍ଦ୍ଦେଶକ୍ରମେ ଟାଉନ ଓ ସଦର ପୁଲିସ ମିଶି ଚଢଉ କରିଥିଲା । ବଲାଙ୍ଗିର ସଦର ଥାନା କୁଟୁରାପାଲି ଗାଁର ଜନ୍ମେଜୟଥନାପାତି, ସଦର ଥାନା ଲୁତୁକିବାହାଲର ଅଭିମନ୍ୟୁ ସାହୁ, ଆଗଲପୁରର ଯୋଗିନ୍ଦ୍ର ମେହେର, ଝାରମୁଣ୍ଡା ଗାଁର ସନ୍ତୋଷ ଧରୁଆ, ବରଗଡ ଜିଲ୍ଲା ଗାଇସିଲେଟ ଥାନା କେଠୁମାଲର ରାତୁ ପରୁଆ,



ବେହେରାମୁଣ୍ଡାର ଅମର ସରାଫ, ଗୁରେନମୁଡା ଗାଁର ଟଙ୍କଧର ମହାନନ୍ଦ, କଂସଢୋଲର ଦେବାନନ୍ଦ ସାହୁ, ବରପାଲି ଥାନା ପଟେଇପାଲିର ବୀରକିଶୋର ଥାପା, ଧୁବାପାଲି ଗାଁର ଶୁକ୍ରୁ ମିର୍ଦ୍ଧା, ବୁଡେନ ଥାନା ବନ୍ଦୋପାଲିର ଦିଲୀପ ସାହୁ, ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ବାମରାର ରାଜା ଯାଦବ, ସାଡୁମେମୁଣ୍ଡା ଗାଁର ନିରଞ୍ଜନ ଟପ୍ପୋ, ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ସିଆଲବାହାଲିର ବୀରେନ୍ଦ୍ର ସାହୁ, ଡୁମେରପାଲିର ବିଶ୍ୱାମିତ୍ର ସାହୁ, କୁଇବାହାଲର କନ୍ଧ କାଲସାଏ ଓରଫ ହିରନ୍ୟ ଓ ରାମପୁର ଥାନା କିସକିନ୍ଦାର ବିଷ୍ଣୁ ପଧାନ ଗିରଫ ହୋଇଛନ୍ତି । ଜନ୍ମେଜୟର ଫାର୍ମରେ ଏହି ଜୁଆ ଆଡ୍ଡା ଚାଲିଥିଲା ।

ଏହାକୁ ସ୍ଥାନୀୟ ସମିତି ସଭ୍ୟଙ୍କ ସ୍ୱାମୀ ରୁଷଭ ସାହୁ ଚଳାଇଥିଲେ । ସେ କିନ୍ତୁ ଫେରାର ହୋଇଯାଇଛନ୍ତି । ତାଙ୍କୁ ଧରିବା ପାଇଁ ମଧ୍ୟ ପୁଲିସ ଉଦ୍ୟମ ଚଳାଇଛି । ପୁଲିସ ସେଠାରୁ ଗୋଟିଏ କାର, ୧୨ଟି ମୋଟର ସାଇକେଲ, ୧୫ଟି ମୋବାଇଲ ଫୋନ ସହ ୧ ଲକ୍ଷ ୪୯ ହଜାର ୪୭୦ ନଗଦ ଟଙ୍କା ଜବତ କରିଛି । ଏହା ସହ ଜୁଆପଟି, ଚମଡା ତିଆରି ଡବା ଓ ୬ଟି ଘୁଡଘୁଡ୍ଡୁ ଗୁଟି ଜବତ ହୋଇଛି । ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପୁଲିସ ଚଢଉ କରିବା ପରେ ଏମାନେ ଭୟ କରିବା ବଦଳରେ ପୁଲିସକୁ ଓଲଟି ଧମକ ଚମକ ଦେଇଛନ୍ତି । ଡ୍ୟୁଟିରେ ବାଧା ଦେବା ସହ ଆକ୍ରମଣ ଉଦ୍ୟମ କରିଛନ୍ତି ।

ତେବେ କୁଟୁରାପାଲିରେ ଜୁଆଖେଳ ଆଜିର ନାହିଁ । ଏହି ଖେଳ ନିୟମିତ ଭାବେ ଗତ କିଛି ବର୍ଷ



● କାର୍, ବାଇକ୍ ସହ ଲକ୍ଷାଧିକ ଟଙ୍କା ଜବତ
● ମାଷ୍ଟରମାଇଣ୍ଡ ଫେରାର
● ଚଢ଼ଉ ବେଳେ ପୁଲିସକୁ ଦୁର୍ବ୍ୟବହାର

ହେଲା ଚାଲିଛି । ପୁଲିସ ଜାଣି ଅଜଣା ସାଜିଥିବା ଅଭିଯୋଗ ହୋଇଛି । କେବଳ ଏହି ଗୋଟିଏ ସ୍ଥାନ ନୁହଁ; ସଦର ଥାନାର ଝାରମୁଣ୍ଡା ସହ ଅନ୍ୟ ସ୍ଥାନରେ ମଧ୍ୟ ଜୁଆର ବଡ ବଡ ଆଡ୍ଡା ଚାଲିଛି । ସଦର ପୁଲିସ ଜାଣି ମଧ୍ୟ ଚୁପ୍ ରହୁଥିବା ଅଭିଯୋଗ ହୋଇଛି ।

# ଏଚ୍‌ଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




ବଙ୍ଗୋମୁଣ୍ଡା,୨୯ ।୧୧(ସମିସ): ବଙ୍ଗୋମୁଣ୍ଡା ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ ବିଭାଗ ଏବଂ ରେଡ ରିବନ୍ କ୍ଲବ ତରଫରୁ ଏକ ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିନ୍ଧେକେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଜୟନ୍ତ ବାଗ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ଏଡ଼ସର ଭୟାବହତା, ସଂକ୍ରମଣର କାରଣ ଓ ନିରାକରଣ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏଚ୍‌ଆଇଭି ଏଡ଼ସ ସଚେତନତା ଉପରେ ବକ୍ତୃତା, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ ସାଧାରଣଜ୍ଞାନ ପ୍ରତିଯୋଗିତା ମଧ୍ୟ ହୋଇଥିଲା । ବଙ୍ଗୋମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ମିନତି ରଥଙ୍କ ସଭାପତିତ୍ୱରେ ଏହି ସଚେତନତା କାର୍ଯ୍ୟକ୍ରମରେ ଯୁବ ରେଡକ୍ରସ୍ ସଂଯୋଜକ ଅଧ୍ୟାପକ ରଶ୍ମିରଞ୍ଜନ ସ୍ୱାଇଁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ଦୁର୍ଗା ବାଗ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଅଧ୍ୟାପକ ନିଲେଶ ପାରେଖ ଧନ୍ୟବାଦ୍ ଅର୍ପଣ କରିଥିଲେ । ଅଧ୍ୟାପକ ଅକ୍ଷୟ ପ୍ରଧାନ, ନରୋତ୍ତମ ପଣ୍ଡା, ମହମ୍ମଦ ସଲମାନ୍ ଖାନ, ବବିତା ଦାସ, ହେମନ୍ତ ପ୍ରଧାନ, ସୁନୀତା ଦାସ, ମୂରଲୀଧର ମେହେର, ଯୁଗଳ କିଶୋର ବେହେରା, ହେମନ୍ତ ପ୍ରଧାନ, ସାଗର ରଥ, ସୁଧାଂଶୁ ଶେଖର ପୁଟେଲ, ରିଖିରାମ ପୁଟେଲ୍, ମୂରଲୀଧର ପୁଟେଲ ପ୍ରମୁଖ ସହଯୋଗ କରିଥିଲେ ।

# ଚେସ୍ ଟୁର୍ଣ୍ଣାମେଣ୍ଟରେ ଭାଗନେଲେ ୧୦୨ ପ୍ରତିଯୋଗୀ

କଣ୍ଟାବାଞ୍ଜି,୨୯ ।୧୧(ସମିସ): କଣ୍ଟାବାଞ୍ଜି ଜିଆର ପ୍ୟାଲେସଠାରେ ୨ ଦିନିଆ ୫ମ ଚେସ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଛି । ମୁଖ୍ୟ ଆରବିଟର ଆଇଏ ଭବେଶ ମହାନ୍ତି, ଡେପୁଟି



ଚିପ ଆରବିଟର ଏଫଏ ବିଘ୍ନେଶ୍ୱର ଯୋଶୀ, ଆରବିଟର ଏସଏନଏ କ୍ଷୀରୋଦ ଦଳାଇ, ସଭାପତି ଦେବେନ୍ଦ୍ର ଯୋଶୀ, ସମ୍ପାଦକ ମଛିନ୍ଦ୍ର ନାରାୟଣ ବେହେରା ପ୍ରମୁଖ ଏହି ଚେସ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ । ବଲାଙ୍ଗୀର, ବରଗଡ଼, କଳାହାଣ୍ଡି, ନୂଆପଡା, ଝାରସୁଗୁଡାରୁ ଖେଳାଳିମାନେ ସାମିଲ ହୋଇଛନ୍ତି । ୪ଟି ରାଉଣ୍ଡରେ ୧୦୨ ଜଣ ଖେଳାଳି ପ୍ରଥମ ଦିନରେ ଯୋଗ ଦେଇଛନ୍ତି । କଣ୍ଟାବାଞ୍ଜି ଚେସ୍ ଏସୋସିଏସନର ସଭାପତି ଦେବେନ୍ଦ୍ର ଯୋଶୀ, ସମ୍ପାଦକ ମଛିନ୍ଦ୍ର ନାରାୟଣ ବେହେରା, କାର୍ଯ୍ୟକାରୀ ସଭାପତି ଦେବ କୁମାର ମହାନ୍ତି, ମୁଖ୍ୟ ଉପଦେଷ୍ଟା ସୁକଦେବ ମହାନ୍ତି, ଉପଦେଷ୍ଟା ଚିନ୍ମୟ ଯୋଷୀ, କୋଷାଧ୍ୟକ୍ଷ ପ୍ରଶାନ୍ତ ପାଢୀ, ଉପସଭାପତି ବିନୟ ବେହେରା, ବିକାଶ ମେହେର, ସହସଂପାଦକ ଭବାନୀ ପ୍ରସାଦ ମେହେର, ନବୀନ ଦୀପ, ଉପଦେଷ୍ଟା କମିଟିର ସଦସ୍ୟ ଧର୍ମୁ ବାଗ, ଅରବିନ୍ଦ ଚନ୍ଦନ, ଗଣେଶ ଚିନାଗୁଣ, ତନ୍ମୟ ଦାସ, ପ୍ରୀତିଶ ମହାନ୍ତି, ଅରୁଣ ମହାର, କୁନୁ ଚନ୍ଦନ, ଶୁକ୍ରୁ ପୁଟେଲ, ପିଣ୍ଟୁ ସୁନା, ଶିବ ଦାସ, ଆଇନ ପରାମର୍ଶଦାତା ବିବେକ ଶର୍ମା, ପୁଷ୍ପକେତୁ ବେହେରା ପ୍ରମୁଖ ସହଯୋଗ କରୁଛନ୍ତି ।

# ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ଦେଓଗାଁ,୨୯ ।୧୧(ସମିସ): ଦେଓଗାଁ ନେହେରୁ ଖେଳପଡିଆରେ ୨ଦିନ ଧରି ଚାଲିଥିବା ସରସ୍ୱତୀ ଶିଶୁବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡା ଶନିବାର ଉଦ୍‌ଯାପିତ ହୋଇଯାଇଛି । ଚିକିତ୍ସା ଅଧିକାରୀ ସ୍ୱାଭିମାନ ସାହୁ, ଷ୍ଟେଟବ୍ୟାଙ୍କ ମ୍ୟାନେଜର ରଶ୍ମୀରଞ୍ଜନ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଥାନା ଅଧିକାରୀ ବିଶ୍ୱରଞ୍ଜନ ମହାନ୍ତି, ଇପ୍‌ସିତା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇଥିଲେ । ଶିଶୁଙ୍କ ମଧ୍ୟରେ ବିଭିନ୍ନ କ୍ରୀଡା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ସର୍ବଶ୍ରେଷ୍ଠ ଖେଳାଳି ଭାବେ ସୌମ୍ୟରଞ୍ଜନ ବଗର୍ତ୍ତି, ରିଜୱାନ ଖାନ, ଦିଗସା ପ୍ରିୟଦର୍ଶିନୀ ସାହୁ, କିଞ୍ଜଲ ସାହୁ, ଆଦ୍ୟାଶା ପୂଝାରୀ, ଆୟୁଶ ମନହୀରା, ସଲୋନୀ ଦଲାଇ, ଆୟୁଶ ରଞ୍ଜନ ବୁଡେକ ପୁରସ୍କୃତ ହୋଇଥିଲେ । ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ସାଙ୍କ ତତ୍ତ୍ୱାବଧାନରେ ଶାରୀରିକ ପ୍ରମୁଖ ଭବାନୀ ପ୍ରସାଦ ପୁରୋହୀତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପ୍ରଶାନ୍ତ ସାହୁ ସଭା ସଂଯୋଜନା କରିଥିବା ବେଳେ ବ୍ୟାସଦେବ ମେହେର ପ୍ରଭାସିନୀ ପ୍ରଧାନ ତଥା ଅନ୍ୟମାନେ ସହଯୋଗ କରିଥିଲେ ।

# ଦେଓଗାଁ ବ୍ଲକ୍‌ରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଦେଓଗାଁ,୨୯ ।୧୧(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟ ପରିସରରେ ଶନିବାର ବ୍ଲକସ୍ତରୀୟ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧକ୍ଷ ଦୟାନିଧି ଖମାରୀ, ସମ୍ମାନୀତ ଅତିଥି ଭାବେ ଶଶି ପାଣିଗ୍ରାହୀ, ବ୍ଲକ୍ ଉପାଧକ୍ଷା ସୂର୍ଯ୍ୟକାନ୍ତୀ ଛତ୍ରିଆ, ଜିଲ୍ଲା ପରିଷଦ ସଭ୍ୟା ସୁମତୀ ସେଠ, ସିଡିପିଓ ମିନତୀ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ବିଡିଓ ପ୍ରୀୟରଞ୍ଜନ କୁମାରଙ୍କ ସଭାପତିତ୍ୱ ତଥା ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ବିଡିଓ ପୁଷ୍ପାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଶିବିରରେ ୨୬ ପଞ୍ଚାୟତରୁ ୧୦୦ ଜଣ ଉପକରଣ ପାଇଁ ପଞ୍ଜିକରଣ କରିଥଲେ ।

# ଖପ୍ରାଖୋଲ ମହୋତ୍ସବ ଆରମ୍ଭ



ଖପ୍ରାଖୋଲ,୨୯ ।୧୧(ସମିସ): ୫ମ ଖପ୍ରାଖୋଲ ମହୋତ୍ସବ ଶନିବାର ଆରମ୍ଭ ହୋଇଛି । ଏହି ଅବସରରେ ସନ୍ଧ୍ୟାରେ ଆୟୋଜକ କମିଟି ତରଫରୁ ଖପ୍ରାଖୋଲର ଇଷ୍ଟ ଦେବୀ ମାଁ ଡୁମେରତଲିଏନଙ୍କଠାରେ ପୂଜାପାଠ ହୋଇଥିଲା । ସେଠାରୁ ମଶାଲ ଶୋଭାଯାତ୍ରା ବାହାରି କଂସ ଦରବାର ଅନୁଷ୍ଠିତ ହୋଇଥିଲା ।

ମହୋତ୍ସବ କମିଟି ସଭାପତି ବୁଲୁ ପଣ୍ଡା, ଉପ ସଭାପତି ଡୋଲାମଣୀ ସାଣ୍ଡ, ରଞ୍ଜନ ସାହୁ, ଉଦ୍ଧବ ମେହେର, ରାଜୁ ବାରିକ, ସତ୍ୟ ବାଗ, ଅରକ୍ଷିତ ସାହୁ, ବିନୋଦ ସାହୁ, କୁନୁ ସାହୁ, ବାଦଲ ଦଣ୍ଡସେନା, ହରିବୋଲ ଦାସ, ହାକା ପ୍ରଧାନ, ରୋହିତ ଶଗଡ଼ିଆ, ସୁଶାନ୍ତ ପ୍ରଧାନ, ଆଶିଷ ଭୋଇ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଏହି ମହୋତ୍ସବ ଡିସେମ୍ବର ୫ ତାରିଖ ଯାଏଁ ଅନୁଷ୍ଠିତ ହେବ ।




# ବିଦ୍ୟାଳୟ ସମୂହ ଫେନ୍‌ସିଂ ଓ ଥାଙ୍ଗଟା ଉଦ୍‌ଯାପିତ

ବଲାଙ୍ଗିର,୨୯ ।୧୧(ସମିସ): ସ୍ଥାନୀୟ ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ୬୯ତମ ଓଡିଶା ରାଜ୍ୟ ବିଦ୍ୟାଳୟ ସମୂହ ଫେନସିଂ ଓ ଥାଙ୍ଗଟା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି । ଏହି ପ୍ରତିଯୋଗିତାରେ



ବଲାଙ୍ଗିର ୧୮ଟି ପଦକ ହାସଲ କରି ଗ୍ରୁପ ଚାମ୍ପିୟନ ସ୍ଥାନ ଗ୍ରହଣ କରିଛି । ଭୁବନେଶ୍ୱର ୪ଟି ପଦକ ହାସଲ କରି ଉପ ବିଜେତା ହୋଇଛି । ବଲାଙ୍ଗିର ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡକ୍ଟର ବିଜୟାନନ୍ଦ ସେଠି, ସମ୍ମାନିତ ଅତିଥି ଭାବେ ଜ୍ୟୋତି ପ୍ରସାଦ ପରିଡା, ଫେନସିଙ୍ଗ ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ, ସୁନ୍ଦରଗଡ ଡିପିଇଓ ଅଜୟ ପଧାନ, କନ୍ଧମାଳ ଡିପିଇଓ ସଞ୍ଜୟ ପାତ୍ର, ବଲାଙ୍ଗିର ଡିପିଇଓ ପ୍ରଦୀପ ପାତ୍ର, ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରବୀର ପଣ୍ଡା, ରୀନା ବେହେରା, ସେବାଶ୍ରୀ ଭୋଇ, ଟାଉନ ବାଳିକା ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର ନାଥ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ ।

# ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ଚିତ୍ରକଳା ପ୍ରଦର୍ଶନୀ

ବଲାଙ୍ଗିର,୨୯ ।୧୧(ସମିସ): ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷା ବିଭାଗ ପକ୍ଷରୁ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହେଇଯାଇଛି । ଛାତ୍ରଛାତ୍ରୀ ବିଭିନ୍ନ ଲୁପ୍ତ ପକ୍ଷୀଙ୍କ ଛବି ଅଙ୍କନ କରି ଭିନ୍ନ ଧରଣର ଏକ ଚିତ୍ରକଳା ପ୍ରଦର୍ଶନୀ କରିଥିଲେ । କୁଳପତି ପ୍ରଦୀପ୍ତ ବେହେରା ଏହାର ଉଦ୍‌ଘାଟନ କରିଥିଲେ । ରେଜିଷ୍ଟାର ହରପ୍ରସାଦ ଭୋଇ, ଡେପୁଟି ରେଜିଷ୍ଟ୍ରାର ଡ. ମନୋଜ ନାଗ ଉପସ୍ଥିତ ଥିଲେ । ସହକାରୀ ଅଧ୍ୟାପକ ଶାନ୍ତନୁ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | | ଅଭିଜ୍ଞତା |
|---|---|---|
| ୧) ରିପୋର୍ଟର | (୦୩) | ୩ ବର୍ଷର ଅଭିଜ୍ଞତା |
| ୨) ଆଙ୍କର | (୦୨) | ୩ ବର୍ଷର ଅଭିଜ୍ଞତା |
| ୩) କପି ଏଡିଟର/ ବୁଲେଟିନ ପ୍ରଡ୍ୟୁସର | (୦୨) | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୬ ଡିସେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।


ଯୋଗାଯୋଗ: ୯୪୩୭୦୧୬୪୯୯ | ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

# ମେଳାରେ ହଜିଥିବା ପିଲାଟି



ମୂଳ ଇଂରାଜୀ : ମୁଲ୍‌କ ରାଜ୍ ଆନନ୍ଦ
ଅନୁବାଦ : ପୁଷ୍ପାରାଣୀ ପଟେଲ



ବସନ୍ତ ଉତ୍ସବର ସମୟ। ଗାଁ ଗାଁରେ ମେଳା। ଗାଁକୁ ଲମ୍ବିଥିବା ସେଇ ପତଳା ସରୁ ଗଳି ରାସ୍ତାଟିରେ ଲୋକଙ୍କର ପ୍ରବଳ ଭିଡ଼। କିଛି ଲୋକ ପାଦରେ ଚାଲି ଚାଲି ଆସୁଥିବା ବେଳେ, ବେଶ୍ କିଛି ଥିଲାବାଲା ଲୋକ ଆସୁଥିଲେ ଘୋଡ଼ା ଗାଡ଼ିରେ, ଆଉ କିଛି ପୁଣି ସେଇ ବାଉଁଶ ତିଆରି ଶଗଡ଼ ଗାଡ଼ିରେ। ଲୋକଙ୍କର ଏଇ ମେଳା ପାଇଁ ଆକର୍ଷଣର ଦୃଶ୍ୟ ବେଶ୍ ହୃଦଗ୍ରାହୀ ଥିଲା। ତା'ଠାରୁ ଆହୁରି ଅଧିକ ଆକର୍ଷଣୀୟ ଥିଲା ସେଇ ପିଲାଟିର ଚଞ୍ଚଳତା। ନିଜ ମାଆ, ବାବାଙ୍କ ସାଥିରେ ମେଳା ଦେଖି ଯିବାର ଚରମ ଖୁସି ବାରି ହେଇ ପଡୁଥିଲା ତା' ପାଦର ଛନ୍ଦରୁ, ମୁହଁର ହସରୁ!

ମାଆ ଡାକିଲେ, "ଏପଟେ ଆସ୍ ବାବା! ଆସିଲୁ ...ଆସିଲୁ...ଶୀଘ୍ର ଆସ୍!" ତା' ନଜର କିନ୍ତୁ ଲାଖି ରହିଥିଲା ସେଇ ରାସ୍ତା କଡ଼ର ଖେଳଣା ଦୋକାନର ଖେଳଣାଗୁଡ଼ିକ ଉପରେ। ସେ ଭାବିଲା - ବାପାଙ୍କୁ କହିବ କି, ଖେଳଣାଟିଏ କିଣି ଦେବା ପାଇଁ। ତେବେ ବାପାଙ୍କର କଟମଟ ଚାହିଁଥିବା ନାଲି ଆଖିକୁ ଦେଖି ଅଟକିଗଲା, କହିଲାନି କିଛି।

ମାଆ ତା'ର ମନ ଭୁଲାଇବା ପାଇଁ ତାକୁ କହିଲେ, "ହେଇ ଦେଖ୍... ସେପଟେ ଦେଖ୍ ...କି ସୁନ୍ଦର ଦିଶୁଛି, ଦେଖ୍।" ସେ ଆଖି ଉଠାଇ ଚାହିଁଲା ତ ଦିଶିଗଲା ମାଇଲ ମାଇଲ ଦୂର ଯାଏ ଲମ୍ବିଥିବା ସୁନାରଙ୍ଗ ଫୁଲର ସୋରିଷ କ୍ଷେତ। ତା' ଉପରେ ଉଡ଼ି ବୁଲୁଥିଲେ ବାଇଗଣୀ ରଙ୍ଗର ପ୍ରଜାପତି। ସେ ଫୁଲ ଓ ପ୍ରଜାପତି ଏତେ ସୌନ୍ଦର୍ଯ୍ୟରେ ଭରପୂର ଥିଲେ ଯେ କେହି ବି ଟାଣି ହେଇଯିବ ସେମାନଙ୍କ ଆଡ଼କୁ। ପିଲାଟି ବି ଅବାକ୍ ହୋଇ ଚାହିଁ ରହିଥିଲା।

ଏତିକି ବେଳେ ମାଆ ପୁଣି ଡାକିଲେ ତାକୁ "ଆ...ଆ.... ଏଇପଟେ ଆ! ଶୀଘ୍ର ଆ, ଏଇ ଛାଇ କଡ଼କୁ!" ସେଇ ରାସ୍ତାକଡ଼ର ନଳକୂଅର ଛାଇ ପାଖରେ ଜମିଥିବା ପାଣିରେ ଦୃଶ୍ୟ ହେଉଥିଲେ ଅସଂଖ୍ୟ ଛୋଟ ଛୋଟ ପୋକ ଜୋକ। ସେମାନେ ବି ତା' ଦୃଷ୍ଟି ଆକର୍ଷଣ କରିନେଲେ ସେମାନଙ୍କ ନିଜ ଆଡ଼କୁ। ନଳକୂପ ଉପରେ ଥିବା ଏକ ବଡ଼ ଗଛଟିରେ ଥିଲା ଗୋଟିଏ ଫୁଲ କୁଞ୍ଜ। ତାକୁ ଛୁଉଁ ଛୁଉଁ ତା' ଉପରେ ଲଦି ହୋଇପଡ଼ିଲେ ବେଶ୍ କିଛି ଫୁଲ। ସେଇ ଭିତରୁ ଡାକିଲା ବି କୋଇଲି ଟିଏ ତା' ସୁନ୍ଦର ସ୍ୱରରେ କୁହୁ ...କୁ...ହୁ...! ପିଲାଟି ପାଟି କରି ଉଠିଲା, "ବାବା...ଶୁଣ...ଶୁଣ...କୋଇଲିଟିଏ ଡାକୁଛି...କୁହୁ...କୁ...ହୁ...!" ଅନ୍ୟମନସ୍କତାରେ ତା' ହାତରୁ ଗଳି ପଡ଼ିଥିଲା ସେ ସାଉଁଟିଥିବା ଫୁଲକୁ।

"ବାବା... ଶୀଘ୍ର ଆସେ... ଏଇପଟେ...।" ମାଆ ଓ ବାବା ତା'ର ଲୁଚି ଯାଉଥିଲେ ସୋରିଷ କ୍ଷେତର ଆଢୁଆଳରେ। ସେ ଧାଇଁଲା ଦ୍ରୁତଗତିରେ ତା' ମାଆ, ବାବାଙ୍କ ନିକଟକୁ । ଏବେ ନିକଟବର୍ତ୍ତୀ ହୋଇ ଆସୁଥିଲା ମେଳାର ମୁଖ୍ୟ ଜାଗା, ଦିଶୁଥିଲା ପ୍ରବଳ ଭିଡ଼, ଲୋକଙ୍କର ହଜିଯିବା ଭଳି ଗହଳି।

ମେଳା ଭିତରେ ପଶୁ ପଶୁ ତା' କାନରେ ପଡ଼ିଲା ମିଠେଇ ବାଲାର ଡାକ, "ଏପଟେ ଆସ...ନିଅ...ନିଅ...ମିଠା... ମିଠା... ଗୁଲାବ୍ ଜାମୁନ୍, ରସଗୋଲା, ବର୍‌ଫି, ଜିଲାପି... ସୁଆଦିଆ...ସୁଆଦିଆ...ଜିଲାପି !" ବର୍‌ଫି ତାର ଖୁବ୍ ପ୍ରିୟ ! ବର୍‌ଫି ନାଁ ଶୁଣି ତା' ପାଟିରୁ ଲାଳ ଗଡ଼ି ଆସିଲା। ସେ କିନ୍ତୁ ଭଲରେ ଜାଣେ ଏବେ ବର୍‌ଫି କିଣିବାକୁ ଜିଦ୍ କଲେ ବାପା ତା'ର ଖୁବ୍ ରାଗିବେ। ସେ ତେଣୁ ବଢ଼ିଗଲା ଆଗକୁ। ଦୋକାନୀଟିଏ ଡାକୁଥିଲା, "ନିଅ...ନିଅ...ଫୁଲର ହାର ନିଅ!" ପିଲାଟି କହିଲା, "ଆଃ...କେତେ ସୁନ୍ଦର ଏ ଫୁଲର ହାର, ମୋତେ ଗୋଟାଏ ଲୋଡ଼ା।" ତେବେ ମାଆ,ବାପା ତ କିଣିଦେବେନି ଫୁଲମାଳ। ତେଣୁ ସେ ଚୁପ୍ ରହି ପୁଣି ଦୌଡ଼ିଲା ମାଆ ବାପାଙ୍କ ପଛରେ। ବେଲୁନ୍‌ବାଲାର ବଡ଼ ବାଡ଼ିଟିରୁ ଉଡ଼ି ବୁଲୁଥିଲେ ହଳଦିଆ, ନାଲି, ନେଳି,ବାଇଗଣୀ ରଙ୍ଗର ଭଳିକି ଭଳି ଆକର୍ଷଣ ବେଲୁନ୍। ସେମାନଙ୍କୁ ଦେଖି ତା' ପାଦ ଦୁଇଟି ଅଟକି ଗଲେ ସେଇଠି। ମନ ତା'ର କହୁଥିଲା, "ଏ ସବୁତକ ବେଲୁନ୍ ନେଇ ଯାଆନ୍ତା କି ତା'ର !" ମାଆ, ବାପାଙ୍କୁ କହିବ କି କିଣିଦେବା ପାଇଁ – ସେ ଭାବିଲା ଘଡ଼ିଏ। ତା' ପରେ ପୁଣି ମନକୁ ମନ, ନିଜକୁ ନିଜେ କହିଲା – ହେଃ ...ମନା କରିବେ ବାପା। କହିବେ- କେତ୍ତୁଟେ ହେଲୁଣି ବେଲୁନ୍ ଗୋଟାଏ କ'ଣ।

ଅଳ୍ପ ଦୂରରେ ସାପୁଆ କେଳାଟି ଖୁବ୍ ତନ୍ମୟତାର ସହ ତା'ର ବିନ୍ ବଜାଉଥିଲା ଓ ତା' ସ୍ୱରର ତାଳେ ତାଳେ ଫଣା ଟେକି ନାଚ ଦେଖାଉଥିଲା ସେଇ ବିଷଧର ନାଗ ସାପଟି। ତା'ର ମନେ ହେଲା ଠିଆହୋଇ ଘଡ଼ିଏ ସେଇଠି ଦେଖିବ ନାଚ। ତେବେ ମାଆ, ବାପା ଆଗକୁ ବଢ଼ିଯାଉଥିବା ଦେଖି ଧାଇଁଲା ସେମାନଙ୍କ ପଛରେ। କିଛି ଦୂର ଆଗରେ ଦୃଶ୍ୟ ହେଉଥିଲା ବଡ଼ ବଡ଼ ଦୋଳି। ସେ ଦେଖିଲା ସତୃଷ୍ଣ ନୟନରେ ସେଇ ଦୋଳିରେ ବସିଥିବା ସ୍ତ୍ରୀ, ପୁରୁଷ ଓ ଛୋଟ ଛୋଟ ଛୁଆମାନଙ୍କୁ। ସେମାନେ ହସୁଥିଲେ ଖୁସିରେ। ତା'ର ମଧ୍ୟ ବହୁତ ଇଚ୍ଛା ହେଲା ସେ ବି ମାଆ ,ବାପାଙ୍କ ସାଥିରେ ତା'ର ଦୋଳିରେ ବସିବ ଓ ହସିବ। ଖୁସି ହେବ ସେମାନଙ୍କ ପରିକା। ସେ ସେଇ ଦୋଳିକୁ ଚାହିଁ ଚାହିଁ ଡାକିଲା: "ମାମା...ମାମା...ବାବା...ବାବା... ।

ଫେରିଲାନି କୌଣସି ପ୍ରତ୍ୟୁତ୍ତର। ଏବେ ଭୟରେ ସେ ଫେରି ଚାହିଁଲା ପଛକୁ। ଦେଖି ପାରିଲାନି ମାଆ, ବାବାଙ୍କୁ ତା'ର। ତା' ମନରେ ଛନକା ପଶିଲା। ଗଳି ପାଖକୁ ଯାଇ, ଭିଡ଼ ପାଖକୁ ଯାଇ ଖୋଜିଲା ମାଆ, ବାବାଙ୍କୁ ତା'ର। କାହିଁ କେଉଁଠି ବି ନ ଥିଲେ ସେମାନେ। ଏବେ ଭୟରେ କାନ୍ଦିବାକୁ ଆରମ୍ଭ କରିଥିଲା ସେ। ଏପାଖସେପାଖ ଦୌଡୁଥିଲା ଭୟରେ। ପାଟିରୁ ଶୁଭୁଥିଲା ମାମା...ମାମା...ବାବା... ବାବା...। ପଡ଼ି ଉଠି ଧାଇଁବାବେଳେ ଦେହସାରା ଲାଗି ସାରିଥିଲା କାଦୁଅର ଛିଟା। ମୁହଁଟି ଲୁହରେ, ଭୟରେ, ଦୁଃଖରେ ଓଦା ଜୁଡୁବୁଡୁ। କାକୁସ୍ଥ ରୂପ।

ଦୂରରେ ଦିଶିଲା ମନ୍ଦିରଟିଏ। ଲୋକଙ୍କର ପ୍ରବଳ ଭିଡ଼। ସେ କେଉଁ ଏକ ଆଶାରେ ଦୌଡ଼ିଗଲା ସେଇ ମନ୍ଦିର ଯାଏ। ଲୋକଟିଏ ତା'ର ଅବସ୍ଥା ଦେଖି କୋଳେଇ ନେଲା ତାକୁ। ପଚାରିଲା କ'ଣ ହୋଇଛି ପୁଅ। କାହାକୁ ଖୋଜୁଛୁ।

ପିଲାଟି କହିଲା "ମୋ' ମାଆ ...ବାବା...ମା...ମା...ବା...ବା।" ପୁଣି ଶୁଭିଲା ତା'ର କାନ୍ଦ।

ଲୋକଟି ପିଲାର ଅବସ୍ଥା ଦେଖି ତା' ମନ ଭୁଲାଇବା ପାଇଁ ନେଇଗଲା ତାକୁ ସେଇ ବଡ଼ ଚକ୍ରି ଦୋଳି ପାଖକୁ। କହିଲା, "ଦୋଳି ବସିବୁ ପୁଅ?" ପିଲାଟି ସେମିତି କାନ୍ଦି କାନ୍ଦି ମୁହଁ ବୁଲାଇ ଆଣିଲା ପଛକୁ। ତା'ପରେ ସେ ତାକୁ ଭୁଲାଇବା ପାଇଁ ନେଇଗଲେ ସେଇ ସାପ ଖେଳାଉଥିବା ସାପୁଆ କେଳା ପାଖକୁ। ସେପଟେ ତା'ର ଦୃଷ୍ଟି ଆକର୍ଷଣ କରିବାକୁ କହିଲା, "ଏଇ ଦେଖ୍....ଦେଖ୍....ସାପଟି କେମିତି ବେକ ହଲାଇ ନାଚୁଛି ଦେଖ୍!" ପିଲାଟି କିନ୍ତୁ ଆଖି , ନାକ, କାନ ବନ୍ଦ କରିନେଲା ତା'ର। ତାକୁ ଆଉ ଟିକେ ଆଗକୁ ନେଇ ସେ ଯାଚିଲେ ଫୁଲମାଳ, ଯାହାକି ଏଇ ଘଡ଼ିଏ ପୂର୍ବରୁ ତାକୁ ଖୁବ୍ ଆକର୍ଷିତ କରିଥିଲା। ଏବେ କିନ୍ତୁ ପିଲାଟି ସେପଟକୁ ମୁହଁ ବୁଲାଇ ଚାହିଁଲାନି ମଧ୍ୟ। ଲୋକଟି ଅନ୍ୟ ଉପାୟ ନ ପାଇ ତାକୁ ନେଇଗଲା ସେଇ ବେଲୁନବାଲା ପାଖକୁ। କହିଲା "ଦେଖିଲୁ ଏଇ ଇନ୍ଦ୍ରଧନୁ ପରି ରଙ୍ଗିନ୍ ବେଲୁନ୍‌କୁ ତୋ ପାଇଁ କିଣିବା ନା?" ଏ ପ୍ରଶ୍ନର ଉତ୍ତରରେ ପିଲାଟି କାନ୍ଦି ଉଠିଲା। ଆହୁରି ଅଧିକ ଜୋରରେ କହିଲା "...ନା ...ନା ମୋର କିଛି ବି ଲୋଡ଼ା ନାହିଁ। କିଛି ଭଲ ଲାଗେନା ମୋତେ। ମୋତେ କେବଳ ମୋର ମାଆ,ବାପା ଲୋଡ଼ା। ମୋତେ ମୋ ମାମା,ବାବାଙ୍କୁ ଆଣିଦିଅ। ମୋ ମାଆ,...ମୋ ବାପାଙ୍କୁ...!"

ଲୋକଟି କିଛି ଭାବିପାରିଲା ନାହିଁ, କ'ଣ କରିବା ଉଚିତ୍। କେମିତି ତୁନି ହବ ପିଲାଟି। ତାକୁ ମିଠେଇ ଦୋକାନ ପାଖକୁ ନେଇ ପଚାରିଲା, "ଆମ ପୁଅ ମିଠା ଖାଇବ ନା ? କ'ଣ ଖାଇବ? ଗୁଲାବ ଜାମୁନ? ଜିଲାପି? ବର୍‌ଫି?" ପିଲାଟି ବୁଲେଇ ଆଣିଲା ତା'ର ମୁହଁ ସେଇ ତାକୁ ଖାଇବାକୁ ମିଳୁଥିବା ବର୍‌ଫଟି ପାଖରୁ ମଧ୍ୟ ଏବଂ କାନ୍ଦି କାନ୍ଦି ବାରମ୍ବାର କେବଳ ଏତିକି ହିଁ କହୁଥିଲା, "ମୋ ମାମା.... ମୋ...ବାବା...। ମୋ ମାଆଙ୍କୁ ଆଣିଦିଅ। ଆଣିଦିଅ ମୋ ବାବାଙ୍କୁ... ବାବା... ମାମା...ମା...ମା!"

ସହକାରୀ ଶିକ୍ଷୟିତ୍ରୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ସେକ୍ଟର ୧୬, ରାଉରକେଲା
ମୋ: ୯୪୩୮୨୫୮୦୬୩

# ପୁସ୍ତକ ଓ ପତ୍ରିକା ପରିଚୟ

## ଉପକଥା

ଚିତ୍ତରଞ୍ଜନ ଚିରଞ୍ଜିତ




ବିଜୟିନୀ ପବ୍ଲିକେଶନ୍ସ
ଶଙ୍କରପୁର, ଅରୁଣୋଦୟ ମର୍କେଟ
କଟକ-୧୨
ପ୍ରଥମ ପ୍ରକାଶନ ୨୦୨୫
ମୂଲ୍ୟ : ୨୦୦ ଟଙ୍କା

ତାଙ୍କ ଗପ ଭିତରେ ପ୍ରସ୍ଫୁଟିତ ହୋଇଉଠିଥାଏ ଜୀବନର ଦର୍ଶନ। ସାଧାରଣ କାହାଣୀ ଭିତରେ ଥାଏ ଅସାଧାରଣ କଥା। ଏଭଳି ମଣିଷ ଜୀବନ ଓ ଚେତନାର ସୂକ୍ଷ୍ମ ଦିଗ ପ୍ରତିଫଳିତ ହୋଇଛି ଚିତ୍ତରଞ୍ଜନ ଚିରଞ୍ଜିତଙ୍କ 'ଉପକଥା' ପୁସ୍ତକର ଗପଗୁଡ଼ିକରେ। ଏହି ପୁସ୍ତକରେ ତେରଟି ଗଳ୍ପ ସଂକଳିତ ହୋଇଛି। ପ୍ରତିଟି ଗପ ରୋମାଞ୍ଚକର ଓ ନିଆରା ହୋଇଛି। 'ଦଶହାଣ୍ଡି', 'ଜୋତା', 'ବୀତଂସ', 'ଚାରୁ ଚିତ୍ରପଟ', 'ଅଜନ୍ତା', 'ଉପକଥା', 'ସ୍ୱପ୍ନ ପାଇଁ...', 'ଛାୟାଚିତ୍ର', 'ଦୃଶ୍ୟକାବ୍ୟ', 'ଅଦୃଶ୍ୟ ଈଶ୍ୱର' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି। ପ୍ରତିଟି ଗପର ଭାବ ଓ ଆବେଦନ ସ୍ୱତନ୍ତ୍ର। ଅନେକ ସମୟରେ ମନର ଭାବନା ରହିଯାଏ ମନ ଭିତରେ। ମନ ଭିତରର ଅସୁମାରୀ ଭାବପ୍ରବଣତା ଅନେକ ସମୟରେ କିଭଳି ପ୍ରକାଶ କରିହୁଏ ନାହିଁ, ତାହା ବେଶ୍ ଚମତ୍କାର ଭାବେ ଫୁଟି ଉଠିଛି 'ଚାରୁ ଚିତ୍ରପଟ' ଗପରେ। ସୁନ୍ନାମୀର ସୌନ୍ଦର୍ଯ୍ୟ, ପ୍ରେମର ମାଦକତାକୁ ଭୁଲି ପାରିନାହିଁ ଚିନ୍ମୟ। ଏହିପରି ଭାବେ ଏହି ଗପର କାହାଣୀ ଗତିଶୀଳ ହୋଇଛି। ମାନବୀୟ ପ୍ରେମ, ଜୀବନର ସୂକ୍ଷ୍ମ ଅନୁଭବ ଓ ଅନୁଭୂତି, ଜୀବନ ଦର୍ଶନର ଚିତ୍ର ବେଶ୍ ଆକର୍ଷଣୀୟ ବେଶ୍ ଭାବେ ଚିତ୍ରିତ ହୋଇଛି 'ଉପକଥା' ପୁସ୍ତକର ଅନେକ ଗପରେ। ଏହି ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ।

## ରେବତୀ

ସଂପାଦିକା: ସୁବାସିନୀ ଜେନା



ଓଟି ରୋଡ୍, ବାଲେଶ୍ୱର
ପିନ୍: ୭୫୬୦୦୧
ମୂଲ୍ୟ : ୭୦ ଟଙ୍କା

ସାହିତ୍ୟ ଓ ଫିଚର୍‌ଧର୍ମୀ ମାସିକ ପତ୍ରିକା 'ରେବତୀ'ର ନଭେମ୍ବର ସଂଖ୍ୟା ବେଶ୍ ଆକର୍ଷଣୀୟ ହୋଇଛି। ସଂପାଦିକା ସୁବାସିନୀ ଜେନାଙ୍କ 'ସଂପାଦକୀୟ'ଠାରୁ ଆରମ୍ଭ କରି ସହଯୋଗୀ ସଂପାଦକ କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' ପର୍ଯ୍ୟନ୍ତ ପ୍ରତିଟି ଲେଖା ଭାବଗର୍ଭକ ଓ ହୃଦୟସ୍ପର୍ଶୀ ହୋଇଛି। ଏହି ସଂଖ୍ୟାରେ ପ୍ରଜ୍ଞାଶ୍ରୀ ରଥଙ୍କ 'କଲ୍ୟାଣମୟୀ କାଳୀ', ଅଜିତ୍ ପାତ୍ରଙ୍କ 'ପବିତ୍ର ପ୍ୟୁଠାନ୍', ବିଜୟ କୁମାର ଜେନାଙ୍କ 'ନିଆରା ନୁବ୍ରା', ଦେବଯାନୀ ରାୟଙ୍କ 'ବନ୍ଦନୀୟା ବୈଷ୍ଣବୀ', ଚୈତ୍ରନ୍ୟ ପ୍ରସାଦ ବେହେରାଙ୍କ 'କାଇପଦରର କୀର୍ତ୍ତି', ସୁବ୍ରତ ପ୍ରିୟବ୍ରତ ମହାନ୍ତିଙ୍କ 'ଓଡ଼ିଶୀ କୀର୍ତ୍ତନ' ଆଦି ଆଲେଖ୍ୟଗୁଡ଼ିକ ତଥ୍ୟଭିତ୍ତିକ, ଭାବମୟ ଓ ଉପସ୍ଥାପନା ଶୈଳୀ ମାର୍ମିକ ହୋଇଛି। ସେହିପରି ନିରାକାର ଦାସ, ଡକ୍ଟର ନୃସିଂହ ଷଡ଼ଙ୍ଗୀ, ଗଙ୍ଗାଧର ବିଶ୍ୱାଳ, ଶକ୍ତି ମହାନ୍ତି, ଗାୟତ୍ରୀବାଳା ପଣ୍ଡା, ଚକ୍ରପାଣି ପରିଚ୍ଛା,ପୂରବୀ ଶତପଥୀ, ଚିତ୍ତରଞ୍ଜନ ମିଶ୍ର, ରବି ଶତପଥୀ ପ୍ରମୁଖଙ୍କ କବିତା ମନଛୁଆଁ ହୋଇଛି। ସେଭଳି ଉଦୟ ନାରାୟଣ ଦାସଙ୍କ 'ବାପା', ଘନବିହାରୀ ମହାରଣାଙ୍କ 'ପ୍ରାର୍ଥନାର ପଟ୍ଟଭୂମି', ଯଦୁମଣି ଜେନାଙ୍କ 'ଭଙ୍ଗା ସ୍ୱପ୍ନର ଶବ୍ଦ' ଆଦି ଗପଗୁଡ଼ିକ ମାର୍ମିକ ହୋଇଛି। 'ଚରିତ ଉପନ୍ୟାସ', 'ପୁଷ୍ପବିତାନ', 'ରୋଷେଇଶାଳ' ଆଦି ନିୟମିତ ବିଭାଗଗୁଡ଼ିକ ମଧ୍ୟ ଭଲ ହୋଇଛି। 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ।

# କ'ଣ ଜାଣିଛ ତୁମେ ?



ମୂଳ ହିନ୍ଦୀ : ନିର୍ମଳା ପୁତୁଲ୍
ଅନୁସୃଜନ : ଡ.ସଂଘମିତ୍ରା ରାଏଗୁରୁ

ଜାଣିଛ!
ପୁରୁଷଠୁ ଭିନ୍ନ ଗୋଟେ ସ୍ତ୍ରୀର ଏକାନ୍ତ ?
ଘର, ପ୍ରେମ ଆଉ ଜାତିଠୁ ଅଲଗା ଗୋଟେ ସ୍ତ୍ରୀକୁ
ଜାଣିଛ ?
ତା' ନିଜସ୍ୱ ଜାଗା ବିଷୟରେ କହିପାରିବ ତୁମେ ?
ବତେଇ ପାରିବ,କାହିଁ କେଉଁ ଯୁଗରୁ ନିଜ ଘର
ଖୋଜୁଥିବା ଅସ୍ତବ୍ୟସ୍ତ ସ୍ତ୍ରୀକୁ ତା' ଘରର ଠିକଣା ?

ଜାଣିଛ !
କଳ୍ପନା କଳ୍ପନାରେ କେମିତି
ଗୋଟିଏ ମୁହୂର୍ତ୍ତରେ
ନିଜକୁ ସ୍ଥାପିତ ଆଉ ବିସ୍ଥାପିତ କରେ ଜଣେ ସ୍ତ୍ରୀ ?
ସ୍ୱପ୍ନରେ ଦଉଡୁଥିବା ଗୋଟେ ସ୍ତ୍ରୀର ପଛେ ପଛେ ଯାଇ
ସମ୍ପର୍କର କୁରୁକ୍ଷେତ୍ରରେ ତାକୁ ନିଜ ସହ ନିଜେ
ଲଢୁଥିବାର ଦେଖିଛ କେବେ ?

ଦେହର ଭୂଗୋଳକୁ ବାଦ୍ ଦେଇ
ସ୍ତ୍ରୀ ମନର ଗଣ୍ଠିଲି ଖୋଲି
କେବେ ପଢ଼ିଛ ତା' ଭିତରର
ଜଳନ୍ତା ଇତିହାସ ?
ପଢ଼ିଛ କେବେ, ନିରବତାର ଏରୁଣ୍ଡିବନ୍ଧରେ ବସି
ଶବ୍ଦର ପ୍ରତୀକ୍ଷାରେ ଥିବା
ତା' ଚେହେରା ?
ତା' ଭିତରେ ବଂଶ ବୀଜ ବୁଣି କେବେ ବି ଅନୁଭବିଛ
ତା' ବିସ୍ତରୁ ଥିବା ଚେରକୁ ନିଜ ଭିତରେ ?

ସ୍ତ୍ରୀର ସମସ୍ତ ସମ୍ପର୍କର
ବ୍ୟାକରଣକୁ ଜାଣିଛ ?
କହିପାରିବ, ସ୍ତ୍ରୀ ଦୃଷ୍ଟିରେ ସ୍ତ୍ରୀକୁ ଦେଖି ସ୍ତ୍ରୀତ୍ୱର
ପରିଭାଷା ?

ଯଦି ନା , ତା' ହେଲେ
ରୋଷେଇ ଆଉ ବିଛଣାର ଗଣିତ ଛଡ଼ା
ଗୋଟେ ସ୍ତ୍ରୀ ବିଷୟରେ କ'ଣ ଜାଣିଛ ତୁମେ ?

# ତାଙ୍କ ନଜରରେ...



ସେମାନେ ଘୃଣା କରନ୍ତି ମୋତେ
ମୋ' କଳାରଙ୍ଗକୁ ନାକ ଟେକନ୍ତି
ଶରୀର ଗଠନ ଦେଖି ଖୁଣ୍ଟା ଦିଅନ୍ତି
ହସନ୍ତି ମୋ' କଥାବାର୍ତ୍ତା ଶୁଣି

ଆମ ଚାଲିଚଳଣ, ରୀତିନୀତି, ପିନ୍ଧାପିନ୍ଧି...
କିଛି ବି ପସନ୍ଦ ନୁହେଁ ସେମାନଙ୍କୁ
ଜଙ୍ଗଲି,ଅସଭ୍ୟ ପଛୁଆ କହି ତିରସ୍କାର କରନ୍ତି
ଆମର
ଆଉ
ନିଜକୁ ସଭ୍ୟ ଶ୍ରେଷ୍ଠ ଭାବି
ଅସ୍ୱୀକାର କରନ୍ତି ଆମକୁ

ଆମେ ଛୁଇଁଥିବା ପାଣି ପିଅନ୍ତିନି ସେମାନେ
ଆମ ହାତ ତିଆରି ଖାଦ୍ୟ
ରୁଚେ ନାହିଁ ତାଙ୍କୁ
ସେମାନଙ୍କ ଘରେ ଆମ ପ୍ରବେଶ ନିଷେଧ


ଆମ ସହ ରହି ଆମ ଭାଷା ଶିଖିବା ମଞ୍ଜୁର ନୁହେଁ
ତାଙ୍କୁ
ସେମାନେ ଚାହାନ୍ତି,
ତାଙ୍କ ଭାଷା ଶିଖି ଆମେ ତାଙ୍କ ସହ ତାଙ୍କ
ଭାଷାରେ କଥା ହେଉ

ସେମାନେ ତର୍କ ବାଢ଼ନ୍ତି-
ସଭ୍ୟ ହେବା ଲାଗି ଜରୁରି
ତାଙ୍କ ଭାଷାରେ ତାଙ୍କ ପରି କଥାବାର୍ତ୍ତା
କରିବା, ଉଠିବା-ବସିବା, ପିନ୍ଧିବା-
ଲଗେଇବା
ମୋର ସବୁକିଛି ଅରୁଚିକର ତାଙ୍କୁ
ମୁଁ ତାଙ୍କ ଅପ୍ରିୟରେ ଗଣା

ସେମାନଙ୍କୁ କେବଳ ପସନ୍ଦ
ମୋ ଝାଳରେ ଲହଲହଉଥିବା ଫସଲ
ଖେତର ପନିପରିବା
ଜଙ୍ଗଲର ଫୁଲ, ଫଳ, କାଠ
ମୁଁ ପୋଷିଥିବା କୁକୁଡ଼ା ଖୁବ୍ ପ୍ରିୟ ତାଙ୍କର
ମୋ ସୁସ୍ଥ ସବଳ ଦେହ
ମୋ ମାଂସ ପସନ୍ଦ ତାଙ୍କୁ
କିନ୍ତୁ ମୁଁ ତାଙ୍କ ଅପ୍ରିୟରେ ଗଣା ।

ରାଞ୍ଚି, ଝାରଖଣ୍ଡ
ମୋ: ୭୬୯୩୮୮୬୩୫୫

# ହରମାନ୍ ହେସ୍‌ଙ୍କ ସାହିତ୍ୟର ମୂଳଭିତ୍ତି ପରିବର୍ତ୍ତନ ଓ ଆବର୍ତ୍ତନ



ପ୍ରଦୀପ୍ତ ଶ୍ରୀଚନ୍ଦନ

ବହୁ ଚିନ୍ତା ଆଉ ଚେତନାର ଉନ୍ମେଷ ତଥା ଉତ୍ତରଣର ଯୁଗ ହେଉଛି ବିଂଶ ଶତାବ୍ଦୀ। ପୁନଶ୍ଚ ଏହି ଶହେ ବର୍ଷର ସମୟ -ଖଣ୍ଡକୁ ମଧ୍ୟ ସନ୍ଦେହ ଓ ଶଙ୍କାର ଯୁଗ ବୋଲି ପଣ୍ଡିତମାନେ ଅଭିହିତ କରିଥାନ୍ତି। ସେହି କାରଣରୁ ଆଧୁନିକ ସମାଲୋଚନାର ଶୈଳୀ ମଧ୍ୟ ଆଧୁନିକ ଜୀବନଯାପନର ରୀତି ସଦୃଶ ବହୁଧା ବିଭାଜିତ ଏବଂ ବିଭକ୍ତ। ଅତ୍ୟନ୍ତ କଟୁ ଭାବରେ ଜଟିଳ। ତେଣୁ କ୍ୱଚିତ୍ କଳା ସୃଷ୍ଟି ତଥା ତାହାର ସ୍ରଷ୍ଟା ଅଥବା ସାଧକ ନିର୍ଦ୍ୱନ୍ଦ୍ୱରେ ଅବା ନିର୍ବିବାଦରେ ଏହି ଶତକର ବିଶ୍ୱ ବିଚାର ମଞ୍ଚରେ ସାର୍ବଜନୀନ ଶ୍ରଦ୍ଧା ସହିତ ସାଦର ସ୍ୱୀକୃତି ଲାଭ କରିବା ସମ୍ଭବ ଥିଲା।

ମାର୍ଟିନ୍ ଗୁବର୍, ଯୋଶେଫ୍ ମିଲେକ୍, ହାନ୍‌ସ ମେୟର, ଥମାସ୍ ମାନ୍, ଓସ୍କାର ସେଡ୍‌ଲିନ୍ ଏବଂ ଥିଓଡର୍ ଜିଓଲକ୍ୱେସ୍କୀ ପ୍ରମୁଖ ବିଂଶ ଶତକର ବିଶ୍ୱର ପ୍ରଚଣ୍ଡ ପ୍ରତିଭାଧର ସନ୍ଦର୍ଭକାର, ବିଦଗ୍ଧ ତତ୍ତ୍ୱବିତ୍‌ମାନଙ୍କର ଆକଳନ ତଥା ନିର୍ଣ୍ଣୟ ଅନୁସାରେ ଯେଉଁ ସ୍ରଷ୍ଟା କାଳକୁ ଅତିକ୍ରମ କରି ଶତାବ୍ଦୀର ଶ୍ରେଷ୍ଠତ୍ୱ ଲାଭ କରିପାରିଛନ୍ତି, ସେମାନଙ୍କ ମଧ୍ୟରେ ହରମାନ୍ ହେସ୍ ହେଉଛନ୍ତି ଅନ୍ୟତମ। ତେଣୁ ଏହି ମହାରଥୀ ଗଣ ହେସ୍‌ଙ୍କୁ ବିଂଶ ଶତାବ୍ଦୀର ଜଣେ ପ୍ରମୁଖ ସାହିତ୍ୟ ସାଧକ ଭାବରେ ବିଚାର ମଞ୍ଚରେ ଉପସ୍ଥାପିତ କରି ସନ୍ଦର୍ଭ ସମ୍ବଳିତ ଗ୍ରନ୍ଥମାନ ରଚନା କରିଯାଇଛନ୍ତି।

ସ୍ରଷ୍ଟାର ନିଜସ୍ୱ ସ୍ୱାକ୍ଷର ହିଁ ଯେ କୌଣସି ସୃଷ୍ଟିର ଆତ୍ମାରେ ଉତ୍କୀର୍ଣ୍ଣ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ, 'ସିଦ୍ଧାର୍ଥ' ଉପନ୍ୟାସର ସ୍ରଷ୍ଟା - ନୋବେଲ ପୁରସ୍କାର ବିଜେତା ହରମାନ୍ ହେସ୍ ଯେ, ବ୍ୟତିକ୍ରମ ନୁହନ୍ତି, ଏହା ଅତି ସ୍ପଷ୍ଟ ଭାବରେ ପ୍ରତିପନ୍ନ। ସୃଷ୍ଟିର ଆତ୍ମା ସହିତ ସ୍ରଷ୍ଟାର ନିଭୃତ ଆତ୍ମ - ସତ୍ତାର ଏହି ଅବିଚ୍ଛିନ୍ନ ସମ୍ପର୍କ ଜର୍ମାନୀର ସୁପ୍ରସିଦ୍ଧ ସାରସ୍ୱତ ଶିଳ୍ପୀ ହରମାନ୍ ହେସ୍ ଓ ତାଙ୍କର କୃତିଗୁଡ଼ିକର ବିଚାର ପର୍ଯ୍ୟାୟରେ ଆମେ ଲକ୍ଷ୍ୟ କରିପାରିବା । ହେସ୍‌ଙ୍କର ପ୍ରମୁଖ ସୃଷ୍ଟିଗୁଡ଼ିକ ମଧ୍ୟରେ – 'Siddharth', 'Steppenwolf', 'Glass Bead Game', 'Demian', 'The Journey to the East', 'Beneath the Wheel', 'Narcissus and Goldmund' ଆଦିର ମାନ ଆତ୍ମୂଳାନ୍ତ ନିଜସ୍ୱ ଜୀବନ, ଜୀବନର ବହୁ ବିଚିତ୍ର ଅଭିଜ୍ଞତା ଅନୁଭୂତି, ମୌଳିକ ଚିନ୍ତନ ଓ ତାତ୍ତ୍ୱିକ ଅବବୋଧର ଅବିକଳ୍ପ ନିର୍ଯ୍ୟାସ।

ପ୍ରସିଦ୍ଧ ଜର୍ମାନ୍ ବିଦ୍ୱାନ୍ ଥିଓଡର୍ ଜିଓଲକ୍ୱେସ୍କୀ ତାଙ୍କର "The novels of Hermann Hesse: A Study in theme and structure" ଗବେଷଣା ପୁସ୍ତକରେ ଉଲ୍ଲେଖ କରିଛନ୍ତି- "ହେସ୍ ନୋବେଲ ପୁରସ୍କାର ପାଇଲେ ୧୯୪୯ ମସିହାରେ। ସେଥିପୂର୍ବରୁ ଜର୍ମାନୀ ସାହିତ୍ୟିକ ଭାବରେ ୧୯୨୯ ମସିହାରେ ଥମାସ ମାନ୍ ନୋବେଲ ପୁରସ୍କାର ପାଇଥିଲେ। ହେସ୍‌ଙ୍କୁ ପୁରସ୍କାର ପ୍ରଦାନ କାଳରେ ତାଙ୍କୁ ପ୍ରଦତ୍ତ ପ୍ରଶସ୍ତି ପତ୍ରରେ ଉଲ୍ଲେଖ ଥିଲା – Besides Thomas Mann the best custodian of the German spiritual heritage in contemporary literature.- ଅର୍ଥାତ୍, ଜର୍ମାନୀ ଜାତିର ଆତ୍ମିକ ପରମ୍ପରାଗତ ମୂଲ୍ୟବୋଧର ରକ୍ଷାକର୍ତ୍ତା ଯେ ହେସ୍ ଥିଲେ, ତାହା ସ୍ୱୀଡିଶ୍ ଅକାଦେମୀ ଘୋଷଣା କରିଥିଲେ ।" ଏହି ସନ୍ଦର୍ଭରେ ଜିଓଲକ୍ୱେସ୍କୀଙ୍କର ବ୍ୟାଖ୍ୟାର ସାରମର୍ମ ହେଲା, ଦୁଇଟି ତଥ୍ୟ ଯହିଁରୁ ହେସ୍‌ଙ୍କର ସ୍ରଷ୍ଟା ପ୍ରକୃତି ଜ୍ଞାତ ହୋଇପାରିବ- ତାହା ହେଲା (କ) ହେସ୍ କେବଳ ଜର୍ମାନୀର ନୁହେଁ, ଅଧିକନ୍ତୁ ସମଗ୍ର ମାନବ ଜାତିର ପାରମ୍ପରିକ ମୂଲ୍ୟବୋଧରେ ଆସ୍ଥାବାନ ଥିଲେ। (ଖ) ସେ ଥିଲେ ଗତିସ୍ମାନ୍ ଜ୍ୟୋତିର୍ମୟ ଏକ ସ୍ରଷ୍ଟା ପୁରୁଷ। ପରିବର୍ତ୍ତନ ଏବଂ ଆବର୍ତ୍ତନ ହିଁ ଥିଲା ତାଙ୍କର ସାହିତ୍ୟ ସୃଷ୍ଟିର ମୂଳଭିତ୍ତି। ନିଜର ବ୍ୟକ୍ତିଗତ ସମସ୍ୟା ସମାଧାନର ପୀଠ ଉପରେ ଆସୀନ ରହି ସେ ଜଗତର ସମସ୍ୟାଗୁଡ଼ିକର ଦର୍ଶନ କରିଥିଲେ। ପ୍ରତିଟି ସମସ୍ୟା ତାଙ୍କର ସାହିତ୍ୟରେ ପରିବର୍ତ୍ତିତ ହୋଇଯାଇଥିଲା ଗୋଟିଏ ଗୋଟିଏ ଦ୍ୱନ୍ଦ୍ୱ ସଙ୍କୁଳ ଘଟଣା କ୍ରମରେ।

ଆମେ ସାମଗ୍ରିକ ଭାବରେ ହେସ୍‌ଙ୍କର ସୃଷ୍ଟି ସମ୍ଭାରକୁ ଅନୁଧ୍ୟାନ କଲେ ଅନ୍ୟ ଏକ ଚମତ୍କାର ବିଭାବ ଲକ୍ଷ୍ୟ କରିପାରିବା। ତାହା ହେଉଛି ତାଙ୍କର ବହୁବିଧ ବିଭକ୍ତ ସ୍ରଷ୍ଟା ବ୍ୟକ୍ତିତ୍ୱ। ଅନ୍ୟତମ ସାହିତ୍ୟ ଗବେଷକ ହାନ୍‌ସ ମେୟର୍ ତାଙ୍କର "Hermann Hesse and the age of the feuilletonର" ନିବନ୍ଧରେ ନିଜର ବକ୍ତବ୍ୟ ପ୍ରକାଶ କରିବାକୁ ଯାଇ ଉଲ୍ଲେଖ କରିଛନ୍ତି - "A new Hesse is said to have appeared in the literary scene around 1919 and it is assumed that very little connects this artist and his themes with the author of the early poems or of the novels." ସେହିପରି ଆଦ୍ୟକାଳର କଳା ସାଧକ (Old Hesse)ଏବଂ ଯୁଦ୍ଧୋତ୍ତର ଯୁଗର ସ୍ରଷ୍ଟା (New Hesse)ଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାକୁ ଯାଇ ହାନ୍‌ସ ୱିଲହେଲମ ଏପେଲସହାଇମରଙ୍କ ଉକ୍ତିକୁ ମଧ୍ୟ ସ୍ମରଣ କରାଯାଇପାରେ। ତାଙ୍କର "Hand book of world literature" ଗ୍ରନ୍ଥରେ ସେ, ହେସ୍ ପ୍ରାରମ୍ଭିକ ରଚନା ପର୍ଯ୍ୟାୟରେ Swabian Romanticism ଦ୍ୱାରା ପ୍ରଭାବିତ କଳାସାଧନାରୁ ପରବର୍ତ୍ତୀ କାଳରେ ଜଣେ ସମସ୍ୟାକ୍ରାନ୍ତ (Problematic)ସାହିତ୍ୟିକ ରୂପରେ ଦେଖାଯାଇଛନ୍ତି ଏବଂ ଉଭୟ କାଳର ହେସ୍‌ଙ୍କ ମଧ୍ୟରେ ସଂପର୍କର ତାର୍କିକ ଭୂମିଟିଏ ଯୁକ୍ତି ସଂକୁଳ ଭାବରେ ତିଷ୍ଠି ରହିଛି ବୋଲି ଉଲ୍ଲେଖ କରିଛନ୍ତି। କିନ୍ତୁ ପରେ ହେସ୍ ତାଙ୍କର 'Demian' ଉପନ୍ୟାସ ମଧ୍ୟରେ ସ୍ୱକୀୟ ବିଚାରଧାରା, ସ୍ଥିତି ଏବଂ ମତ ସଂପର୍କରେ ସ୍ପଷ୍ଟ କରି ଦେଇଛନ୍ତି। ରଚନାଟିର ଶେଷ ଅଂଶରେ ନାୟକ Demian ତା'ର ବନ୍ଧୁ Sinclairକୁ କହୁଛି – "There will be war x x x. But you will see Sinclair, that this is just the beginning. Perhaps it will become a great war, a very great war. x x x What will you do?" ଥମାସ୍ ମାନ୍ 'Demian'ର ଆମେରିକୀୟ ସଂସ୍କରଣର ପ୍ରସ୍ତାବନା ରଚନା କାଳରେ ଉଲ୍ଲେଖ କରି କହିଛନ୍ତି- ହାନ୍‌ସ ଉପରୋକ୍ତ ପ୍ରଶ୍ନର ଉଚିତ୍ ଉତ୍ତର ଦେଇ ଲେଖିଛନ୍ତି – "Assist the new without sacrificing the old." ପୁନଶ୍ଚ ମାନ୍ ହେସ୍‌ଙ୍କୁ ଏବଂ ତାଙ୍କର ପରିପକ୍ୱ ଚିନ୍ତାଧାରାକୁ ପ୍ରଶଂସା କରି ଉଲ୍ଲେଖ କରିଛନ୍ତି। - "Hesse is an example –may to those who know and love the old man and carry it over into the new".

ଏଠାରେ ଉଲ୍ଲେଖ କରିବା ପ୍ରାସଙ୍ଗିକ ହେବ ଯେ, ପ୍ରଥମ ମହାଯୁଦ୍ଧ କାଳରେ ହେସ୍ ସାହିତ୍ୟିକ ମାତ୍ର। ଦେଶପ୍ରୀତିର ଉଦ୍ଦାମ ସ୍ରୋତରେ ଭାସିବେ ବୋଲି ମାନବିକତାର କୁଟାଖିଅକୁ ଅସ୍ୱୀକାର କରି ନାହାନ୍ତି। ସ୍ଥିତ ପ୍ରଜ୍ଞତାକୁ ଜଳାଞ୍ଜଳି ନଦେଇ ନବାନୁଗମନର ସ୍ୱାଗତ କରିଛନ୍ତି ସେ। ପୁନଶ୍ଚ ଶାନ୍ତି, ସଦ୍ଭାବ ଓ ମାନବ ପ୍ରେମର ସ୍ୱର ଦୃଢ଼ ଭାବରେ ଉଚ୍ଚାରିତ ହୋଇଛି ତାଙ୍କର ରଚନା ସମୂହରେ। ତେଣୁ ତାଙ୍କର ସିଦ୍ଧାର୍ଥ କହିଛି- "କିନ୍ତୁ ମୁଁ ଭାବେ, ବିଶ୍ୱର ଅସାରତା ପ୍ରତିପାଦନ ନୁହେଁ ବରଂ ବିଶ୍ୱକୁ ଭଲପାଇବା ହିଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ବିଷୟ।" ସେଇଥିପାଇଁ ଗବେଷକ, ହାନ୍‌ସ ମେୟର ତାଙ୍କର ବକ୍ତବ୍ୟରେ ଦର୍ଶାଇଛନ୍ତି – "These are the words of a European humanist, not an advocate of escapism and contempt of mankind."

ଏହିଭଳି ଭାବରେ ବିଂଶ ଶତାବ୍ଦୀର ମହାନ୍ ତତ୍ତ୍ୱ-ବିଶାରଦଗଣ ସେମାନଙ୍କର ବିଚାର ମଞ୍ଚରେ ହରମାନ୍ ହେସ୍‌ଙ୍କୁ ଜଣେ ସାହିତ୍ୟ ସ୍ରଷ୍ଟା ଭାବରେ, ଜଣେ ମାନବବାଦୀ ଶାନ୍ତିକାମୀ ଚିନ୍ତାନାୟକ ରୂପରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଆସନରେ ଆସୀନ କରିଛନ୍ତି।

ଅବସରପ୍ରାପ୍ତ ନିର୍ଦ୍ଦେଶକ
ଆକାଶବାଣୀ, ପ୍ରସାରଭାରତୀ
ମୋ: ୮୫୯୪୯୫୦୩୨୪

## ମୁଲତବୀ ଆଲୋଚନାରେ ମନ୍ତ୍ରୀଙ୍କ ଉତ୍ତର

# ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ

ଭୁବନେଶ୍ୱର,୨୯।୧୧(ସମିସ): ଇ-କେୱାଇସି ପ୍ରକ୍ରିୟାରେ ରାଜ୍ୟ ସରକାର କୌଣସି ଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିନାହାନ୍ତି। ତେବେ ରାଜ୍ୟରେ ମୋଟ ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ ସରକାର କାଟିଛନ୍ତି। ଏମାନଙ୍କ ମଧ୍ୟରେ ୬ ଲକ୍ଷ ୯୫ ହଜାର ୫୩୦ ମୃତ ହିତାଧିକାରୀ ରହିଥିଲେ। ସେହିପରି ୭୫ ହାଜର ୩୦ ଜଣ ସରକାରୀ ଚାକିରିଆ ଏବଂ ୪୫ ହଜାର ୪୯୬ ଜଣ ଆୟକରଦାତା ରାସନ କାର୍ଡରେ ଚାଉଳ ଉଠାଇଥିଲେ ବୋଲି ଶନିବାର ଗୃହରେ ମୁଲତବୀ ଆଲୋଚନାରେ ଉତ୍ତର ରଖି ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି। ଏହି କାର୍ଡ କଟିବା ଦ୍ୱାରା ରାଜ୍ୟ ରାଜକୋଷକୁ ବାର୍ଷିକ ୨୧୦ କୋଟି ଟଙ୍କାର ଆର୍ଥିକ ବୋଝ କମିଛି। କୌଣସି ଯୋଗ୍ୟ ହିତାଧିକାରୀଙ୍କ କାର୍ଡ କାଟିବା ଆମ ଉଦ୍ଦେଶ୍ୟ ନୁହେଁ ବୋଲି ମନ୍ତ୍ରୀ ସ୍ପଷ୍ଟୋକ୍ତି ରଖିଛନ୍ତି।

ମୁଲତବୀ ଆଲୋଚନା ଶେଷରେ ଉତ୍ତର ରଖି ମନ୍ତ୍ରୀ କହିଥିଲେ ଯେ ରାଜ୍ୟରେ

- ■ ୮ ଲକ୍ଷ ୧୬ ହଜାର ୫୬ ଜଣ ଅଯୋଗ୍ୟ ହିତାଧିକାରୀଙ୍କ ରାସନ କାର୍ଡ କାଟିଛନ୍ତି ସରକାର
- ■ ୬ ଲକ୍ଷ ୩୯ ୮୨୭ ଜଣଙ୍କୁ ମିଳିଛି ନୂଆ କାର୍ଡ
- ■ ଗରିବ ନୁହେଁ, ସର୍ଭେରେ ଧନୀ ଲୋକଙ୍କର କଟିବ କାର୍ଡ

ଏବେବି ୧୯ ଲକ୍ଷ ୫୨ ହଜାର ୧୫୩ଟି ପରିବାରର ୩ କୋଟି ୨୭ ଲକ୍ଷ ୮୩ ହଜାର ଲୋକେ ମାସିକ ରାସନ ପାଉଛନ୍ତି। ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ନୂଆ ନୁହେଁ। ପୂର୍ବ ସରକାରରେ ମଧ୍ୟ ହିତାଧିକାରୀ ଚିହ୍ନଟ ନାମରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରର ରାସନ କାର୍ଡ ତାଲିକାରୁ କଟାଯାଇଥିଲା। କିନ୍ତୁ ଗତ ୧୭ ମାସର ସରକାରରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ରାସନକାର୍ଡ ପ୍ରଦାନ କରାଯାଉଛି। ରାସନ କାର୍ଡ ପାଇଁ ୧୫ ଲକ୍ଷ ଲୋକେ ଆବେଦନ କରାଯାଇଥିବା ବେଳେ ଏହାକୁ ତର୍ଜମା କରାଯାଇ ଏଯାବତ୍ ୬ ଲକ୍ଷ ୩୯ ହଜାର ୮୨୭ ଜଣଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଇଛି। ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ଗ୍ରାମାଞ୍ଚଳରେ ୧୩ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଏବଂ ସହରାଞ୍ଚଳରେ ୧ ଲକ୍ଷ ୫୦ ହଜାର ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ଟାର୍ଗେଟ ଦିଆଯାଇଛି। କେନ୍ଦ୍ରରୁ ଆସିଥିବା ତାଲିକା ଉପରେ ବ୍ଲକ ସ୍ତରରେ ସର୍ଭେ କରାଯିବ। ପୂର୍ବରୁ ଗ୍ରାମାଞ୍ଚଳରେ ଥିବା ମାସିକ ରୋଜଗାର ମାପଦଣ୍ଡକୁ ୧୦ ହଜାରରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସହରାଞ୍ଚଳରେ ୧୫ ହଜାରରୁ ୨୦ ହାଜର ଟଙ୍କାକୁ ବଢ଼ାଯାଇଛି। ଦଳୀୟ ଆଧାରରେ କାହାର ମଧ୍ୟ ରାସନ କାର୍ଡ କଟାଯିବ ନାହିଁ। ଧନୀ ଲୋକ ଅର୍ଥାତ୍ ସରକାରୀ ଚାକିରୀ କରିଥିବ, ଆୟକର ଦେଉଥିବ, ଚାରିଚକିଆ ଗାଡ଼ି ଚଢୁଥିବ, ବଡ଼ କୋଠାଘର ଥିବ ସେହିମାନଙ୍କର କାର୍ଡ କଟିବ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର ସ୍ପଷ୍ଟ କରିଛନ୍ତି।

■ ବିନା ଅନୁମତିରେ ବିଦ୍ୟାଳୟ ମଧ୍ୟରେ ବୀମା କମ୍ପାନୀଙ୍କ ନୂଆ ବ୍ୟବସାୟ

# ମିଥ୍ୟା ପ୍ରଲୋଭନ ଦେଖାଇ ବୀମା ନାମରେ ଠକେଇ

ସାରସକଣା/ଝାରପୋଖରିଆ,୨୯।୧୧(ସମିସ): ପିଲାଙ୍କ ଭବିଷ୍ୟତ ନାମରେ ମିଥ୍ୟା ପ୍ରଲୋଭନ ଦେଖାଇ ବୀମା ନାମରେ ଅଭିଭାବକଙ୍କୁ ଠକୁଛନ୍ତି। ବିନା ଅନୁମତିରେ ବିଦ୍ୟାଳୟ ଭିତରେ ବୀମା କମ୍ପାନୀ ଛାତ୍ରଛାତ୍ରୀଙ୍କୁ କୁଇଜ ପରୀକ୍ଷା କରାଇ ପୁରସ୍କାର ଦେବା ଆଳରେ ଅଭିଭାବକଙ୍କୁ ଠକୁଥିଲେ। କାର୍ଯ୍ୟାଳୟକୁ ଡାକି ବୀମା କରାଇବାକୁ ବାଧ୍ୟ କରୁଥିଲେ। ପୁଲିସ ଶ୍ରୀରାମ ଜୀବନବୀମା କମ୍ପାନୀର ତିନିଜଣ ସଦସ୍ୟ/ସଦସ୍ୟାଙ୍କୁ ଥାନାରେ ଅଟକ ରଖି ପଚରାଉଚରା ଚଳାଇଛି। ସେମାନେ ହେଲେ ଜଳେଶ୍ୱରର ବଳରାମ ଦତ୍ତ (୨୫), ବାଲିଆପାଳର ଶୁଭମ ପରିଡା (୨୨) ଓ ବଡସାହି ଥାନା ଅଧୀନ କୋଚିଲାଖୁଣ୍ଟା ଗ୍ରାମର ଚିତ୍ତରଞ୍ଜନ ମହାପାତ୍ରଙ୍କ ପତ୍ନୀ ନମିତା (୩୯)। ପୁରସ୍କାର ପାଇଁ ଯୋଗ୍ୟ ଅଭିଭାବକଙ୍କୁ ପ୍ରୋଲଭିତ କରି ଟଙ୍କା ଦିଅ ନ ହେଲେ



ଗହଣା ଦିଅ। ଆଜି ଓଫର ଅଛି, ବୀମା କର ଏପରି କହି ଘରୁ ଆସି ନେଇଯାଉଥିଲେ ମୂଲ୍ୟବାନ ଜିନିଷ। ଏଭଳି ଠକାମୀର ଶିକାର ହୋଇଛନ୍ତି ମୟୂରଭଞ୍ଜ ଜିଲ୍ଲା ଝାରପୋଖରିଆ ଥାନା ଅନ୍ତର୍ଗତ ଏକତାଳୀ ବିଦ୍ୟାଳୟରେ ପଢଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକ। ସୁନା ଓ ଟଙ୍କା ନେବାକୁ ଗ୍ରାମକୁ ଆସିଥିବା ଗ୍ରାମବାସୀଙ୍କ ଦ୍ୱାରା ଅଟକ ରହିଥିଲେ। ଖବର ପାଇ ପୁଲିସ ପହଞ୍ଚି ଜଣେ ମହିଳା ସମେତ ତିନିଜଣଙ୍କୁ ଅଟକ ରଖି ୩୦୧/୨୫ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି। ଏ ଘଟଣାରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେ ନେଇ ତନାଘନା ଆରମ୍ଭ କରିଛି ଝାରପୋଖରିଆ ପୁଲିସ। ସେପଟେ ବିଦ୍ୟାଳୟ ଭିତରକୁ ବିନା ଅନୁମତିରେ କିଭଳି ବୀମା କମ୍ପାନୀ ପ୍ରବେଶ କରି ଅଭିଭାବକଙ୍କୁ ଠକୁଛନ୍ତି। ଏହାର ତଦନ୍ତ ପାଇଁ ପ୍ରବୀର ମହାନ୍ତ, ସୁଜାତା ମହାନ୍ତ, ଅନୀତା ବେହେରା ପ୍ରମୁଖ ଶିକାର ହୋଇଥିବା ଅଭିଭାବକ ଦାବି କରିଛନ୍ତି।

## ଶ୍ରୀମନ୍ଦିର ନାଁରେ ବିବାଦୀୟ ଟିପ୍ପଣୀ

# ଶୁଭଙ୍କରଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ପୁରୀ,୨୯।୧୧(ସମିସ): ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। ଶ୍ରୀମନ୍ଦିରକୁ ନେଇ ଦେଇଥିବା ବିବାଦୀୟ ଟିପ୍ପଣୀ ଲାଗି ତାଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ। ଏ ନେଇ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା। ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ, ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। ତାଙ୍କ କହିବା ଅନୁଯାୟୀ, ଭୁଲ୍‌ରେ ମଧ୍ୟ କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିରକୁ ଯିବ ନାହିଁ। ସମ୍ପର୍କକୁ ବଞ୍ଚାଇବାକୁ ଚାହୁଁଥିଲେ ଏହା କରନ୍ତୁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ପ୍ରଭୁ ଶ୍ରୀଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ଆଉ କହିଥିଲେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ, ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କ ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ। ଶୁଭଙ୍କରଙ୍କ ଏହି ଭିଡିଓ ଭାଇରାଲ ହେବା ପରେ ଓଡ଼ିଶା ବିଶେଷକରି ପୁରୀରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ପ୍ରେମୀମାନେ ପ୍ରଶ୍ନ କରିଛନ୍ତି ଯେ, ଜଣେ ଏତେ ଉଚ୍ଚଶିକ୍ଷିତ ତଥା ପ୍ରଭାବଶାଳୀ ବ୍ୟକ୍ତି କିଭଳି ଶ୍ରୀମନ୍ଦିର ସମ୍ପର୍କରେ ଏଭଳି ବିଭ୍ରାନ୍ତିକର ଓ ତଥ୍ୟହୀନ ଟିପ୍ପଣୀ ଦେଇପାରିଲେ? ଏ ସମ୍ପର୍କରେ ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି, ପ୍ରଚାରପ୍ରସାର ସବ୍‌କମିଟିରେ ଯେଉଁମାନେ ଶ୍ରୀଜଗନ୍ନାଥ ସଂସ୍କୃତିକୁ ଅବମାନନା କରିବେ ଓ ଭୁଲ୍ ତଥ୍ୟ ଦେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଯୋଜନା କରାଯାଉଛି। ଶୁଭଙ୍କର ମିଶ୍ରାଙ୍କର ଟିପ୍ପଣୀକୁ ନେଇ ତର୍ଜମା କରାଯାଉଛି। ଏହା ଗୁଜବ ନା ସତ୍ୟ ତାହାକୁ ମଧ୍ୟ ପରୀକ୍ଷା ନିରୀକ୍ଷା କରାଯାଉଛି। ଯଦି ସେ ଏଭଳି ମନ୍ତବ୍ୟ ଦେଇଥା'ନ୍ତି ଓ କମିଟି ରିପୋର୍ଟ ଦିଅନ୍ତି ତେବେ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏୟାରବସ୍ 'ଏ-୩୨୦'କୁ...

ଉଡ଼ାଣ ବାତିଲ ହୋଇ ଯାଇଥିବାରୁ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି। ଲୋକେ ଯାତ୍ରା ନ କରିପାରି ବିମାନବନ୍ଦରରେ ଅଟକି ରହିଛନ୍ତି। ଏହି କାରଣରୁ ଭାରତରେ ଅନେକ ବିମାନ ୬୦ରୁ ୯୦ ମିନିଟ ବିଳମ୍ବରେ ଚାଲୁଛି। ଇଣ୍ଡିଗୋ, ଏୟାର ଇଣ୍ଡିଆ ଏବଂ ଏୟାର ଇଣ୍ଡିଆ ଏକ୍ସପ୍ରେସରେ ଅନେକ ଏ୩୨୦ ସିରିଜର ବିମାନ ରହିଛି। ଏହି ସବୁ କମ୍ପାନୀର ୩୩୮ ବିମାନ ଯାନ୍ତ୍ରିକ ସମସ୍ୟାରେ ପ୍ରଭାବିତ ହୋଇଛି। ଏହି ବିମାନକୁ ନେଇ ଏୟାର ଇଣ୍ଡିଆ ଏବଂ ଇଣ୍ଡିଗୋ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ ଅନୁଯାୟୀ, ଶନିବାର ସକାଳ ୧୦ଟା ସୁଦ୍ଧା ୧୮୯ଟି ଏ୩୨୦ ବିମାନର ସଫ୍ଟୱେରକୁ ଅପଗ୍ରେଡ଼ କରାଗଲାଣି। ଶନିବାର ସକାଳ ୫ଟା ୨୯ ସୁଦ୍ଧା ସବୁ ପ୍ରଭାବିତ ବିମାନର ଅପ୍‌ଗ୍ରେଡେସନ ଶେଷ ହେବ ବୋଲି ଆଶା କରାଯାଉଛି।

ୟୁରୋପିଆନ ୟୁନିୟନ ଆଭିଏସନ ସେଫ୍ଟି ଏଜେନ୍ସି (ଇଏଏସଏ) ପକ୍ଷରୁ ଶୁକ୍ରବାର ଏମର୍ଜେନ୍ସି ଏୟାରୱର୍ଦ୍ଦିନେସ ଡାଇରେକ୍ଟିଭ (ଇଏଡି) ଜାରି କରାଯାଇଥିଲା। ଯାତ୍ରୀ ବିମାନ ଆରମ୍ଭ କରିବା ପୂର୍ବରୁ ଏହି ବିମାନର ମରାମତି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କୁହାଯାଇଥିଲା ଯେ ଅକ୍ଟୋବର ୩୦ ତାରିଖରେ ଆମେରିକା ଏୟାରଲାଇନ ଜେଟ୍‌ବ୍ଲୁର ଏକ ବିମାନ ୩୫ ହଜାର ଫୁଟ ଉଚ୍ଚରେ ଥିବାବେଳେ ଅଚାନକ ତଳକୁ ଖସି ଆସିଥିଲା। ଏହି ଅଘଟଣରେ ୧୫ ଜଣ ଆହତ ହୋଇଥିଲେ। ଫଳରେ ବିମାନକୁ ଫ୍ଲୋରିଡ଼ାର ଟାମ୍ପା ବିମାନବନ୍ଦରରେ ଜରୁରୀ ଅବତରଣ କରାଇବାକୁ ପଡ଼ିଥିଲା। ପ୍ରାରମ୍ଭିକ ଯାଞ୍ଚରୁ ଏକ ଇଏଲଏସି ଖରାପ ଥିବାରୁ ଏପରି ହୋଇଥିବା ଜଣାପଡ଼ିଥିଲା। ଏଥିଯୋଗୁଁ ଏୟାରବସ ସବୁ ଏୟାରଲାଇନ ଅପରେଟରଙ୍କୁ ନିଜ ବିମାନରେ ଇଏଲଏସି ଲଗାଇବାକୁ କହିଛି। ଏହା ବିମାନକୁ ନିୟନ୍ତ୍ରଣ କରୁଥିବା କମ୍ପ୍ୟୁଟର। ଏହାକୁ ଫ୍ଲାଇଟ କଣ୍ଟ୍ରୋଲ କୁହାଯାଇଥାଏ। ଏହା ପାଇଲଟଙ୍କ ନିର୍ଦ୍ଦେଶକୁ କଣ୍ଟ୍ରୋଲ ସିଷ୍ଟମ ପର୍ଯ୍ୟନ୍ତ ପହଞ୍ଚାଇ ଥାଏ। ବିମାନକୁ ମୋଡ଼ିବାରେ ସହାୟକ ହୋଇଥାଏ। ଏ୩୨୦ ସିରିଜର ବିମାନ ବିଶ୍ୱରେ ସର୍ବାଧିକ ବ୍ୟବହୃତ ହେଉଥିବା ସିଙ୍ଗଲ-ଆଇଲ ପ୍ଲେନ। ଏହି ସିରିଜରେ ଏ୩୧୯, ଏ୩୨୦ସିଇଓ ଏବଂ ନିଓ, ଏ୩୨୧ ସିଇଓ ଏବଂ ଏ୩୨୧ ନିଓ ସାମିଲ ରହିଛି।

### ସଂସ୍କୃତିକୁ ଆମେ...

ଅନ୍ୟତମ। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ସୋଆ ସାହିତ୍ୟ ଉତ୍ସବର ତୃତୀୟ ସଂସ୍କରଣରେ ଯୋଗଦେଇ ପ୍ରଖ୍ୟାତ କବି, ସଂଳାପ ଲେଖକ, ଗୀତିକାର, ସମାଜ ଚିନ୍ତକ ତଥା ଶବ୍ଦର ଯାଦୁକର ପଦ୍ମଭୂଷଣ ଜାଭେଦ ଅଖତର୍ ଆଜି ଏହା କହିଛନ୍ତି।

ଏହି ଅବସରରେ ଅଖତର୍‌ଙ୍କୁ ପ୍ରଥମ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମ୍ମାନସ୍ୱରୂପ ମାନପତ୍ର, ଉତ୍ତରୀୟ, ଦେବୀ ସରସ୍ୱତୀଙ୍କ ଏକ ରୌପ୍ୟମୂର୍ତ୍ତି ଏବଂ ୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିବା ନିମନ୍ତେ ଆମନ୍ତ୍ରିତ କରାଯିବା ତାଙ୍କ ପାଇଁ ଏକ ସମ୍ମାନ ବୋଲି ସମ୍ବର୍ଦ୍ଧିତ ହେବା ପରିପ୍ରେକ୍ଷୀରେ ଅଖତର୍ କହିଥିଲେ।

ସୋଆ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆୟୋଜିତ ଦୁଇଦିନିଆ ଏହି ସୋଆ ସାହିତ୍ୟ ଉତ୍ସବକୁ ଉଦ୍‌ଘାଟନ କରି ଓଡ଼ିଶାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଲେ, ଯଦିଓ ବୈଷୟିକ ଜ୍ଞାନକୌଶଳ ପରିବ୍ୟାପ୍ତ ହେବାରେ ଲାଗିଛି ଏବଂ ମଣିଷର ସମ୍ପର୍କକୁ ପ୍ରଭାବିତ କରୁଛି, ତଥାପି ଏହା ମଣିଷର ଅନୁଭୂତିର ଗଭୀରତାକୁ ପୁନଃସ୍ଥାପନ କରିପାରିବ ନାହିଁ। ବର୍ତ୍ତମାନ ସମୟରେ କୃତ୍ରିମ ବୁଦ୍ଧିମତା ଯୋଗାଯୋଗ, ସର୍ଜନଶୀଳତା, ଏପରିକି ମଣିଷର ସମ୍ପର୍କକୁ ପ୍ରଭାବିତ କରିବାରେ ଲାଗିଛି। ଭବିଷ୍ୟତରେ କୃତ୍ରିମ ବୁଦ୍ଧିମତାର ପ୍ରଭାବ ରହିଥିଲେ ମଧ୍ୟ ମଣିଷ ଏବେ ବି ସମାନୁଭୂତି, ନୈତିକ ବିଚାର ଏବଂ କଳ୍ପନା କରିବାର ଶକ୍ତି ଉପରେ ନିର୍ଭର କରୁଛି ବୋଲି ରାଜ୍ୟପାଳ କହିଥିଲେ।

କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ବରେ ଅଖତରଙ୍କ ସହ ଅଭିନେତ୍ରୀ ତଥା ପ୍ରଯୋଜିକା ବାନୀ ତ୍ରିପାଠୀ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଅର୍ଥାତ୍ କୃତ୍ରିମ ବୁଦ୍ଧିମତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କ ପ୍ରଶ୍ନର ଉତ୍ତର ଦେଇ ଅଖତର୍ କହିଥିଲେ ଯେ ବୈଷୟିକ ଜ୍ଞାନକୌଶଳର କୌଣସି ନୈତିକତା ନାହିଁ ଏହାକୁ ଆମେ କିଭଳି ବ୍ୟବହାର କରୁଛୁ, ତାହା ଉପରେ ସବୁ ନିର୍ଭର କରେ। ଆଣବିକ ଶକ୍ତିର ଉଦାହରଣ ଦେଇ ସେ କହିଥିଲେ ଯେ ଏହାକୁ ଆମେ ଉଭୟ ଭଲ ଏବଂ ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରିପାରିବୁ। ଏଆଇରେ ଭରି ରହିଥିବା ସଂସାଧନ ମନ୍ଦ ନୁହେଁ। ଆମେ ଯଦି ଇତିହାସ ପୃଷ୍ଠା ଦେଖିବା, ମଣିଷ ସମସ୍ତ ଆବିଷ୍କାରକୁ ନେଇ ଭୟଭୀତ ହେଉଥିଲା। ଏପରିକି, ରେଳ ଇଞ୍ଜିନ୍‌କୁ ସୈତାନର ବାହନ ବୋଲି କୁହାଯାଉଥିଲା। ତେବେ ବର୍ତ୍ତମାନ ସମୟରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସରେ ସର୍ଜନଶୀଳତା ରହିଥିବା କୁହାଯାଇପାରିବ ନାହିଁ। ବର୍ତ୍ତମାନ ସମୟରେ ଏହାର ନିଜସ୍ୱ ପରିସୀମା ରହିଛି ଏବଂ ଏହା ତଥ୍ୟ ଉପରେ ନିର୍ଭରଶୀଳ। ଭବିଷ୍ୟତରେ କ'ଣ ଘଟିବ, ତାହା ଆମେ ଏବେଠାରୁ କହିପାରିବା ନାହିଁ। କିନ୍ତୁ ବର୍ତ୍ତମାନ ସମୟରେ ମଣିଷର ସର୍ଜନଶୀଳତାକୁ ନେଇ କୌଣସି ଆହ୍ୱାନ ନାହିଁ ବୋଲି ଅଖତର କହିଥିଲେ।

ସୋଆ ପରିଚାଳିତ ସେଣ୍ଟର୍ ଫର୍ ପ୍ରିଜରଭେସନ୍, ପ୍ରୋପାଗେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଏନ୍‌ସିଏଣ୍ଟ କଲ୍‌ଚର ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ(ପ୍ରାଚୀନ) ପକ୍ଷରୁ ଆୟୋଜିତ ଏହି ସାହିତ୍ୟ ଉତ୍ସବରେ ସାରା ଦେଶରୁ ୧୦୦ରୁ ଉର୍ଦ୍ଧ୍ୱ କବି, ଲେଖକ, ଔପନ୍ୟାସିକ, ଚିତ୍ରକର, ଅନୁବାଦକ, ପ୍ରକାଶକ, ଚିନ୍ତକ, ନାଟକ, ଗଣମାଧ୍ୟମ ଜଗତର ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଛନ୍ତି। ଏହି ଦୁଇଦିନିଆ ସାହିତ୍ୟ ଉତ୍ସବରେ ୩୦ଟି ବିଭିନ୍ନ ଅଧିବେଶନ ରଖାଯାଇଛି।

ଚଳିତବର୍ଷ ଉତ୍ସବର ପ୍ରସଙ୍ଗଟି 'କଲ୍‌ଚର, କ୍ରିଏଟିଭିଟି ଆଣ୍ଡ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ' ଅର୍ଥାତ୍ 'ସଂସ୍କୃତି, ସର୍ଜନଶୀଳତା ଓ କୃତ୍ରିମ ବୁଦ୍ଧିମତା'ରହିଛି। ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ, ନୂଆଦିଲ୍ଲୀର ପୂର୍ବତନ ସଚିବ ଡକ୍ଟର କେ. ଶ୍ରୀନିବାସରାଓ ଏବଂ ସୋଆର ଉପସଭାପତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିବା ସହ ଜାଭେଦ ଅଖତରଙ୍କୁ ସୋଆ ସାହିତ୍ୟ ସମ୍ମାନରେ ସମ୍ମାନିତ ହେବା ପରିପ୍ରେକ୍ଷୀରେ ଶୁଭେଚ୍ଛା ଜଣାଇଥିଲେ। ପ୍ରାଚୀନର ମୁଖ୍ୟ ତଥା ସୋଆ ସାହିତ୍ୟ ଉତ୍ସବର ଡାଇରେକ୍ଟର ଏବଂ କ୍ୟୁରେଟର୍ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡା ସ୍ୱାଗତଭାଷଣ ପ୍ରଦାନ କରିଥିଲେ। ସୋଆ ଛାତ୍ରମଙ୍ଗଳ ଡିନ୍ ତଥା କାର୍ଯ୍ୟକ୍ରମର ମୁଖ୍ୟ ସଂଯୋଜକ ପ୍ରଫେସର୍ ଜ୍ୟୋତିରଞ୍ଜନ ଦାସ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ପ୍ରଫେସର୍ ଡ. ଗାୟତ୍ରୀବାଳା ପଣ୍ଡାଙ୍କ ପୁସ୍ତକ 'ଦୟାନଦୀ'ର ଇଂରାଜୀ ଅନୁବାଦ 'ରିଭର ଦୟା' ଏବଂ ପ୍ରାଚୀନ ପକ୍ଷରୁ ପ୍ରକାଶିତ ତିନୋଟି ପୁସ୍ତକ 'ସାରୋଳଦାସ ମହାଭାରଥ'ର ଦୁଇଟି ସଭାପର୍ବ ଏବଂ ମଧ୍ୟ ପର୍ବ ଉନ୍ମୋଚିତ ହୋଇଥିଲା। ସୂଚନାଯୋଗ୍ୟ, ସୋଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷ, ସର୍ଜନଶୀଳ ଏବଂ ବୌଦ୍ଧିକ ଗଭୀରତାର ଦକ୍ଷତା ଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ପ୍ରତିବର୍ଷ ସୋଆ ସାହିତ୍ୟ ସମ୍ମାନ ପ୍ରଦାନ କରାଯିବାକୁ ଥିବା ବେଳେ ଚଳିତବର୍ଷ ପଦ୍ମଭୂଷଣ ଜାଭେଦ ଅଖତର୍‌ଙ୍କୁ ପ୍ରଦାନ କରାଯାଇଛି।

### ଗୃହରେ ରାସନ...

ଆକ୍ରମଣ କରି ରାସନ କାର୍ଡ ଇ-କେୱାଇସି, ସର୍ଭେ ପ୍ରକ୍ରିୟା ହିତାଧିକାରୀଙ୍କୁ କାଟିବା ପାଇଁ ନୁହେଁ; ବରଂ ଅଯୋଗ୍ୟ ହିତାଧିକାରୀ ଚିହ୍ନଟ ଓ ଦୁର୍ନୀତି ରୋକିବାର ପଦକ୍ଷେପ ବୋଲି ଯୁକ୍ତି ବାଢ଼ିଛନ୍ତି।

ବିଜେଡି ପକ୍ଷରୁ ଆଗତ ଏହି ସମ୍ପର୍କିତ ଏକ ମୁଲତବୀ ପ୍ରସ୍ତାବ ଆଲୋଚନାକୁ ଆରମ୍ଭ କରି ବିଜେଡି ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଥିଲେ ଯେ ରାଜ୍ୟ ସରକାର ରାସନ କାର୍ଡ ସର୍ଭେ ନାଁ ରେ ଖାଦ୍ୟ ସୁରକ୍ଷା ଯୋଜନାର ଗରିବ ହିତାଧିକାରୀଙ୍କୁ କାଟି ଦେଉଛନ୍ତି। ଏହି ମଧ୍ୟରେ ଜିଲ୍ଲାପାଳ ମାନଙ୍କୁ ଦୁଇଟି ଚିଠି ଯାଇଛି । ସେଥିରେ ଯେଉଁ ୬ଟି ମାନଦଣ୍ଡ ରଖାଯାଇଛି, ସେଥିରୁ ୩ଟି ଆଦୌ ଗ୍ରହଣୀୟ ନୁହେଁ। ୬ ମାସରୁ ଅଧିକ ସମୟ ଚାଉଳ ଉଥାଇନଥିଲେ, ୧ ହେକ୍ଟର(୨.୪୭ ଏକର)ରୁ ଅଧିକ ଜମି ଥିଲେ ଏବଂ ବାର୍ଷିକ ୧ ଲକ୍ଷ ୨୦ ହଜାର କିମ୍ବା ମାସିକ ୧୦ ହଜାର ଆୟ ଥିଲେ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ତଥ୍ୟ ଅନୁସାରେ ୪ ଲକ୍ଷ ୭୪ ହଜାର ୯୭୪ ହିତାଧିକାରୀଙ୍କ ରାସନ୍ କାର୍ଡ କାଟି ଦେଉଛନ୍ତି। ଆହୁରି ୩୯ ଲକ୍ଷ କରିବେ । ୧୦ ପ୍ରତିଶତ ଲୋକଙ୍କ କାର୍ଡ ଏ ସରକାର କାଟି ସାରିଲେଣି। ଜଣେ ଲୋକ ସୁଭଦ୍ରା ଯୋଜନା ବାବଦକୁ ଅର୍ଥ ପାଉଥିଲେ କିମ୍ବା କୌଣସି ଋଣ କରି ଆୟକର ରିଟର୍ଣ୍ଣ ଫାଇଲ କରିଥିଲେ ରାସନ୍ କାର୍ଡ କଟିଯିବା କଥା କହୁଛନ୍ତି। ଧାନ ବିକ୍ରି କରି ଆୟ କରିଥିବା ଲୋକଙ୍କ କାର୍ଡ କଟିଯିବ କି, ମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ପ୍ରଶ୍ନ କରିଥିଲେ । ଲୋକଙ୍କୁ କୃତ୍ରିମ ଧନୀ କରି ସରକାର ଚାଉଳ କାଟି ଦେଉଛନ୍ତି । ଚାଷୀଙ୍କ ପେଟରେ ଲାତ ମାରିବା ପାଇଁ ଯୋଜନା ହୋଇଛି । ଗରିବ ମାରଣ ନୀତିର ଜବାବ ଓଡ଼ିଶାବାସୀ ଉଚିତ୍ ଜବାବ ଦେବେ ବୋଲି ଶ୍ରୀ ସ୍ୱାଇଁ କହିଥିଲେ। ବିଜେଡି ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବିଭାଗ ପକ୍ଷରୁ ଜିଲ୍ଲାପାଳଙ୍କୁ ଯାଇଥିବା ଚିଠି କଥା ଉଠାଇ ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ ଯେ ନିଜର କାର୍ଡକୁ ନେଇ ଗାଁ ଗହଳିର ଲୋକେ ଏବେ ସଂଶୟ ମଧ୍ୟରେ ଅଛନ୍ତି। ନୂଆ ସରକାର ଆସିବା ପରେ ଭୂତ ହିତାଧିକାରୀ କହି କିଛି ଲୋକଙ୍କ କାର୍ଡ କାଟିଲେ। ୧୫ ଲକ୍ଷ ଲୋକ ଏଯାଏଁ ଇ-କେୱାଇସି କରିନାହାନ୍ତି। ଗୋଟେ ଟେ ସରକାର ଚାଷୀଙ୍କ ଆୟବୃଦ୍ଧି କଥା କହୁଛନ୍ତି। ମହିଳା ସଶକ୍ତିକରଣ କଥା କହୁଛନ୍ତି। ମାତ୍ର ଅନ୍ୟପଟେ ମାନଦଣ୍ଡର ଆଳ ଦେଖାଇ ସେମାନଙ୍କ କାର୍ଡ କାଟିବାର ଯୋଜନା କରାଯାଉଛି। ମନ୍ତ୍ରୀ ସ୍ପଷ୍ଟ କରନ୍ତୁ କିଏ ଯୋଗ୍ୟ, କିଏ ଅଯୋଗ୍ୟ। ଏଫସିଆଇ ଚାଉଳ ନ ଉଠାଇବା ଆଉ କେନ୍ଦ୍ରୀୟ ଅନୁଦାନ କମିବା ଅଳରେ ସରକାର ରାସନ୍ କାର୍ଡ କାଟି ଦେବା ପାଇଁ ମସୁଧା ନୁହେଁ ତ ବୋଲି କହିଥିଲେ। ସେହିଭଳି କଂଗ୍ରେସ ବିଧାୟକ ଅଶୋକ ଦାସ ଓ ସି ଏସ ରାଜନ୍ ଏକ୍କା ରାସନ୍ କାର୍ଡ ମାୟା ଜାଲରେ ଗରିବ ଛନ୍ଦି ହୋଇଛନ୍ତି ବୋଲି କହି ଉଦବେଗ ପ୍ରକାଶ କରିଥିଲେ। ମାନଦଣ୍ଡ ଆଳ ଦେଖାଇ ରାଜ୍ୟ ସରକାର ଗରିବ ଲୋକଙ୍କ ଖାଦ୍ୟ ସୁରକ୍ଷା ଅଧିକାର ଛଡ଼ାଇ ନେବାକୁ ବସିଛନ୍ତି ବୋଲି ଉଭୟେ କ୍ଷୋଭକ୍ତି ପ୍ରକାଶ କରିଥିଲେ।

ବିଜେପି ପକ୍ଷରୁ ବିଧାୟକ ଆଶ୍ରିତ ପଟ୍ଟନାୟକ, ଆମର କୁମାର ନାୟକ, ପ୍ରତାପ ଚନ୍ଦ୍ର ନାୟକ ଓ ପଦ୍ମଲୋଚନ ପଣ୍ଡା ବିରୋଧୀଙ୍କ ଅଭିଯୋଗ କୁ ଖଣ୍ଡନ କରିବା ସହ ପାଲଟା ସମାଲୋଚନା କରିଥିଲେ। ସେମାନେ କହିଥିଲେ ଯେ ୨୦୨୪ ଜୁନ ମାସଠାରୁ ରାଜ୍ୟ ସରକାର ପ୍ରାୟ ୯୯ ଲକ୍ଷ ୫୨ ହଜାର ୧୫୩ ପରିବାରକୁ ପ୍ରତିମାସରେ ଖାଦ୍ୟ ଶସ୍ୟ ଯୋଗାଇ ଦେଉଛନ୍ତି। ପୂର୍ବ ସରକାର ରାଜନୈତିକ ଉଦ୍ଦେଶ୍ୟ ରଖି ହିତାଧିକାରୀଙ୍କ କାର୍ଡ କାଟୁଥିଲେ। ୨୦୧୫ରୁ ୨୦୨୪ ମଧ୍ୟରେ ୧୦ ଲକ୍ଷ ୫୪ ହଜାର ପରିବାରର ୩୦ ଲକ୍ଷ ୬୯ ଲକ୍ଷ କାର୍ଡ କାଟି ଦେଇଥିଲେ। ମାତ୍ର ଆମ ସରକାର ଆସିବା ପରଠାରୁ ଯୋଗ୍ୟ ହିତାଧିକାରୀଙ୍କୁ ନୂଆ କାର୍ଡ ପ୍ରଦାନ କରାଯାଉଛି। ରାଜ୍ୟ ସରକାର ଖାଦ୍ୟ ସୁରକ୍ଷା ଯୋଜନାରେ ପାରଦର୍ଶିତା ରକ୍ଷା କରିବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶରେ ଇ-କେୱାଇସି କରୁଛନ୍ତି ବୋଲି ସେମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

### ମାର୍କେଟ୍ ୟାର୍ଡରୁ...

ସୂଚନାନୁଯାୟୀ, ଗତ ୧୭ତାରିଖ ସମ୍ବଲପୁର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲ୍‌ପିସି) ବୈଠକରେ ଚାଷୀ ଶୀଘ୍ର ଧାନକ୍ରୟ କରିବାକୁ ଦାବି କରିଥିଲେ। ବୈଠକରେ ୨୮ ତାରିଖକୁ ଧାନ ସଂଗ୍ରହ ତାରିଖ ଧାର୍ଯ୍ୟ ହୋଇଥିଲା। ତଦନୁଯାୟୀ, ଶୁକ୍ରବାର ବରେଇପାଲି ମାର୍କେଟ୍ ୟାର୍ଡରେ ଶହଶହ ସଂଖ୍ୟାରେ ଚାଷୀ ଆସି ଜମା ହୋଇଥିଲେ। ସେଠାରେ ପୂଜାର୍ଚ୍ଚନା ପରେ ଧାନ କିଣା ଆରମ୍ଭ ହେବାକୁ ସମସ୍ତେ ଅନେଇ ବସିଥିଲେ। କିନ୍ତୁ ଧାନକିଣା ଆରମ୍ଭ ହୋଇପାରିଲାନି। ବରେଇପାଲିସ୍ଥିତ ନିୟନ୍ତ୍ରିତ ବଜାର କମିଟି ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ, ଚାଷୀ ଓ ମିଲର୍‌ମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରି ନଥିଲା। ଫଳରେ ଶହଶହ କ୍ୱିଣ୍ଟାଲ ଧାନ ଗାଡ଼ି ସେମିତି ଛିଡ଼ା ହୋଇଥିଲା। ଏହାକୁ ନେଇ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାର ପ୍ରତିବାଦରେ ସେମାନେ ରେମେଡ୍ ଛକରେ ଧାନଗାଡ଼ି ରଖି ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଏହା ଜାଣିପାରି ଅପରାହ୍ନରେ ସଦର ଉପଜିଲ୍ଲାପାଳ ଘଟଣାସ୍ଥଳକୁ ଆସି ଚାଷୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶନିବାର ସବୁ ସମସ୍ୟାର ସମାଧାନ ହୋଇଯିବ ଓ ଧାନ କିଣା ଆରମ୍ଭ ହେବ ବୋଲି କହିଥିଲେ।

ଆଜି ସକାଳେ ଚାଷୀମାନେ ପୁଣିଥରେ ବରେଇପାଲି ମାର୍କେଟ୍ ୟାର୍ଡରେ ପହଞ୍ଚିଥିଲେ। ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ସମବାୟ ସମିତି ସମୂହ ଉପନିବନ୍ଧକ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରି ଧାନକ୍ରୟ ହେବ ବୋଲି କହିଥିଲେ। ତଦନୁଯାୟୀ ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୂଜାର୍ଚ୍ଚନା କରି ବରେଇପାଲି ମାର୍କେଟ୍ ୟାର୍ଡରୁ ୫ଟି ମିଲ୍‌କୁ ଧାନ ପଠାଯାଇଥିଲା। ସେଗୁଡ଼ିକ ହେଲା, ସମଲେଶ୍ୱରୀ ରାଇସ ମିଲ, ଅନ୍ନପୂର୍ଣ୍ଣା ରାଇସ ମିଲ, ବୈଷ୍ଣୋଦେବୀ ରାଇସ ଆଣ୍ଡ ଚୂଡ଼ା ମିଲ, ରାଧାକେଶବ ରାଇସ ମିଲ ଓ ଭେଙ୍କଟେସ୍ୱ ଚୂଡ଼ା ଆଣ୍ଡ ରାଇସ ମିଲ୍। ଏହାକୁ ନେଇ ଚାଷୀମାନେ ଉତ୍ସାହିତ ହୋଇଥିଲେ। ସମ୍ବଲପୁର ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ସୁବୋଧ ହୋତାଙ୍କୁ ପଚାରିବାରୁ ସେ ମିଲର୍‌ମାନେ ଧାନ ରଖି ସ୍ଲିପ ଦେବେ ଏବଂ ଚାଷୀକୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ମିଳିଯିବ ବୋଲି କହିଥିଲେ। କିନ୍ତୁ, ଗୋଟିଏ ପରେ ଗୋଟିଏ ଗାଡ଼ି ଯାଇ ମିଲ୍ ସମ୍ମୁଖରେ ଛିଡ଼ା ହୋଇଥିଲେ ହେଁ ମିଲର୍‌ମାନେ ଫାଟକ ଖୋଲିନଥିଲେ। ଧାନ ନେବାକୁ ଅମଙ୍ଗ ହୋଇଥିଲେ। ମିଲର୍‌ମାନଙ୍କ ସହ ଧାନସଂଗ୍ରହକୁ ନେଇ ଏଗ୍ରିମେଣ୍ଟ ହୋଇନି, ସେମାନେ ସିକ୍ୟୁରିଟି ଡିପୋଜିଟ୍ ବ୍ୟାଙ୍କ ଗ୍ୟାରେଣ୍ଟି ଦେଇନାହାନ୍ତି, ଏପରିକି ସ୍ୱୀକାରୋକ୍ତି ମଧ୍ୟ ଦେଇନାହାନ୍ତି ବୋଲି କହିଥିଲେ। ତେବେ ଏହାର ପ୍ରତିବାଦରେ ଚାଷୀମାନେ ମିଲ୍ ଆଗରେ ଧାରଣା ଦେବାରୁ ରାତି ପ୍ରାୟ ୮ଟାରେ ମିଲର୍‌ମାନେ ଧାନ ଉଠାଇଥିଲେ। କିନ୍ତୁ ସୋମବାରଠାରୁ ଆଉ ଧାନ ଉଠାଇବେ ନାହିଁ ବୋଲି ମନା କରିଦେଇଥିଲେ।

ଅପରପକ୍ଷେ, ରାଜ୍ୟ ମିଲ ମାଲିକ ସଂଘ ମଧ୍ୟ ସାମ୍ବାଦିକ ସମ୍ମିଳନୀ କରି ରୋକ୍‌ଠୋକ୍ ଭାବେ ଧାନ ନେବେନି ବୋଲି ମନା କରିଛି। ନିଖିଳ ଓଡ଼ିଶା ମିଲର୍ସ ସଂଘର ଅଧ୍ୟକ୍ଷ ସନ୍ତୋଷ ଅଗ୍ରୱାଲ ବରେଇପାଲିସ୍ଥିତ ଏକ ହୋଟେଲରେ ସାମ୍ବାଦିକ ସମ୍ମିଳନୀରେ ମିଲର୍‌ଙ୍କ ଅସହଯୋଗରେ ଧାନ ଉଠି ପାରୁନଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ଧାନ ସଂଗ୍ରହ କରିବା ଦାୟିତ୍ୱ ଓଡ଼ିଶା ରାଜ୍ୟ ଯୋଗାଣ ନିଗମର। ଏହି ସଂସ୍ଥା ସମ୍ପୃକ୍ତ ଜିଲ୍ଲା ପ୍ରଶାସନ ଓ ଯୋଗାଣ ବିଭାଗ ଜରିଆରେ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିଥାଏ। ମିଲର୍‌ଙ୍କ ଦାୟିତ୍ୱ ଯୋଗାଣ ବିଭାଗଠାରୁ ଧାନ ସଂଗ୍ରହ କରି କଷ୍ଟମ ମିଲିଂ ପରେ ଚାଉଳ ଫେରସ୍ତ କରିବା ମଧ୍ୟରେ ସୀମିତ। ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ୭ଦଫା ଦାବିରେ ମିଲର୍‌ଙ୍କ ପକ୍ଷରୁ ରାଜ୍ୟସାରା ଆନ୍ଦୋଳନ ଜାରି ରହିଛି। ଦୁଇବର୍ଷ ହେଲା ଦାବିପୂରଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଏପରିକି, କଷ୍ଟମ ମିଲିଂ ପରେ ଗତ ଖରିଫ ଓ ରବି ଋତୁର ଚାଉଳକୁ ଖାଦ୍ୟ ନିଗମ ନେଇ ନଥିବା ଅଭିଯୋଗ କରିଛନ୍ତି।

**AFFIDAVIT**

By virtue of an affidavit sworn before Executive Magistrate, Rayagada, vide No. 1100 dated. 29/11/2025, I, **Kumari Sunita Pujhari**, aged about 30 years, D/o- Nityananda Pujhari, resident of At- Pitamahal, PO.- Pitamahal, PS.- Seskhal, Tahasil/ Dist.- Rayagada, Pin- 765002, Odisha, declare that I have changed my name from **Sasmita Behera to Kumari Sunita Pujhari**. Henceforth, I shall be known as **Kumari Sunita Pujhari** for all purposes.
**Kumari Sunita Pujhari**

**AFFIDAVIT**

I, RAHUL RAY, aged about 26 years, S/o- Hari Kumar Ray resident of Indranagar At/PO: Mandosil, PS: Paikmal, Dist.: Bargarh, Odisha, PIN-768050, declared by this Affidavit No.: 1732/2025, Dated: 26.11.2025. That now onwards I shall be known as for all future **RAHUL KUMAR RAY** for all future Purposes.

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 28/11/2025, CF No.- 50/28.11.2025. I, Pinki Senapati D/O Prakash Senapati, Plot No-1637, Community Center-8, Back side of Bharatpur, Dist.- Khordha, Pin- 751029, declare that I have changed the name of my daughter from Subhashree Senapati to Manasha Chakraborty. Henceforth, she shall be known as new name Manasha Chakraborty for all purposes.
**Pinki Senapati**

**AFFIDAVIT**

I, **Pravir Kumar Satpathy**, S/o.: Late Pravakar Satapathy resident of N/2-122 IRC Village, P.S.: Nayapalli, Bhubaneswar, Dist.: Khurda, PIN-751015, Odisha declare by this affidavit No. 400, Dtd.28.11.2025 that now onwards I shall be known as **PRAVIR KUMAR SATAPATHY** for all future purposes.

**AFFIDAVIT**

I, Simadri Rajalakshmi Patra, aged about 58 years, W/o- Sri Raj Kishore Patra, resident of Mahabir Residency, Kantabanji, PO/PS- Kantabanji, Dist- Balangir, PIN-767039, Odisha declared by this affidavit No. 1146, dtd-30/09/2025 that now onwards I shall be known as Rajlaxmi Patra for all future purposes.

**AFFIDAVIT**

By virtue of an affidavit before the Notary Public, Koraput, I, D Abinash Dora, residing at Police Camp, Sunabeda, Dist: Koraput, Odisha, do hereby declare that my correct name is D Abinash Dora, as per my Aadhaar, PAN and academic certificates. But in my Passport, mentioned as Domti Abinash Dora, where "D" stands for Domti. I hereby declare that I shall be known as D Abinash Dora for all purposes.
**D Abinash Dora**

**AFFIDAVIT**

By virtue of an affidavit sworn before the Executive Magistrate, Jajpur No 11806 dated 27/11/2025. I ANINDITA PADHI, W/O- Prasanta Kumar Padhi resident of Belarpur, Debidwar, Jajpur declare that I have changed my name From Anindita Rath to Anindita Padhi .Hence I will be known as Anindita Padhi for all purposes.

**ADMISSION NOTICE-2025-26**
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
*Campus:*
262, Puranpadhan, Balakati, Bhubaneswar
Mob. 7019799641, 7978608747 9853801459
Email: mdscnbbsr@gmail.com
- **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
- **D. Pharm** Rs. 48,000/- P.A. Eligibility: +2 Sc. (PCB/M)
- **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
- **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
- **M.P.H.** Rs. 42,000/- P.A. Eligibility: Any Graguate

ALL COURSE FEES ARE EXCLUDING HOSTEL

**DISTRICT PROJECT OFFICE, NUAPADA**
**SAMAGRA SHIKSHA**
At/PO/Dist-Nuapada (Behind Mini Stadium), Odisha-766105.
Phone & Fax: 06678-225121 (MIS) / 225295(OFF)
e-Mail: dpcnuapadassa.opepa@nic.in
No. 3404/IV/34/25/PLG/25, Date- 29.11.202

**NOTICE INVITING TENDER (NIT) FOR SUPPLY OF IDENTITY CARDS FOR TEACHERS AND STUDENTS OF PM-SHRI SCHOOLS (2025-26)**

Sealed Tenders under two bid systems (Technical & Financial Bid) are invited from reputed firms / agency/ individuals having valid GST Registration Number, IT clearance and valid PAN for printing & supply of "Identity Cards and Badges for Teachers and Students of PM-SHRI Schools for the year 2025-26".

| Name of the Tender | Bid processing fees (Rs.) | Amount of EMD (Rs.) | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Identity Card and PM SHRI Badge for the students and teachers of 08 nos of PMSHRI Schools | Rs.2000/- | Rs. 16480/- | 15.12.25, 5.00 AM | 16.12.25, 11.00 AM |

The Bid documents (tender papers) containing detailed specification with terms and conditions can only be downloaded from the district website i.e. https://nuapada.odisha.gov.in and OSEPA website https://osepa.odisha.gov.in.Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By order of Collector-cum-Chairman
District Education Officer-cum-DPC
Samagra Shiksha, Nuapada

**Women's College, Rayagada**
Gautam Nagar, Po/Dist.: Rayagada-765001
E-Mail ID: womenscollegergd@gmail.com , Ph. No. 06856453864
No. 551/WCR/25, Date- 28.11.2025
**Walk-In-Interview**

A walk-in-interview for engagement of various non-teaching posts in Women's College, Rayagada will be held on 17.12.2025 at 11:00 AM in the College premises.

| Sl No. | Posts | Minimum Qualification |
|---|---|---|
| 1 | Laboratory Bearer in Zoology (01) | 10th Pass |
| 2 | Laboratory Bearer in Physics (01) | 10th Pass |
| 3 | Peon(02) | 10th Pass |
| 4 | Sweeper(02) | 8th Pass |

Interested candidates should attend the interview with filled in Bio-data Proforma, all relevant documents in original; self attested photocopies and two Passport size photos. The Maximum age limit shall be 42 years and 5 years relaxation shall be given to SC/ST/Women and 3 years to SEBC and 10 years to PwDs. No TA/DA shall be paid for attending the interview.

The above mentioned posts are in self finance mode and no financial and non-financial support or grant of any nature will be extended to them from the Government in future.

Principal-cum-Secretary
Governing Body, Women's College, Rayagada

# ଚରମସୀମାରେ ଲଘୁଖଣିଜ ସମ୍ପଦ ଲୁଟ୍

ହରଭଙ୍ଗା,୨୯ ।୧୧(ସମିସ)

ଲଘୁଖଣିଜ ଦ୍ରବ୍ୟରୁ ସରକାରଙ୍କୁ ପ୍ରଚୁର ରାଜସ୍ୱ ମିଳିଥାଏ। ବିପୁଳ ରାଜସ୍ୱ ଆଦାୟ ଲକ୍ଷ୍ୟରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ଏହାର ଲିଜ୍ ପ୍ରକ୍ରିୟା କରାଯାଏ। ଏତେସବୁ କଡା ପ୍ରାବଧାନ ପରେ ବି ଯେତେବେଳେ ରକ୍ଷକ ଭକ୍ଷକ ସାଜିଛନ୍ତି ସେତେବେଳେ ଛାଡ ସରକାରୀ କର୍ମଚାରୀ ନିଜର ଗୁରୁଦାୟିତ୍ୱ ସମ୍ପାଦନା କରିବା ବଦଳରେ ଚାପର ବଶବର୍ତ୍ତୀ ହୋଇ ଚୁପ୍ ରହିବାକୁ ବାଧ୍ୟ ହୋଇଥାଏ।

ନୂଆ ସରକାର ଆସିବାର ୧୬ମାସ ଅତିକ୍ରମ କରିଛି। ଯା ଭିତରେ ଜିଲ୍ଲାରେ ସେଭଳି କୌଣସି ଆଖିଦୃଶିଆ ବିକାଶ ହୋଇଥିବା ଦେଖିବାକୁ ମିଳିନାହିଁ; ମାତ୍ର ଜିଲ୍ଲାରେ ଖଣିଜ ସମ୍ପଦ ଲୁଟ ମାତ୍ରା ଚରମ ସୀମାରେ ପହଞ୍ଚିଛି। ବିନା କାଗଜପତ୍ରରେ ଅନେକ ଗୁଡିଏ ମହାନଦୀ ଘାଟରୁ ରାତିଅଧିଆ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ଦେଖିବାକୁ ମିଳିଛି। ବିନା ଟ୍ରାନଜିଟ୍ ପାଶ୍‌ରେ ଦୁଇ ଦୁଇଟି ଥାନା ସମ୍ମୁଖ ଭାଗ ଦେଇ ୧୪ଚକିଆଠାରୁ ଆରମ୍ଭକରି ୧୦ ଚକିଆ ହାଇୱାରେ ବାଲି ଚୋରାଚାଲାଣ ଚାଲିଛି; ମାତ୍ର ଏ ଦିଗରେ ଖଣି ବିଭାଗ, ଏନଫୋର୍ସ ଟିମ୍ ଚୁପ୍। ହରଭଙ୍ଗା ତହସିଲ ଅଧୀନ ହରଭଙ୍ଗା, ସୁରୁଣ୍ଡି, ଡିଆଁଘାଟ, ଶାକୁସିଙ୍ଗା, କରଡି, କାଲେଶ୍ୱର, କୃଷ୍ଣମୋହନପୁର, ଉଆଁଲ ଏବଂ ଖରଶଙ୍କୁଲେଇ ଭଳି ମହାନଦୀ ଘାଟରେ ବାଲି ସୈରାତ ରହିଛି। ସେହିପରି ଖରଭୂଇଁରେ ୫ଟି ପଥର ଖାଦାନ ରହିଛି। ଏଗୁଡିକ ମଧ୍ୟରୁ ଶାକୁଶିଙ୍ଗା, ଉଆଁଲ, କରଡି, ସୁରୁଣ୍ଡି ଭଳି ବାଲି ଘାଟ ସହ ଖରଭୂଇଁର ତିନୋଟି ପଥର ଖାଦାନର କାଗଜପତ୍ର ନାହିଁ। ଏହାସତ୍ତ୍ୱେ ଏସବୁ ବାଲି/ପଥର ଖାଦାନରୁ ଖଣିଜ ସମ୍ପଦ



- ଅଧିକାଂଶ ସୈରାତର କାଗଜପତ୍ର ନାହିଁ
- ବିନା ଭୟରେ ଉତ୍ତୋଳନ ଚାଲିଛି
- ମାଇନର ମିନେରାଲ ନାଁରେ ମେଜର ଖନନ
- ଓଭରଲୋଡିଂରେ ଘରଦ୍ୱାର ଦୋହଲିଯାଉଛି
- ସୈରାତରେ ସୂଚନାଫଳକ, ସିସିଟିଭି ନାହିଁ

ଲୁଟକରି ମାଫିଆ ମାଲେମାଲ ହେଉଛନ୍ତି। ଖଣି ନିୟମ ଅନୁସାରେ ବାଲି/ପଥର ଖାଦାନଗୁଡିକରୁ ବାର୍ଷିକ କେତେ ପରିମାଣରେ ଉତ୍ତୋଳନ କରାଯିବ ସେଥିପାଇଁ ସ୍ୱତନ୍ତ୍ର ମାଇନିଂ ପ୍ଲାନର ଆବଶ୍ୟକତା ରହିଛି। ମାଇନିଂ ପ୍ଲାନ ଅନୁସାରେ କେଉଁ ଖାଦାନରୁ ବାର୍ଷିକ କେତେ ଏମଜିକ୍ୟୁ ବାଲି/ପଥର ଉତ୍ତୋଳନ ହେବ ସେ ଅନୁସାରେ ଖଣି ବିଭାଗ ଅନୁମତି ସହ ଟ୍ରାନଜିଟ ପାଶ୍ ପ୍ରଦାନ କରିବାର ନିୟମ ରହିଛି। ଏହା ସହ ପ୍ରତ୍ୟେକ ଖାଦାନରୁ ବାଲି/ପଥର ଉତ୍ତୋଳନ ପୂର୍ବରୁ ଏରିଆ ଚିହ୍ନଟ କରି ତାରବାଡ ଦେବାର ମଧ୍ୟ ପ୍ରାବଧାନ ରହିଛି। ଏହା ସହିତ କେତେ ଗଭୀରରେ ବାଲି/ପଥର ଉତ୍ତୋଳନ ହେବ ସେଥିପାଇଁ ସ୍ୱତନ୍ତ୍ର ଏସଓପି ରହିଛି। ଅନ୍ୟପଟେ ଖାଦାନ ଗୁଡିକରେ ଏମଜିକ୍ୟୁର ପରିମାଣ ସହିତ ପରିବେଶ ମଞ୍ଜୁରୀ ଲିଜ୍ ମିଆଦି ବିଷୟରେ ସୂଚନା ଫଳକରେ ସ୍ପଷ୍ଟ ଭାବେ ଦର୍ଶାଯିବାର କଡା ପ୍ରାବଧାନ ରହିଛି।

ଏହା ସହିତ ବାଲି ଖାଦାନ ଗୁଡିକ ପାଇଁ ବର୍ଷା ପୂର୍ବରୁ ଏବଂ ବର୍ଷା ପରେ ବାର୍ଷିକ ୨ ଥର ଆକଳନ କରିବାକୁ ନିୟମ ରହିଛି। ଅନ୍ୟପଟେ ମେସିନ ବଦଳରେ ମଣିଷ ସାହାଯ୍ୟରେ ବାଲି ଉତ୍ତୋଳନ କରିବା ପାଇଁ କଡା ନିୟମ ରହିଛି। ଏତେସବୁ କଡା ପ୍ରାବଧାନ ସତ୍ତ୍ୱେ ବାଲି/ପଥର ଖାଦାନରେ ଏ ନେଇ କୌଣସି ସୂଚନା ଫଳକ ରହୁନାହିଁ। ଏହାଫଳରେ ସାଧାରଣ ଲୋକଙ୍କୁ ଅନ୍ଧାରରେ ରଖି ବାଲି/ପଥର ଉତ୍ତୋଳନ ଯୋଗୁଁ ମାଇନର ମିନେରାଲ ନାଁରେ ମେଜର ମିନେରାଲ ଖନନ ଯୋଗୁଁ ପରିବେଶ ଉପରେ ଏହାର କୁପ୍ରଭାବ ପଡୁଛି।

ଖାଲି ସେତିକି ନୁହେଁ; ବଡ ବଡ ହାଇୱା ସାହାଯ୍ୟରେ ବାଲି ଉତ୍ତୋଳନ ସହ ଚାଲାଣ ଯୋଗୁଁ ବନ୍ୟାପ୍ଲାବିତ ଅଞ୍ଚଳ ଲୋକଙ୍କ ପାଇଁ ବିପଦକୁ ଆମନ୍ତ୍ରଣ କରୁଛି। କ୍ଷମତାଠାରୁ ଅଧିକ ପରିମାଣରେ ବାଲି/ପଥର ପରିବହନ ଯୋଗୁଁ ବିଭିନ୍ନ ବାଲି ଘାଟକୁ ସଂଯୋଗ କରୁଥିବା ପଞ୍ଚାୟତ ରାସ୍ତା ଏବଂ ରାଜ୍ୟ ରାଜପଥ ନଷ୍ଟ ହେଉଛି। ଖଣି ବିଭାଗ ପାଖରେ ମାନବ ସମ୍ବଳ ଅଭାବ ଯୋଗୁଁ ଏଗୁଡିକର ନିୟମିତ ତଦାରଖ କରିପାରୁ ନ ଥିବା କହି ନିଜ ଉପରୁ ଦୋଷ ଛଡାଉଛି; ମାତ୍ର ଡିଜିଟାଲ ଯୁଗରେ ଖଣି ବିଭାଗ ପାଖରେ ଲଘୁ ଖଣିଜ ସମ୍ପଦ ସୁପରିଚାଳନା ଏବଂ ସୁରକ୍ଷା ପାଇଁ ଅନେକ ବୈଷୟିକ କ୍ଷମତା ରହିଥିଲେ ସୁଦ୍ଧା ଏସବୁ ଦିଗରେ ଖଣି ବିଭାଗ ଆଦୌ ଗୁରୁତ୍ୱ ଦେଉନାହିଁ। ଏହାଫଳରେ ଖଣି ବିଭାଗ ଏବଂ ମାଫିଆଙ୍କ ମଧୁଚନ୍ଦ୍ରିକାରେ ଲଘୁ ଖଣିଜ ସମ୍ପଦ ଲୁଟ୍ ଚାଲିଥିବା ସାଧାରଣରେ ଆଲୋଚନା ହେଉଛି। ଏ ଦିଗରେ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଆଖି ବୁଜି ଦେଇଛି।

## ପ୍ରାଚୀନ ମୂର୍ତ୍ତି ଉଦ୍ଧାର

ଶଗଡା,୨୯ ।୧୧(ସମିସ): ବୌଦ୍ଧ ସଦର ବ୍ଲକ ଶଗଡା ପଞ୍ଚାୟତ ଖଣ୍ଡିକନପାସ୍ଥିତ ଶୈବ ପୀଠ ଗୁମ୍ଫା ନିକଟରୁ ଏକ ପ୍ରାଚୀନ ଧାତୁ ନିର୍ମିତ ଶିବ ପାର୍ବତୀ ଯୁଗଳ ମୂର୍ତ୍ତି ଉଦ୍ଧାର ହୋଇଛି। ଶନିବାର ସକାଳୁ ଖଣ୍ଡି କନପା ଗ୍ରାମର କିଛି ବ୍ୟକ୍ତି ମନ୍ଦିର ଗୁମ୍ଫା ନିକଟ ଏକ ଗଛ ତଳେ ଧାତୁ ନିର୍ମିତ ବିରଳ ଶିବ ପାର୍ବତୀ ଯୁଗଳ ମୂର୍ତ୍ତି ଦେଖିବାକୁ ପାଇଥିଲେ। ମୂର୍ତ୍ତିଟି ପୋତି ହୋଇଥିବା ଯୋଗୁଁ ଅନେକ ସ୍ଥାନରେ ମାଟି ଲାଗିଥିବା ଦେଖିବାକୁ ମିଳିଥିଲା। ଏହା



ପ୍ରଚାରିତ ହେବା ପରେ ଆଖପାଖ ଅଞ୍ଚଳର ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥିଲା। ମୂର୍ତ୍ତିକୁ ସ୍ଥାନୀୟ ଲୋକେ ପୂଜାର୍ଚ୍ଚନା କରିଛନ୍ତି। ମୂର୍ତ୍ତିଟି କେତେ ପୁରାତନ ଓ କେଉଁ ଧାତୁରେ ନିର୍ମିତ ତାହା ଏ ଯାଏଁ ସ୍ପଷ୍ଟ ଜଣା ପଡିନାହିଁ। ମୂର୍ତ୍ତିଟି କେଉଁଠୁ ଆସିଲା ତାହା ମଧ୍ୟ ଜଣା ପଡିନି। ତେବେ ମୂର୍ତ୍ତିଟି ସେହି ସ୍ଥାନରେ ରହିଛି।

## ୫ରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ

ବୌଦ୍ଧ,୨୮ ।୧୧(ସମିସ): ବୌଦ୍ଧରେ ଡିସେମ୍ବର ୫ରେ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବ ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଯୁବ ମହୋତ୍ସବରେ ୧୫ ବର୍ଷରୁ ୨୯ ବର୍ଷ ବୟସର ଯୁବ ବର୍ଗ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗୀମାନେ ମାଇଁ ଭାରତ ପୋର୍ଟାଲରେ ନିଜ ନାମ ପଞ୍ଜିକରଣ କରିବେ। ଏଥିରେ ଉଚ୍ଚାରଣ ପାଠ, ଗଳ୍ପ ଲିଖନ, ଚିତ୍ରାଙ୍କନ, ଫୋକ ଡ୍ୟାନ୍ସ, ଫୋକ ସଂଗୀତ, କବିତା ଲିଖନ, ବିଜ୍ଞାନ ମେଳା ପ୍ରଦର୍ଶନୀ ପ୍ରତିଯୋଗିତା ସ୍ଥାନ ପାଇବ ବୋଲି କୁହାଯାଇଛି। ତେବେ ଏହି ବୈଠକକୁ ଜିଲ୍ଲା କ୍ରୀଡା ଅଧିକାରୀ ଅକ୍ରୁର ଯାନୀ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ପ୍ରଭାଷ ଚନ୍ଦ୍ର ଦଣ୍ଡସନା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ସୁଧର୍ମା ମଲ୍ଲିକ, ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଞ୍ଜନ ମିଶ୍ର, ଆନନ୍ଦ ବେହେରା, ଆଶିଷ ବେହେରା, ଚନ୍ଦନ ସାହୁ, କନିଷ୍ଠ ରାଜସ୍ୱ ସହାୟକ ଲୋକନାଥ ମେହେର ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ସୁରକ୍ଷା ସଚେତନତା ଅଭିଯାନ

ବୀରମହାରାଜପୁର,୨୯ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡାସ୍ଥିତ ଡିଗ୍ରୀ ମହିଳା ଡିଗ୍ରୀ କଲେଜରେ ମହିଳା ସୁରକ୍ଷା ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଜିଲ୍ଲା ପୁଲିସ ଏବଂ ସ୍ୱର୍ଣ୍ଣଶିଖା ଚାରିଟେବଲ ଟ୍ରଷ୍ଟର ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ବୀରମହାରାଜପୁର ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ, କଲେଜ ଅଧ୍ୟକ୍ଷ ରାଜୀବ ବେହେରା, ସାମାଜିକ କର୍ମୀ ଧର୍ମ ନିରଞ୍ଜନ ପଣ୍ଡା, ମଧୁମିତା ପରମଗୁରୁ, କଣ୍ଠଶିଳ୍ପୀ ଶାଶ୍ୱତ ତ୍ରିପାଠୀ, ବକ୍ତା ଭାବେ ବିନିକା ମହିଳା କଲେଜର ଅଧ୍ୟାପିକା ବୟାନ୍ତି ସାହୁ ପ୍ରମୁଖ ଯୋଗଦେଇ ମହିଳାଙ୍କ ସୁରକ୍ଷା ଓ ମୌଳିକ ଅଧିକାର ଉପରେ ଆଲୋଚନା କରୁଥିଲେ। ପରେ ସାଇବର ଅପରାଧ ଉପରେ ଏକ କ୍ଷୁଦ୍ର ନାଟକ ପ୍ରଦର୍ଶିତ ହୋଇଥିଲା। ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଅବସରରେ କୃତୀ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା। ସସ୍ମିତା ତ୍ରିପାଠୀ ସଭା ସଂଯୋଜନା କରିଥିବା ବେଳେ କଲ୍ୟାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ଫୁଲମୁଠି ଗୋକୁଳାଷ୍ଟମୀ ମହୋତ୍ସବ

## କୃଷ୍ଣଙ୍କ ହାତରେ ଶକୁନି ଓ ବକାସୁର ବଧ

ବିନିକା,୨୯ ।୧୧(ସମିସ): ବିନିକା ବ୍ଲକ୍ ଫୁଲମୁଠି ବ୍ରଜବିହାରୀ ନୃତ୍ୟ କଳା ପରିଷଦ ତରଫରୁ ଗୋକୁଳାଷ୍ଟମୀ ମହୋତ୍ସବ



ଚାଲିଛି। ଶନିବାର ପଞ୍ଚମ ଦିବସ ଥିଲା। କୃଷ୍ଣଙ୍କ ହାତରେ ଶକୁନି ଓ ବକାସୁର ବଧ ହୋଇଛନ୍ତି। ଗୋପପୁରେ ନଟଖଟିଆ କୃଷ୍ଣ ଗୋପାଳ ପୁଅଙ୍କ ସହ ଲୁଚି ଛପି ବିଭିନ୍ନ ଘରକୁ ଯାଇ ଲହୁଣୀ ଚୋରି କରି ଖାଇବା, ଖେଳକୁଦରେ ମଜି ରହିବା, ମାଁ ଯଶୋଦାଙ୍କୁ ଧରାଛୁଁଆ ନ ଦେବା ଆଦି ପୌରାଣିକ କଥାବସ୍ତୁକୁ ନେଇ କଳାକାରମାନଙ୍କ ଦ୍ୱାରା ମଞ୍ଚସ୍ଥ ଦୃଶ୍ୟଗୁଡିକ ଅତି ମନୋହର ଥିଲା। ସେପଟେ ମଥୁରାଧିପତି ମହାରାଜ କଂସ ତାଙ୍କ ସୈନ୍ୟ ସାମନ୍ତଙ୍କ ସହ ଏକ ରଥରେ ଦରବାରକୁ ଆସିଥିଲେ। ଦେବକୀଙ୍କ ଅଷ୍ଟମ ଗର୍ଭ ସନ୍ତାନ ହାତରେ କଂସର ମୃତ୍ୟୁ ଲେଖା ଅଛି ଭାବି କଂସ ଅତ୍ୟନ୍ତ ବିଚଳିତ ହୋଇପଡ଼ିଥିଲେ। ଡଗରଠାରୁ ଶକୁନି ବଧ ଖବର ପାଇବା ପରେ ମର୍ମାହତ କଂସ ମନ୍ତ୍ରୀଙ୍କ ପରାମର୍ଶ କ୍ରମେ ଦୁଗ୍ଧପିଆ ଶିଶୁକୁ ମାରିବା ପାଇଁ ବକାସୁର ରାକ୍ଷସକୁ ପ୍ରେରଣ କରିଥିଲେ; ହେଲେ ଦଇବ ସାହା ହେଲାନାହିଁ। ପ୍ରଭୁ ଶ୍ରୀକୃଷ୍ଣ ବକାସୁର ସହ ଯୁଦ୍ଧ କରି ତାକୁ ନିଧନ କରିଥିଲେ। ଏହିଭଳି ଅନେକ ଦୃଶ୍ୟ ଉଭୟ ଗୋପପୁର ଓ ମଥୁରା ନଗରୀରେ ପ୍ରଦର୍ଶିତ ହୋଇଥିଲା। ସେପଟେ ବନ ଦୁର୍ଗା ପ୍ରାଙ୍ଗଣରେ ଅନୁଷ୍ଠିତ କଂସ ଦରବାରରେ ରାଜକୀୟ ଅତିଥି ଭାବେ ଗ୍ରାମର ସଚେତନ ନାଗରିକ ପ୍ରମୋଦ ଦାଶ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ କମିଟି ସଦସ୍ୟ ଉପସ୍ଥିତ ଥିଲେ।

## ହରଭଙ୍ଗା ବ୍ଲକ୍‌ସ୍ତରୀୟ ବିଜ୍ଞାନ ମେଳା






ହରଭଙ୍ଗା/ପୁରୁଣାକଟକ,୨୯ ।୧୧(ସମିସ): ହରଭଙ୍ଗା ବ୍ଲକ୍ ଧଳପୁର ରାଜେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ମେଳା ଓ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ସମ୍ମାନିତ ଅତିଥି ଭାବେ ହରଭଙ୍ଗା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷା ପ୍ରଶାସକ ଲବ ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ କୈଳାସ ପ୍ରଧାନ, ଧଳପୁର ରାଜେନ୍ଦ୍ର ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ବାବୁଲାଲ ଭୋକ୍ତା, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ କୁମାର ପ୍ରଧାନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ବୀରେନ୍ଦ୍ର ପ୍ରଧାନ, ପ୍ରଶାନ୍ତ ପ୍ରଧାନ ଏବଂ ପ୍ରବୀଣ ପ୍ରଧାନ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ୧୯୪ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ଧନ୍ୟବାଦ ଜଣାଇଥିଲେ। ଅପରାହ୍ନରେ ହରଭଙ୍ଗା ଗୋଷ୍ଠୀ ଶିକ୍ଷାଧିକାରୀ ହାଡ଼ିବନ୍ଧୁ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଚୂଡ଼ାମଣୀ ବାରିକ, ସାମ୍ମାନିତ ଅତିଥି ଭାବେ ହରଭଙ୍ଗା ତହସିଲଦାର ବଳଦେବ ବେହେରା ମଞ୍ଚାସୀନ ଥିଲେ। ବିଆରସିସି ଭୁବନେଶ୍ୱର ସେଠି, ଏବିଇ ଓ ବିଶିକେଶନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏବିଇଓ କାର୍ତ୍ତିକେଶ୍ୱର ନାଏକ ଧନ୍ୟବାଦ ଜଣାଇଥିଲେ।

## ୨ ରୁ ବିଂଶତମ ବୌଦ୍ଧ ପୁସ୍ତକମେଳା

● ବରିଷ୍ଠ ସାମ୍ବାଦିକ କେ. ରବିଙ୍କୁ ବାର୍ତ୍ତାବହ ସମ୍ମାନ

ବୌଦ୍ଧ,୨୯ ।୧୧ (ସମିସ): ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍, ବୌଦ୍ଧ ତରଫରୁ ବିଂଶତମ ବୌଦ୍ଧ ପୁସ୍ତକମେଳା ୨ ରୁ ୭ ତାରିଖ ପର୍ଯ୍ୟନ୍ତ କଚେରୀ ଖେଳପଡିଆରେ ଅନୁଷ୍ଠିତ ହେବ। ଏହି ପରିପ୍ରେକ୍ଷୀରେ ଚଳିତବର୍ଷ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିବାପାଇଁ ସେମାନଙ୍କ ନାମ ଘୋଷଣା କରାଯାଇଛି। ଡିସେମ୍ବର ୬ ଓ ୭ ଦୁଇଦିନ ଧରି ଜିଲ୍ଲା ଜର୍ଣ୍ଣାଲିଷ୍ଟ ଫୋରମ୍‌ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଅବସରରେ ସ୍ମରଣିକା 'ବୌଦ୍ଧ ବାର୍ତ୍ତାବହ' ଉନ୍ମୋଚିତ ହେବ। ଏହି ଅବସରରେ ସାମ୍ବାଦିକତା, ସାହିତ୍ୟ, ସମାଜସେବା, ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁସ୍ତକମେଳା ସମ୍ମାନ ପ୍ରଦାନ କରାଯିବ। ନମାଳୀ ପାଣିଗ୍ରାହୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ସାମ୍ବାଦିକତା କ୍ଷେତ୍ରରେ ରାଜ୍ୟସ୍ତରରେ ବିଶେଷ ସଫଳତା ହାସଲ କରିଥିବା ଜାତୀୟ ଦୈନିକ 'ଦ ଷ୍ଟେଟ୍ସ୍‌ମ୍ୟାନ' ଆବାସିକ ସଂପାଦକ କେ. ରବିଙ୍କୁ ଚଳିତଥର ବାର୍ତ୍ତାବହ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଜିଲ୍ଲାସ୍ତରରେ ପୁସ୍ତକମେଳା ସମ୍ମାନରେ ସାମ୍ବାଦିକତା କ୍ଷେତ୍ରରେ ଓଟିଭି ଜିଲ୍ଲା ପ୍ରତିନିଧି ଦୀପକ ଅଦର, ସାହିତ୍ୟ ଓ କଳାକ୍ଷେତ୍ରରେ ବନମାଳୀ ରଣା, ସମାଜସେବା କ୍ଷେତ୍ରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'କାର୍ଡ'ର ସଂପାଦକ ଧର୍ମୁଧର ପୋଡଙ୍କୁ ସମ୍ମାନିତ କରାଯିବ। ଏଥିସହ ବୌଦ୍ଧ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବାକୁ ବୈଠକରେ ସ୍ଥିର ହୋଇଛି। ୨ରୁ ୭ ତାରିଖ ମଧ୍ୟରେ ଜର୍ଣ୍ଣାଲିଷ୍ଟ ଫୋରମ୍ ସମେତ ପ୍ରେସ କ୍ଲବ, ଇନଟାକ, ତପସ୍ୱିନୀ ଆଦି ଅନୁଷ୍ଠାନ ଦ୍ୱାରା ସାହିତ୍ୟସଭା, କବିତା ଆସର, ଆଲୋଚନାଚକ୍ର, ପୁସ୍ତକ ଉନ୍ମୋଚନ, କର୍ମଶାଳା, ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ଚିତ୍ରାଙ୍କନ ଓ ବିତର୍କ ପ୍ରତିଯୋଗିତା ଇତ୍ୟାଦି ଅନୁଷ୍ଠିତ ହେବ। ରାଜ୍ୟର ବିଭିନ୍ନ ନୃତ୍ୟ ଦଳ ସହ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ଜିଲ୍ଲାବାହାର ଅନୁଷ୍ଠାନ ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ଚଳିତଥର ୮୦ରୁ ଅଧିକ ଷ୍ଟଲ୍ ଖୋଲାଯିବାକୁ ଧାର୍ଯ୍ୟ କରାଯାଇଛି। ପୁସ୍ତକ ବିକ୍ରେତା ଓ ପ୍ରକାଶକ ଏହି ମେଳାରେ ଭାଗ ନେବେ ବୋଲି ଜର୍ଣ୍ଣାଲିଷ୍ଟ ଫୋରମ୍‌ର ଆବାହକ ଦିବ୍ୟ ରଞ୍ଜନ ପଟ୍ଟନାୟକ ଏ ସଂପର୍କରେ ସବିଶେଷ ସୂଚନା ଦେଇଛନ୍ତି।

## ମୌଳିକ ସୁବିଧାରୁ ବଞ୍ଚିତ ପିଡେଇପାଲି ସରକାରୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀ

ବିନିକା,୨୯ ।୧୧(ସମିସ): ୧୯୫୯ ମସିହାରେ ସ୍ଥାପିତ ପିଡେଇପାଲି ସରକାରୀ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ। ଏହି ବିଦ୍ୟାଳୟ ଉପରେ ପିଡେଇପାଲି ଓ ଗଜବନ୍ଧ ଗ୍ରାମର ଛାତ୍ରଛାତ୍ରୀ ନିର୍ଭରଶୀଳ। ଶିଶୁ ବାଟିକାରୁ






ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ଲାଗି ୪ଟି କୋଠରି ରହିଛି। ମାତ୍ର ୩ଜଣ ଶିକ୍ଷକ ପଢାଉଛନ୍ତି। ୯ଟି ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ୩ଜଣ ଶିକ୍ଷକ କେମିତି ପାଠ ପଢ଼ାଉ ଥିବେ ତାହା ସହଜେ ଅନୁମେୟ। ଏକାଥରକେ ୩ଟି କ୍ଲାସରେ ୩ଜଣ ଶିକ୍ଷକ ପାଠ ପଢାଥିବା ବେଳେ ବାକି ୬ଟି ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ପଢ଼ିବା ପାଇଁ ଅପେକ୍ଷା କରିବାକୁ ପଡୁଛି। ଅନ୍ୟପକ୍ଷରେ ଏହି ପରିସର ଭିତରେ ପୁଣି ୨ଟି ଅଙ୍ଗନବାଡ଼ି କେନ୍ଦ୍ର ରହିଛି। ପରିସର ଭିତରେ ଥିବା ନଳକୂପଟି ଦୀର୍ଘ ଦିନ ହେଲା ଅଚଳ ହୋଇ ପଡ଼ିଥିବାରୁ ପାଣି ଟିକେ ପାଇଁ ଛାତ୍ରଛାତ୍ରୀ ଗୁଲୁଗୁଲା ହେଉଛନ୍ତି। ମଧ୍ୟାହ୍ନ ଭୋଜନ ଖାଇ ସାରିବା ପରେ ପାଣି ପାଇଁ ଅନ୍ୟ ସ୍ଥାନକୁ ଯିବାକୁ ବାଧ୍ୟ ହେଉଛନ୍ତି। ସେହିପରି ସ୍କୁଲ ଶୌଚାଳୟଗୁଡ଼ିକ ଅପରିତକ୍ତ ଅବସ୍ଥାରେ ଥିବାରୁ ତାହା କାମରେ ଆସୁନାହିଁ। ଏହାଫଳରେ ଛାତ୍ରଛାତ୍ରୀ ଶୌଚ, ପରିସ୍ରା ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନଳକୂପର ମଟର ମରାମତି ପାଇଁ ଅଭିଯୋଗ କରାଯାଇଥିଲେ ହେଁ ଅଦ୍ୟାବଧି ତାହା ସଜଡ଼ା ହୋଇନାହିଁ। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ଶିକ୍ଷାର ଉନ୍ନତି ପାଇଁ ସରକାର ପର୍ଯ୍ୟାପ୍ତ

- ୯ ଶ୍ରେଣୀକୁ ୪ କୋଠରି
- ୩ ଶିକ୍ଷକଙ୍କ ଉପରେ ଶିକ୍ଷାଦାନ ବୋଝ
- ଦୀର୍ଘଦିନ ହେଲା ନଳକୂଅ ଅଚଳ
- କାମରେ ଆସୁନି ଶୌଚାଳୟ

ପରିମାଣରେ ଅନୁଦାନ ଯୋଗାଇ ଦେଉଛନ୍ତି; ହେଲେ ଏହି ୬୫ବର୍ଷର ପୁରୁଣା ସ୍କୁଲର ସମସ୍ୟା ପ୍ରତି କେହି ଦୃଷ୍ଟି ଦେଉ ନ ଥିବାରୁ ସ୍କୁଲର ଅବସ୍ଥା ଦିନକୁ ଦିନ ଶୋଚନୀୟ ହେବାରେ ଲାଗିଛି। ତେବେ ବିଡ଼ିଓଙ୍କୁ ଯୋଗାଯୋଗ କରିବାରୁ ସ୍କୁଲରେ ରହିଥିବା ପାନୀୟ ଜଳ ସମସ୍ୟାର ସମାଧାନ ତୁରନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ।

## ଅଲିଭା ମହାସଂଘ ଓ ବ୍ଲକ୍ ପ୍ରଶାସନର ମିଳିତ ବୈଠକ



ତରଭା,୨୯ ।୧୧(ସମିସ): ତରଭା ଏନଏସି ସଭାଗୃହରେ ଦି ହଙ୍ଗର୍ ପ୍ରୋଜେକ୍ଟ ପକ୍ଷରୁ ଅଲିଭା ମହାସଂଘ ଓ ବ୍ଲକ ପ୍ରଶାସନର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ହଙ୍ଗର ପ୍ରୋଜେକ୍ଟ ଇଣ୍ଡିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କ୍ଷେତ୍ରକର୍ମୀ ଧନୁର୍ଦ୍ଧର ନାଏକ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ତାଲିମ୍ ପ୍ରଶିକ୍ଷକ ଗୁଣନିଧି ମାଝୀ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରି ସଭା କାର୍ଯ୍ୟ ପରିଚାଳନା କରିଥିଲେ। ବୈଠକରେ ଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପର ଅଧିକାରୀ ଜ୍ଞାନଦା ମହାନନ୍ଦ ଯୋଗଦେଇ ଆଦ୍ୱିକା କାର୍ଯ୍ୟକ୍ରମ, ଗର୍ଭବତୀ ଓ ପ୍ରସୁତିଙ୍କ ପାଇଁ ରହିଥିବା ପୋଷଣ, ବାଲ୍ୟ ବିବାହ, ମହିଳା ହିଂସା, ବିଷୟରେ ଆଲୋଚନା କରିଥିଲେ। ମହିଳା ସଶକ୍ତୀକରଣ ପାଇଁ ଅଲିଭା ମହାସଂଘ ଯେଉଁ ପ୍ରୟାସ ଜାରି ରଖିଛି ଏହା ସ୍ୱାଗତ ଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ। ସହକାରୀ କୃଷି ଅଧିକାରୀ ନିରୁପମା ଗଣିକ କୃଷି ବିଭାଗ ଅଧୀନରେ ଥିବା ଫାର୍ମ ଆଇଡିରେ ମିଳୁଥିବା ସୁବିଧା ସୁଯୋଗ, ପିଏମ କିଷାନ, ସିଏମ କିଷାନ, ମାଟି ପରୀକ୍ଷା, ଉପରେ ମତ ରଖିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସିଏଚଓ ଅର୍ଚ୍ଚନା ଦାସ ଗାଁ କଲ୍ୟାଣ ସମିତି ଅଧୀନରେ ଥିବା ସମସ୍ୟା କିପରି ସମାଧାନ କରିବେ, କିଶୋରୀ ବାଳିକାଙ୍କ ପାଇଁ ଦିଆଯାଉଥିବା ଔଷଧ, ସାନିଟାରୀ ନାପକିନ ବ୍ୟବହାର ଉପରେ ବୁଝାଇ ଥିଲେ। ଅଲିଭା ମହାସଂଘର ସଭାନେତ୍ରୀ ଆହୁତି କୁମ୍ଭାର ଓ ସମ୍ପାଦିକା କାମିନୀ ମିଶ୍ର ସଂଘର କାର୍ଯ୍ୟକ୍ରମ ରୂପ ରେଖ ଓ କରିଥିବା କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ। ଅଲିଭା ମହାସଂଘର ସଦସ୍ୟାଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ବଳିତ ଦାବିପତ୍ର ଅଧିକାରିଙ୍କୁ ଦିଆଯାଇଥିଲା। ଜିତେନ୍ଦ୍ର ସାହୁ ସହଯୋଗ କରିଥିବା ବେଳେ କମସରା ସରପଞ୍ଚ କୁନ୍ତଳା ରଣା ଧନ୍ୟବାଦ ଅର୍ପଣ କରିଥିଲେ।

## ଷଣ୍ଢାରେ କୁରାଳ ସମାଜ ଧନଯାତ୍ରା ମହୋତ୍ସବ

ବୀରମହାରାଜପୁର,୨୯ ।୧୧(ସମିସ): ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତ ଷଣ୍ଢା ଗ୍ରାମରେ ଜିଲ୍ଲା କୁରାଳ ସମାଜ ତରଫରୁ କୁରାଳ ପଞ୍ଚମୀ ମହୋତ୍ସବ ଗତ ୨୩ରୁ ଆରମ୍ଭ ହୋଇ ୩୦ ତାରିଖ ପର୍ଯ୍ୟନ୍ତ ଚାଲିବ। କମିଟି ସଭାପତି



ଜିବର୍ଦ୍ଧନ ରଣା ଓ ସଂପାଦକ ଗୁପ୍ତେଶ୍ୱର ରଣାଙ୍କ ନେତୃତ୍ୱରେ ଜିଲ୍ଲାର କୁରାଳ ସମାଜ (କୁମ୍ଭାର) ସମାଜର ଲୋକଙ୍କ ସହଯୋଗରେ ଏହା ୭ଦିନ ବ୍ୟାପୀ ପାଳିତ ହେଉଛି। ପ୍ରତିଦିନ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବ୍ୟାସ ସଚିଦାନନ୍ଦ ପଣ୍ଡାଙ୍କ ଦ୍ୱାରା କୁରାଳ ପୁରାଣ ପାଠ ହେଉଛି। ସନ୍ଧ୍ୟାରେ ସୋନପୁର ଜିଲ୍ଲା ରାମପୁର ସାରସମାଲ ଗ୍ରାମର ମନୋରଞ୍ଜନ ଚିର୍ଗୁନଙ୍କ ଦ୍ୱାରା କଂସ ଦରବାର ଅନୁଷ୍ଠିତ ହେଉଛି। ଦରବାରରେ ମୁଖ୍ୟଅତିଥି ଭାବେ ବୀରମହାରାଜପୁର ବ୍ଲକ ଜୋନ ୧୧ର ଜିଲ୍ଲା ପରିଷଦ ସଭ୍ୟ ଲବକୁମାର ସାହୁ, ମୁଖ୍ୟବକ୍ତା ଭାବେ ବୀରମହାରାଜପୁର କାର୍ଯ୍ୟକାରୀ ସାମ୍ବାଦିକ ସଂଘର ସଭାପତି ଶତ୍ରୁଘ୍ନ ମେହେର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନ୍‌ଜୀବୀ ଗୌରୀଶଙ୍କର ପାଣିଗ୍ରାହୀ, ସାମ୍ବାଦିକ ସନାତନ ନାଗ, ବଗବର ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁରେଶ ଚନ୍ଦ୍ର ପଣ୍ଡା, ବଳରାମ ଧନ ପ୍ରମୁଖ ମଞ୍ଚାସୀନ ଥିଲେ। କୁରାଳ ସମାଜ ସହିତ ପୌରାଣିକ କାହାଣୀ ଓ ଜଗନ୍ନାଥ ସଂସ୍କୃତିର କିପରି ଜଡ଼ିତ ସେ ଉପରେ ମୁଖ୍ୟବାକ୍ତା ଶ୍ରୀ ମେହେର ନିଜର ବକ୍ତବ୍ୟ ରଖିଥିଲେ। ସେ କହିଥିଲେ ଯେ କୁରାଲ୍ ସମ୍ପ୍ରଦାୟ ମାଟିର ମଣିଷ। ମାଟିକୁ ଜୀବନ୍ତ ରୂପ ଦେବାରେ ଏମାନେ ବେଶ୍ ଧୁରନ୍ଧର। ଏମାନେ ବିଶ୍ୱକର୍ମାଙ୍କ ଅବତାର। ଏମାନେ ଭଗବାନ ବିଷ୍ଣୁଙ୍କଠାରୁ ପ୍ରାପ୍ତ ସୁଦର୍ଶନ ଚକ୍ର ସାହାଯ୍ୟରେ ହାଣ୍ଡି, ସୁରେଇ, ମାଠିଆ, କଳସୀ, ଦୀପ ହାତୀ ଘୋଡ଼ା ଆଦି ନିର୍ମାଣ କରି ନିଜର ଜୀବିକା ନିର୍ବାହ କରନ୍ତି। ମାଟି କିପରି ଶୁଦ୍ଧ, ପବିତ୍ର, ମାଟିର ହାଣ୍ଡିରେ ଖାଦ୍ୟ ରାନ୍ଧଣା ସୁ ସ୍ୱାଦୁ, ହଜମ ଶକ୍ତି ବଢ଼ାଏ ଓ ନିରୋଗ ରଖେ ସେ ଉପରେ ସେ ଦିଗ୍‌ଦର୍ଶନ ଦେଇଥିଲେ। ଏହି କଂସ ଦରବାରକୁ ଶିକ୍ଷକ ଅକ୍ଷୟ ରାୟ ପରିଚାଳନା କରିଥିଲେ।

## ଉଫୁଲା ପଞ୍ଚାୟତ } ମିଳିମିଶି ଖାଇଗଲେ ୧ ଲକ୍ଷ ୮୦ ହଜାର

ବୀରମହାରାଜପୁର,୨୯ ।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଉଫୁଲା ପଞ୍ଚାୟତର ପିଡିଏସ ଖାତାରୁ ବିନା କୌଣସି କାରଣରେ ୧ ଲକ୍ଷ ୮୦ ହଜାର ଟଙ୍କା ଉଠିଛି। ଏହି ଟଙ୍କା ସମସ୍ତେ ମିଳି ମିଶି ଚଳୁ କରିଦେଇଥିବା ନେଇ ଅଭିଯୋଗ ହେଉଛି। ପଞ୍ଚାୟତ ପିଇଓ ଏବଂ ପଞ୍ଚାୟତ ଯୋଗାଣ ସହାୟକଙ୍କ ମିଳିତ ହସ୍ତାକ୍ଷରରେ ବ୍ୟାଙ୍କ୍‌ରୁ ଟଙ୍କା ଉଠିଛି। ଟଙ୍କାର କୌଣସି ହିସାବ ନ ମିଳିବା ପରେ ଜିଲ୍ଲାପାଳଙ୍କ ନିକଟରେ ପଞ୍ଚାୟତର କେତେକ ନିର୍ବାଚିତ ଜନପ୍ରତିନିଧି ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ ଜିଲ୍ଲାପାଳ ତଦନ୍ତ ପାଇଁ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ବୀରମହାରାଜପୁର ବିଡ଼ିଓ ରାଜୀବ ହାଁସଦାଙ୍କ ନେତୃତ୍ୱରେ ଜିପିଓ,

### ବିନା କାରଣରେ ପିଡିଏସ୍ ଖାତାରୁ ଟଙ୍କା ଉଠାଇନେଲେ

ଯୋଗାଣ ନିରୀକ୍ଷକ, ଏବିଡ଼ିଓଙ୍କୁ ନେଇ ଏକ କମିଟି ଏହାର ତଦନ୍ତ କରିଥିଲେ। ତଦନ୍ତରେ ପଞ୍ଚାୟତ ଯୋଗାଣ ସହାୟକଙ୍କୁ ଦରମା ବାବଦକୁ ୮୦ ହଜାର ଟଙ୍କା ନଗଦ ଦିଆଯାଇଥିବା କହିଥିଲେ। ସେହିଭଳି ୨୧ ହଜାର ଟଙ୍କା ଶ୍ରମିକ ପାଉଣା ବାବଦକୁ ନଗଦ ଦେଇଥବା କହିଥିଲେ। ବାକି ୭୯ ହଜାର ଟଙ୍କା ତୁରନ୍ତ ଆକାଉଣ୍ଟରେ ଜମା ପାଇଁ ବିଡ଼ିଓ କୁଆଡେ ନିର୍ଦ୍ଦେଶ ଦେଇଥିଲେ। ତେବେ ଯୋଗାଣ ସହାୟକଙ୍କ କହିବା ଅନୁସାରେ ୨୬ ତାରିଖ ଦିନ ୧୯୨୦୦ ଟଙ୍କା ଆକାଉଣ୍ଟରେ ଜମା କରିଛନ୍ତି। ଆଶ୍ଚର୍ଯ୍ୟର କଥା ସରକାର ଅନଲାଇନ୍ ମଧ୍ୟରେ କର୍ମଚାରୀଙ୍କ ଦରମା ପ୍ରଦାନ କରିବା କଥା; କିନ୍ତୁ କେଉଁ ଉଦ୍ଦେଶ୍ୟ ନେଇ ପଞ୍ଚାୟତ କର୍ତ୍ତୃପକ୍ଷ ନଗଦ ଟଙ୍କା ପ୍ରଦାନ କଲେ ତାହା ସନ୍ଦେହଜନକ। ଯଦି ୧ ଲକ୍ଷ ୮୦ ହଜାର ଟଙ୍କାର ଅଭିଯୋଗ ହୋଇ ନ ଥାନ୍ତା ତେବେ ମିଳିମିଶି ପଞ୍ଚାୟତ କର୍ତ୍ତୃପକ୍ଷ ଚଳୁ କରି ଦେଇଥାନ୍ତେ ବୋଲି ଆଲୋଚନା ହେଉଛି। ଏ ନେଇ ବୀରମହାରାଜପୁର ବିଡ଼ିଓ ରାଜୀବ ହାଁସଦାଙ୍କୁ ଯୋଗାଯୋଗ କରାଯିବାରୁ ୧ଲକ୍ଷ ୮୦ ହଜାର ଟଙ୍କା ଉଠିଛି। ସେଥିରୁ ଯୋଗାଣ ସହାୟକଙ୍କ ଦରମା, ପିଡିଏସ ଶ୍ରମିକ ପାଉଣା, ଅଗଷ୍ଟ ୧୫ରେ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ପ୍ରଦାନ କରାଯାଇଥିବା ମିଷ୍ଟାନ୍ନ ବାବଦକୁ ଖର୍ଚ୍ଚ ହୋଇଛି। ବଳକା ୧୯୨୦୦ ଟଙ୍କା ଖାତାରେ ଜମା କରାଯାଇଥିବା କହଛନ୍ତି।

ଓଭର୍ ହେଡ ପାଣି ଟାଙ୍କି ନିର୍ମାଣ

# ଶ୍ରମିକଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ

**ମ.ରାମପୁର, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ଗ୍ରାମ୍ୟ ପାନୀୟ



ଜଳ ଯୋଗାଣ ପ୍ରକଳ୍ପ ପାଇଁ ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କାମ ଚାଲିଛି । ବ୍ଲକର ମ, ରାମପୁର ପଞ୍ଚାୟତର ରାମପୁର ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ କଳା ପୁଲି ପାଖରେ ପୂର୍ତ୍ତ ବିଭାଗ ରାସ୍ତା କଡ଼ରେ ଚାଲିଥିବା ପାଣି ଟାଙ୍କି ନିର୍ମାଣ କାମରେ ନିୟୋଜିତ ଶ୍ରମିକମାନେ ନିୟମିତ ଭାବେ ସୁରକ୍ଷା ସାମଗ୍ରୀ( ହେଲମେଟ, ଜୋତା, ବେଲ୍ଟ) ଇତ୍ୟାଦି ବ୍ୟବହାର ନ କରି କାମ କରୁଥିବା ଦେଖା ଯାଇଛି । ଟାଙ୍କିର ଶୀର୍ଷ ଭାଗରେ ଏବେ କାମ ଚାଲିଥିବା ବେଳେ ଏହା ସୁଉଚ୍ଚ ରହିଛି । ଯଦି ଦୈବାତ୍ କିଛି ଅଘଟଣ ଘଟେ, ତେବେ ଶ୍ରମିକଙ୍କ ଜୀବନ ପ୍ରତି ସମ୍ପୂର୍ଣ୍ଣ ବିପଦ ରହୁଥିବା ବେଳେ ଏହାକୁ କିଭଳି ଯନ୍ତ୍ରୀଙ୍କ ନଜରକୁ ଆସୁନାହିଁ, ତାହା ସାଧାରଣରେ ସମସ୍ତଙ୍କୁ ଚକିତ କରିଛି । ତୁରନ୍ତ ଏହି ଠିକା ସଂସ୍ଥାକୁ ତାଗିଦ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏ ନେଇ ଗ୍ରାମ୍ୟ ଜଳ ଯୋଗାଣ ପ୍ରକଳ୍ପର ଦୁଇ ଦୁଇ ଜଣ ଯନ୍ତ୍ରୀଙ୍କ ମତାମତ ନେବାକୁ ଚେଷ୍ଟା କରା ଯାଇଥିଲା, କିନ୍ତୁ କେହି ବି ଫୋନ୍ କଲ୍ ରିସିଭ କରି ନ ଥିଲେ ।

# ସାଇବର ସୁରକ୍ଷା ବିଷୟରେ ପ୍ରଶିକ୍ଷଣ କର୍ମଶାଳା

**ଭବାନୀପାଟଣା, ୨୯ ।୧୧ (ସମିସ):** ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଭବାନୀପାଟଣା ମହିଳା ମହାବିଦ୍ୟାଳୟ ପରିସରରେ ସାଇବର ସୁରକ୍ଷା ଓ ସାଇବର ବୁଲିଂ ସଚେତନତା ପ୍ରଶିକ୍ଷଣ କର୍ମଶାଳା ଆୟୋଜିତ ହୋଇଯାଇଛି । ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ସିଡିପିଓ, ଅଙ୍ଗନବାଡି କର୍ମୀ, ଶିକ୍ଷକ, କିଶୋରକିଶୋରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ଓ ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟରଞ୍ଜନ ଯୋଷୀ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନୀ ସମ୍ବୋଧନରେ ପ୍ରଶାସନୀୟ ଅଧିକାରୀମାନେ କହିଥିଲେ ଯେ ଡିଜିଟାଲ ବ୍ୟବହାର ବଢୁଥିବା ଏହି ସମୟରେ ସାଇବର ଠକେଇ, ଅନଲାଇନ ହେରାସମେଣ୍ଟ, ନକଲି ଲିଙ୍କ, ଡିଜିଟାଲ ପେମେଣ୍ଟ ଝୁମକି ଏବଂ ସାଇବର ବୁଲିଂ ପରି ଅପରାଧ ବଢ଼ିବା ପାଇଁ ସଚେତନତା ଓ ସୁରକ୍ଷିତ ଇଣ୍ଟରନେଟ ବ୍ୟବହାର ଅତ୍ୟନ୍ତ ଆବଶ୍ୟକ । କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ତ୍ରିଲୋଚନ ଜେନା ଉପସ୍ଥିତ ଥିଲେ । ସହଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ମୁଜିବୁନ ନିଶା, ଶ୍ରୀମତୀ ସୁମିତା ତ୍ରିପାଠୀ, ତାଲିମଦାତା ରାଜେଶ କୁମାର ନାୟକ, ସ୍ୱର୍ଣ୍ଣଲତା ମହାନ୍ତି ଓ ଅଳକାନନ୍ଦ ସାହୁ ମହତ୍ତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋକପାତ କରିଥିଲେ । ସାଇବର ହେରାସମେଣ୍ଟ, ନିରାପଦ ସୋସିଆଲ ମିଡିଆ



ପ୍ରୟୋଗ, ଡିଜିଟାଲ ଅଧିକାର ଓ ଅଭିଯୋଗ ରିପୋର୍ଟିଂ ପ୍ରକ୍ରିୟା ପରି ବିଷୟ ବସ୍ତୁରେ ରୁପରେ ମୁଖ୍ୟତଃ ପ୍ରଶିକ୍ଷଣ ଦିଆଯାଇଥିଲା । କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଜିଲ୍ଲା ମହିଳା ହବଙ୍କ ସଂଯୋଜକ ଯୋଗେଶ୍ୱର ବୁଢ଼ିଆ କରିଥିଲେ । ଶେଷରେ ସମାଜ କଲ୍ୟାଣ ଅଧିକାରିଣୀ ଶ୍ରୀମତୀ ସୁମିତା ଦେବୀ ତ୍ରିପାଠୀ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ଶେଷ କରିଥିଲେ ।

# ସଡ଼କ ସୁରକ୍ଷା ସଚେତନ ଶୋଭାଯାତ୍ରା

**ମ.ରାମପୁର, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଦୁର୍ଗାମାଧବ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନ ସପ୍ତାହ ଅବସରରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନଶିକ୍ଷୟିତ୍ରୀ ସୁଜାତା ଆଚାରୀଙ୍କ ନେତୃତ୍ୱ ରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଶୋଭାଯାତ୍ରା ବାହାରି ସଡ଼କ ସୁରକ୍ଷା ନେଇ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ଶମ୍ଭୁ ଭୁଷଣ ସାହୁ, ଶେଷ ଦେବ ସାହୁ, ଶିକ୍ଷୟିତ୍ରୀ ଦିପ୍ତିମୟୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ପରିଚାଳନାରେ ସହଯୋଗ କରିଥିଲେ ।




ଅନୁପ୍ରବେଶକାରୀଙ୍କ ଗ୍ରୀନ କରିଡ଼ର କେସିଙ୍ଗା ରେଳ ଷ୍ଟେସନ

# କେବେ ହେବ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା

**କେସିଙ୍ଗା, ୨୯ ।୧୧(ସମିସ)**

ଜିଲ୍ଲାରେ ଦିନକୁ ଦିନ ବଢ଼ିବାରେ ଲାଗିଛି ଅନୁପ୍ରବେଶକାରୀଙ୍କ ସଂଖ୍ୟା ସବୁ ଜାଣିଶୁଣି ଚୁପ ବସିଛି ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ କଳାହାଣ୍ଡି ଜିଲ୍ଲାର ପ୍ରମୁଖ ରେଳ ଷ୍ଟେସନ କେସିଙ୍ଗା ହୋଇ ଥିବାରୁ ସମସ୍ତ ଟ୍ରେନର ରହଣିସ୍ଥଳ କେସିଙ୍ଗା । ସେଥିପାଇଁ ପ୍ରତିଦିନ କାମ ଧନ୍ଦାର ଅନ୍ୱେଷଣରେ ଅନେକ ଲୋକ ଆସୁଛନ୍ତି କେସିଙ୍ଗା ଆସୁଥିବା ଲୋକଙ୍କ ମଧ୍ୟରେ ପ୍ରାୟ ଲୋକ ଅନ୍ୟ ସମ୍ପ୍ରଦାୟର ହୋଇ ଥିବାରୁ ଅଞ୍ଚଳବାସୀ ସେମାନଙ୍କୁ ଅନୁପ୍ରବେଶକାରୀ ବାଂଲାଦେଶୀ କହୁଛନ୍ତି ।କେସିଙ୍ଗାରେ କେତେ ବାହାରୁ ଆସିଥିବା ଲୋକ ରହୁଛନ୍ତି ନା ଜିଲ୍ଲା ପ୍ରଶାସନ ପାଖରେ ହିସାବ ଅଛି ନା ସ୍ଥାନୀୟ ପୋଲିସ କିମ୍ବା ଏନ୍‌ଏସି ପାଖରେ ହିସାବ ଅଛି ଅନୁପ୍ରବେଶ କାରୀମାନେ ସମସ୍ତେ ଅଞ୍ଚଳରେ ଛୋଟ ବାଡ ବ୍ୟବସାୟ କରି ବେଶ୍ ଆରାମରେ ନିଜର ଗୁଜୁରାଣ ମେଣ୍ଟାଉଛନ୍ତି । କିଛି ଦିନ ତଳେ କିଛି ଗଣମାଧ୍ୟମ ଖବର କାଗଜରେ କଳାହାଣ୍ଡି କୁ ଅବାଧରେ ବାଂଲାଦେଶୀ ଅନୁପ୍ରବେଶକାରୀ ପ୍ରବେଶ କରୁଥିବା ଖବର ପ୍ରସାରଣ କରାଯାଇଥିଲା ହେଲେ ଯେତେ ବି ବାଂଲାଦେଶୀ ଅନୁପ୍ରବେଶ କରୁଛନ୍ତି ୯୦ ପ୍ରତିଶତ କେସିଙ୍ଗା ହୋଇ ଜିଲ୍ଲା ଭିତରେ ପ୍ରବେଶ କରୁଥିବା ଜଣାପଡ଼ିଛି । କିଛି କେସିଙ୍ଗାରେ ରହୁଥିବା ବେଳେ କିଛି ଜିଲ୍ଲାର ଅନ୍ୟ ପ୍ରମୁଖ ସହରକୁ ଯାଇ ନିଜ ବ୍ୟବସାୟ ଆରମ୍ଭ କରୁଛନ୍ତି । ସୂଚନା ଅନୁଯାୟୀ କେସିଙ୍ଗାର ମାରବାଡ଼ି ସମାଜ ପକ୍ଷରୁ ତିଆରି କରାଯାଇଥିବା ଶ୍ମଶାନ ପାଖରେ ଅନେକ ମୁସଲମାନ ଆଧିପତ୍ୟ ବିସ୍ତାର କରି ଗୋଟିଏ ଘରେ ରହୁଥିବା ଶୁଣିବାକୁ ମିଳୁଛି । ରାଜ୍ୟର ଅନେକ ସ୍ଥାନରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବା ବେଳେ ଜିଲ୍ଲାରେ କିମ୍ବା କେସିଙ୍ଗାରେ ଆଜି ପର୍ଯ୍ୟନ୍ତ କିଛି ବି ପ୍ରକ୍ରିୟା ଆରମ୍ଭ ହୋଇନଥିବା ଜଣାପଡ଼ିଛି ।ଖବର ଅନୁଯାୟୀ ଜିଲ୍ଲାରେ ହଜାର ହଜାର ସଂଖ୍ୟାରେ ବାଂଲାଦେଶୀ କୋଲକାତାରେ ଏସଆଇଆରର ଡରରେ ପଳାଇ ଆସିଥିବା ଶୁଣିବାକୁ ମିଳୁଛି । ହେଲେ ପ୍ରଶାସନ ନଜର ଦେଉନାହି । ଦିନକୁ ଦିନ ଅଞ୍ଚଳରେ ଚୋରି ଡକାୟତି ବଢ଼ି ଚାଲିଥିବା ବେଳେ ଅଞ୍ଚଳବାସୀ ଅନୁପ୍ରବେଶକାରୀଙ୍କ ଉପରକୁ ଆଙ୍ଗୁଳି ଦେଖାଉଛନ୍ତି । ଅଞ୍ଚଳରେ କେତେ ଅନୁପ୍ରବେଶକାରୀ ଅଛନ୍ତି ତାହାର ଆକଳନ କାହା ପାଖରେ ନ ଥିଲେ ମଧ୍ୟ କେସିଙ୍ଗାରେ ଥିବା ଏକ ମାତ୍ର ମସଜିଦରେ ପ୍ରତି ଶୁକ୍ରବାର ଦିନ ସମସ୍ତେ ଏକତ୍ରିତ ହୋଇ ନମାଜ ପଢୁଥିବା ଦେଖିବାକୁ ମିଳୁଛି । କେସିଙ୍ଗାରେ ଏମାନେ ସମସ୍ତ ୱାର୍ଡ ରେ ଭାଗ ଭାଗ ହୋଇ ରହୁଥିବା ଦେଖିବାକୁ ମିଳୁଛି । ନମ୍ବର ବିହୀନ ପୁରୁଣା ଦୁଇ ଚକିଆ ଯାନ ଧରି ସେମାନେ ସହରର ଆଖପାଖ ଅଞ୍ଚଳର ଛୋଟଛୋଟ ଗାଁମାନଙ୍କୁ ଯାଇ ବେପାର କରୁଛନ୍ତି । ଫଳରେ ଗାଁମାନକରେ ଥିବା ଛୋଟ ଛୋଟ ବ୍ୟବସାୟୀ ମାନେ ମୁଣ୍ଡରେ ହାତମାରି ବସିଛନ୍ତି ।ଅନ୍ୟପଟେ ଭବାନୀପାଟଣାରେ ବିଗତ ଦିନରେ ବିଭିନ୍ନ ଚୋରି ମାମଲାରେ କିଛି କିଛି ପଶ୍ଚିମବଙ୍ଗଳାର ଚୋର ଦଳକୁ କୋର୍ଟ ଦ୍ୱାରା ଦଣ୍ଡ ମଧ୍ୟ ମିଳିଛି । ଯଥା ଶୀଘ୍ର ଅନୁପ୍ରବେଶକାରୀଙ୍କ ଉପରେ ଲଗାମ ନ ଲଗାଇଲେ ଆଗାମୀ ଦିନରେ ଅଞ୍ଚଳବାସୀଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ତେଣୁ ସ୍ଥାନୀୟ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ପକ୍ଷରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ସାଧାରଣରେ ଦାବି ହେଉଛି । କାରଣ କିଛି ଦିନ କିଛି ମାସ ଓ କିଛି ବର୍ଷ ରହିବା ପରେ ଏମାନେ କିଛି ମୁଷ୍ଟିମେୟ ଲୋକଙ୍କୁ ଧରି ଆଧାରକାଡ ତିଆରି କରି ରାସନକାର୍ଡ ପାଇଁ, ଇନ୍ଦିରା ଆବାସଗୃହ ପାଇଁ ଆବେଦନ କରିବେ ସେଥିପାଇଁ ବେଳ ଥାଉ ଥାଉ ଜିଲ୍ଲା ପ୍ରଶାସନ ପକ୍ଷରୁ କିଛି ଆଖି ଦୃଷ୍ଟିଆ ପଦକ୍ଷେପ ଗ୍ରହଣ ନ କଲେ ବିଳମ୍ବ ହୋଇଯିବ ।

# ବାଇକ୍ ଚୋରି ନେଇ ଥାନାରେ ଏତଲା

**ଧର୍ମଗଡ଼, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଅଞ୍ଚଳରେ ଦିନକୁ ଦିନ ଗାଡ଼ି ଲୁଟେରାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି । କେତେ ବେଳେ କାହାରି ଟ୍ରାକ୍ଟର ଟ୍ରଲି ଚୋରି ହେଉଚି ତ ଆଉ କେତେବେଳେ କାହାର ବାଇକ୍ । ଏହିଭଳି ଭାବେ ଧର୍ମଗଡ଼ ସହର ସ୍ଥିତ ୧ନମ୍ବର ୱାର୍ଡ ଭୀମଖୋଜପଡ଼ାର ନିଳାମ୍ବର ମେହେର ଙ୍କ ଘରୁ ଏକ ବାଇକ୍ ନମ୍ବର-ସିଜି୦୪ଡିଏ-୪୯୦୯ ଚୋରି ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି । ଭୀମଖୋଜପଡ଼ାର ନିଳାମ୍ବର ମେହେର ସବୁଦିନ ଭଳି ଶୁକ୍ରବାର ତାଙ୍କ ବାଇକ୍ ଘର ଆଗରେ ରଖିଥିବା ବେଳେ ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଚୋରି କରି ନେଇଗଲେ । ସକାଳେ ଉଠି ଗାଡ଼ିଟି ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ । ଏହାପରେ ନିଳାମ୍ବର ଧର୍ମଗଡ଼ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ଏହା ପୂର୍ବରୁ ଧର୍ମଗଡ଼ସହର ସ୍ଥିତ ୟମାହା ବାଇକ ଶୋରୁମରୁ ଏକ ନୂଆ ବାଇକ ଚୋରି ହୋଇଥିଲା ସେହିପରି ଧର୍ମଗଡ଼ ଥାନା ମେରଘରା ଗ୍ରାମର ଟ୍ରାକ୍ଟର ମାଲିକ ଲାଲୁଭଏସାଲଙ୍କ ଗୋଟିଏ ଟ୍ରାକ୍ଟର ଟ୍ରଲି ଚୋରି କରି ନେଉଥିବା ସମୟରେ ଗାଡି ମାଲିକଙ୍କ ସମ୍ପର୍କୀୟ ଦୁଇ ଯୁବକଙ୍କୁ ଗାଡି ଚଢ଼ାଇ ଦୁର୍ବୃତ୍ତମାନେ ମାରି ଦେଇଥିଲେ । ଏବେ ସୁଦ୍ଧା ପୁଲିସ ଉକ୍ତ ଚୋରି ଗାଡ଼ି ଗୁଡ଼ିକର କୌଣସି ସନ୍ଧାନ ଆଜି ପର୍ଯ୍ୟନ୍ତ ପାଇପାରି ନାହିଁ । ଫଳରେ ଅଞ୍ଚଳରେ ଦିନକୁ ଦିନ ଗାଡ଼ି ଚୋରି ବୃଦ୍ଧି ପାଉଥିବା ବେଳେ ଲୋକେ ବାଇକ୍ ଚୋର ଭୟରେ ଭୟଭୀତ ହୋଇ ରହିଛନ୍ତି । ଏଥିପ୍ରତି ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଚୋରିହାରୀ ରୋକିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ଶାସ୍ତ୍ରୀଜୀ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା ସମାରୋହ

**ଭବାନୀପାଟଣା, ୨୯ ।୧୧ (ସମିସ):** ମା ଗାୟତ୍ରୀ ଏଜୁକେସନାଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ ଶାସ୍ତ୍ରୀଜୀ ଶିକ୍ଷା ନିକେତନର ବାର୍ଷିକ କ୍ରୀଡ଼ା ସମାରୋହ ସଫଳତାର ସହିତ



ଆୟୋଜିତ ହୋଇଯାଇଛି । ତ୍ରିଦିବସୀୟ କ୍ରୀଡ଼ା ସମାରୋହ ଗତ ୨୭ ତାରିଖ ପୂର୍ବାହ୍ନରୁ ଉଦ୍‌ଘାଟିତ ହୋଇ ୨୯ ତାରିଖ ସନ୍ଧ୍ୟାରେ ସମାପ୍ତ ହୋଇଛି । କ୍ରୀଡ଼ା ସମାରୋହର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଏସସିଇଆରଟି ଲେଖକ ଝସକେତନ ପ୍ରଧାନ ଅଂଶଗ୍ରହଣ କରିଥିଲେ ।କ୍ରୀଡ଼ା ସମାରୋହରେ ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଅନୁଷ୍ଠାନର ନିର୍ଦ୍ଦେଶକ ପରମାନନ୍ଦ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଚାରି ଶବର ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହୃଷୀକେଶ ନାଏକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକ, କନ୍ଲେଶ୍ୱର୍ ପୁରୋହିତ, ସିଆରସିସି ବିଶ୍ୱଜିତ୍ ରାୟ, ସିଆରସିସି ପୂର୍ଣ୍ଣଚନ୍ଦ୍ର ନେଗୀ, କ୍ରୀଡାବିତ୍ ଜଳେଶ୍?ର ଗଉଡ, ଶାସ୍ତ୍ରିଜୀ ମଡେଲ ସ୍କୁଲର ଅଧ୍ୟକ୍ଷ ଉଗ୍ରସେନ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ଉପାଧ୍ୟକ୍ଷ ମିହିର କୁମାର ଭୋଇ ସ୍?।ଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଟ୍ରଷ୍ଟି ମେମ୍ବର ସ୍ୱପ୍ନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ସଭା ପରିଚାଳନା କରିଥିଲେ ଶ୍ରୀମତୀ ସାବିତ୍ରୀ ମହାରଣା ଓ ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟତ୍ରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି ଅବସରରେ ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ସ୍ପୋର୍ଟସ ଚମ୍ପିୟନ ଭାବରେ ଡକଶେସ ପଟେଲଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

# ଶୋଷିଆରେ ତମ୍ବାଖୁ ମୁକ୍ତ ବିଦ୍ୟାଳୟ ସଚେତନତା



**ଧର୍ମଗଡ଼, ୨୯ ।୧୧(ସମିସ):** ଗୋଲାମୁଣ୍ଡା ବ୍ଲକ ଶୋଷିଆ ଦ୍ୱାରିକାନାଥ ଉଚ୍ଚବିଦ୍ୟାଳୟରେ ଚପୁରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସହଯୋଗରେ ଜାତୀୟ ତମ୍ବାଖୁ ମୁକ୍ତ ବିଦ୍ୟାଳୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍କୁଲର ପ୍ରଧାନଶିକ୍ଷକ ସୁଦାମ ଚରଣ ନେଗୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚପୁରିଆ ସିଏଚସିର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅବନା ଭୋଇ ଯୋଗଦେଇ ତମ୍ବାଖୁ ସେବନର କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ । କମ୍ପ୍ୟୁଟର ସ୍କ୍ରିନ୍‌ରେ ଭିଡିଓ ମାଧ୍ୟମରେ ତମ୍ବାଖୁ ବ୍ୟବହାର ଦ୍ୱାରା କିପରି ଓ କି ପ୍ରକାରର ରୋଗରେ ଲୋକେ ପୀଡିତ ହେଉଛନ୍ତି ସେ ସମ୍ପର୍କରେ ପ୍ରଦର୍ଶନ କରାଯିବା ସହ ପିଲାମାନଙ୍କୁ ସଚେତନ କରାଯାଇଥିଲା । ପରେ ବିଦ୍ୟାଳୟ ର ଛାତ୍ରଛାତ୍ରୀଙ୍କୁ ନେଇ ରାଲି ମାଧ୍ୟମରେ ନାରାବାଜି ସହ ସଚେତନତା କରାଯାଇଥିଲା ।ଏହି ଅବସରରେ ତମ୍ବାଖୁ ମୁକ୍ତ ବିଦ୍ୟାଳୟ ଶିର୍ଷକକୁ ନେଇ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଥିଲା ଓ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ।ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶ୍ରୀ ଭୋଇ ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ତମ୍ବାଖୁ ସେବନରୁ ବିରତ ରହିବା ପାଇଁ ପରାମର୍ଶ ଦେଇଥିଲେ ।କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସହ ଶିକ୍ଷକ ଗୋବର୍ଦ୍ଧନ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳ ଶିକ୍ଷକ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଖୁସିରାମ ଟୋଲଟିଆ, ସମ୍ପ୍ରଦାୟ ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟ ପ୍ରକାଶ ସେନାପତି, ମହିଳା ସ୍ୱାସ୍ଥ୍ୟ କର୍ମୀ ଶ୍ରୀମତୀ ମିନତୀ ସା, ଆଶା କର୍ମୀ ସୋସିଆ ଅର୍ଣ୍ଣ ନିଆଲ ଏବଂ ଆଶା କର୍ମୀ ଆମ୍ବଗୁଡା ଉର୍ମିଳା ସରାପ ପ୍ରମୁଖ ଉପସ୍ଥିତ ଥିଲେ ।

# ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

**ସିନାପାଲି, ୨୯ ।୧୧(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ହାତୀବନ୍ଧା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରେ ସପ୍ତଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ସହ ପ୍ରଧାନ ଆଚାର୍ଯ୍ୟ ସରୋଜ ସିଂହ ନିନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବରେ ମାତୃ ଭାରତୀର ଉପାଧ୍ୟକ୍ଷା ହିମାଦ୍ରି ମେହେର, ମୁଖ୍ୟବକ୍ତା ସରିତା ଅଗ୍ରୱାଲ ଓ ମାତୃ ଭାରତୀର ସଂଯୋଜିକା ଉଆଁସୀ ମେହେର ଅତିଥିଙ୍କ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶ୍ରୀମତୀ ଅଗ୍ରୱାଲ ମାଆମାନଙ୍କୁ ସଂସ୍କାରବାନ୍ ପିଢ଼ି ଗଠନ କରିବାରେ ଓ ସମାଜକୁ ସଂସ୍କାରିତ କରିବା ପାଇଁ ନିଜର ଭୂମିକା ବିଷୟରେ ଅବଗତ କରାଇଥିଲେ । ଏହି ଅବସରରେ ଅଭିବାବିକାଙ୍କ ମଧ୍ୟରେ ସଙ୍ଗୀତ, ଚୌକି ଖେଳ ଓ ଝୋଟି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ୪୩ ଜଣ ମାଆମାନେ ପ୍ରତିଯୋଗିତା ରେ ଯୋଗଦାନ କରିଥିଲେ ଓ ବିଚାରକ ଭାବରେ ଲୋକନାଥ ମେହେର ସହକାରୀ ଶିକ୍ଷକ ମେହେର ପଡ଼ା ପ୍ରାଥମିକ ବିଦ୍ୟାଳୟ ସିନାପାଲି, ଧନେଶ୍ୱର କାଣ୍ଡ ଆଚାର୍ଯ୍ୟ ସିନାପାଲି ଶିଶୁ ମନ୍ଦିର, ଦୌଲତ ମେହେର ଆଚାର୍ଯ୍ୟ ଗଣ୍ଡାବାହାଲି ଶିଶୁ ମନ୍ଦିର ପରିଚାଳନା କରିଥିଲେ । କାର୍ଯ୍ୟକ୍ରକୁ ଆଚାର୍ଯ୍ୟା ସୁଶ୍ରୀ ଚନ୍ଦ୍ରକାନ୍ତି ମେହେର ସଂଯୋଜନା କରିଥିଲେ ଓ ବିଦ୍ୟାଳୟର ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ସହଯୋଗ କରିଥିବା ବେଳେ ଆଚାର୍ଯ୍ୟା ସୁଶ୍ରୀ ହିମାଦ୍ରୀ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

ପ୍ରତିଯୋଗୀଙ୍କ ପାଇଁ ମାଗଣା ସିଭିଲ୍ ସର୍ଭିସେସ୍ କୋଚିଂ

# ‘ମିଶନ୍ ଆକାଂକ୍ଷା’ର ଶୁଭାରମ୍ଭ

**ଭବାନୀପାଟଣା, ୨୯ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ପ୍ରଶାସନ ଏବଂ ଭିଜନ୍ ଆଇଏଏସ୍ ନୂଆଦିଲ୍ଲୀର ମିଳିତ ସହଯୋଗରେ ଭାରତୀୟ ପ୍ରଶାସନିକ ସେବାର ପ୍ରତିଯୋଗିତା ପରୀକ୍ଷାରେ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀ କିପରି ଅଂଶ ଗ୍ରହଣ କରି ସଫଳତା ହାସଲ କରିପାରିବେ ସେ ଉଦ୍ଦେଶ୍ୟରେ ଶନିବାର କଳାହାଣ୍ଡି ଜିଲ୍ଲାପାଳ ପାୱାର୍ ସଚିନ




ପ୍ରକାଶଙ୍କ ଦ୍ୱାରା ଜିଲ୍ଲାର ପ୍ରତିଯୋଗୀଙ୍କ ପାଇଁ ମାଗଣା ସିଭିଲ ସର୍ଭିସ କୋଚିଂ ମିସନ ଆକାଂକ୍ଷାର ଶୁଭାରମ୍ଭ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ କାର୍ଯ୍ୟାଳୟ ଭବାନୀପାଟଣା ଠାରେ କରାଯାଇଛି । ଜିଲ୍ଲାପାଳ ଉଦ୍‌ଘାଟନ କରି ପ୍ରତିଯୋଗୀମାନେ ଭବାନୀପାଟଣାରେ ମାଗଣାରେ କୋଚିଂ ନେଇ ସିଭିଲ ସର୍ଭିସ ପରୀକ୍ଷା କିପରି ଭଲ କରି ସଫଳତା ହାସଲ କରିପାରିବେ ସେ ସମ୍ପର୍କରେ ଉତ୍ସାହିତ କରିଥିଲେ ।କାର୍ଯ୍ୟକ୍ରମରେ ଅନିମେଶ ପ୍ରଧାନ, ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ପ୍ରୋବେସନର୍, ମୁଖ୍ୟଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ ଯୋଗଦେଇ ଥିଲେ । ଭିଜନ୍ ଆଇଏଏସ୍ (ଭିଜନ ଆଇଏଏସ) ନୂଆଦିଲ୍ଲୀ ଦ୍ୱାରା ପରିଚାଳିତ ଦୁଇଟି ପର୍ଯ୍ୟାୟ ଚୟନ ପ୍ରକ୍ରିୟା, ଯଥା:ବସ୍ତୁନିଷ୍ଠ ଏମସିକ୍ୟୁ ଭିତ୍ତିକ ପରୀକ୍ଷା ଏବଂ ବ୍ୟକ୍ତିଗତ ସାକ୍ଷାତକାର ପରୀକ୍ଷା ପରେ ମୋଟ୍ ୬୨ ଜଣ ପ୍ରାର୍ଥୀ ଚୂଡ଼ାନ୍ତ ମେରିଟ୍ ତାଲିକାରେ ମନୋନୀତ ହୋଇଥିଲେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ‘ମିଶନ୍ ଆକାଂକ୍ଷା’ର କୋଚିଂ ମଡ୍ୟୁଲ୍ ଏବଂ ପ୍ରକ୍ରିୟା ବିଷୟରେ ପ୍ରାର୍ଥୀମାନଙ୍କୁ ସୂଚନା ଦିଆଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଶାନ୍ତ ମିଶ୍ର, ଈରବଙ୍କ ଖରବୟ, ଡିଏମ୍‌ଏଫ୍ (ଡିଏମ୍‌ଏଫ), କଳାହାଣ୍ଡି, ସଂଯୋଜନା କରିଥିଲା ବେଳେ ସୁବିଦୀପ୍ତ ସାମନ୍ତରାୟ, ଜିଲ୍ଲା ନିୟୋଜନ ଅଧିକାରୀ ସହଯୋଗ କରିଥିଲେ ।

ଜିଲ୍ଲାସ୍ତରୀୟ ସଚେତନତା କର୍ମଶାଳା

# ମହିଳାଙ୍କ ଆର୍ଥିକ, ସାମାଜିକ ଓ ରାଜନୈତିକ ଅଧିକାର ଉପରେ ଆଲୋଚନା

**ଭବାନୀପାଟଣା, ୨୯ ।୧୧ (ସମିସ)**

ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଜୟପ୍ରକାଶ ସାନ୍ଧ୍ୟା ମହାବିଦ୍ୟାଳୟ, ଭବାନୀପାଟଣାରେ ଆର୍ଥିକ ସାକ୍ଷରତା ସହିତ ମହିଳାମାନଙ୍କ ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ଅଧିକାର”ବିଷୟରେ ଜିଲ୍ଲା ସ୍ତରୀୟ ସକ୍ଷମତା ସଚେତନତା କର୍ମଶାଳା ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ଜିଲ୍ଲା ପଞ୍ଚାୟତ ଅଧିକାରୀ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ମୁଜିବୁନ ନିଶା, ସୁମିତା ଦେବୀ ତ୍ରିପାଠୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର, ଜେଜେବି ସଦସ୍ୟା ସ୍ୱର୍ଣ୍ଣଲତା ମହାନ୍ତି, ଏବଂ ମହାବିଦ୍ୟାଳୟ ଅଧ୍ୟକ୍ଷ ଭୁବନ ମୋହନ ଠାକୁର ଉପସ୍ଥିତ ଥିଲେ । ଅତିଥିମାନେ ମହିଳାଙ୍କ ଅର୍ଥନୈତିକ ସଶକ୍ତିକରଣ, ସାମାଜିକ ଅଧିକାର, ରାଜନୈତିକ



ଭାଗିଦାରି ଏବଂ ସମୁଦାୟରେ ନାରୀମାନଙ୍କ ଭୂମିକା ବୃଦ୍ଧି ବାବଦରେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଡେପୁଟି ଚିଫ ଲିଗାଲ ହେଡ୍ ରିସୋର୍ସ ପର୍ସନ୍ ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ନାରୀକଲ୍ୟାଣ ଯୋଜନା, ନାରୀ ସୁରକ୍ଷା ସମ୍ବନ୍ଧୀୟ ଆଇନ ଓ ଶିଶୁ ସୁରକ୍ଷା ଆଇନ ଉପରେ ଆଲୋଚନା କରାଗଲା । ଏହା ସହିତ, ଭାରତୀୟ ଷ୍ଟେଟ ବ୍ୟାଙ୍କର ମୁନା ନାଏକ ଦ୍ୱାରା ଆର୍ଥିକ ସାକ୍ଷରତା, ବ୍ୟାଙ୍କିଂ ସେବା, ଡିଜିଟାଲ ପେମେଣ୍ଟ ସୁରକ୍ଷା ଇତ୍ୟାଦି ବିଷୟରେ ମହିଳାମାନଙ୍କୁ ଅବଗତ କରାଗଲା । ସାଇବର ପୋଲିସ ଥାନାରୁ ଆସିଥିବା ଆଇଆଇସି ସର୍ବେଶ୍ୱର ସାମନ୍ତରାୟ ସାଇବର ଅପରାଧ, ତାହାର ପ୍ରକାର, ପ୍ରତିରୋଧ ପଦକ୍ଷେପ ଓ ସଚେତନତା ଉପରେ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ରଖିଥିଲେ । କର୍ମଶାଳାରେ କଳାହାଣ୍ଡି ଜିଲ୍ଲାର ସମସ୍ତ ସିଡିପିଓ ମାନେ, ଏଡ୍ ଏଟ୍ ଆକ୍ସନର ଜିଲ୍ଲା ସଂଯୋଜକ ଦିବ୍ୟରଞ୍ଜନ ଯୋଷୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାମାନେ, ଅଙ୍ଗନବାଡି କର୍ମୀ, କିଶୋରୀ ବାଳିକାମାନେ ଓ ଜିଲ୍ଲା ମହିଳା ହବଙ୍କ କର୍ମଚାରୀମାନେ ଯୋଗ ଦେଇଥିଲେ । ମଞ୍ଚ ପରିଚାଳନା ଯୋଗେଶ୍ୱର ବୁଢ଼ିଆ, ଜିଲ୍ଲା ସଂଯୋଜକ, ମହିଳା ହବ କରିଥିଲେ । ଶେଷରେ ସୁମିତା ଦେବୀ ତ୍ରିପାଠୀ, ସମାଜ କଲ୍ୟାଣ ଅଧିକାରିଣୀ, ଧନ୍ୟବାଦ ଜଣାଇଥିଲେ ।

# ରିଷିଡା ଶିଶୁମନ୍ଦିରର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**କର୍ଲାମୁଣ୍ଡା, ୨୯ ।୧୧ (ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ୨୫ତମ ବାର୍ଷିକ କ୍ରୀଡାଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ରିଷିଡାସ୍ଥିତ




ବାପୁଜୀ ମିନିଷ୍ଟାଡିୟମରେ ଅନୁଷ୍ଠିତ ହୋଇଥିବା କ୍ରୀଡା ପ୍ରତିଯୋଗୀତାର ଉଦଯାପନୀ ଉତ୍ସବରେ ଭବାନୀପାଟଣାର ବିଶିଷ୍ଟ ସାମାଜିକ କର୍ମୀ ପୁରୁଷୋତ୍ତମଦାସ ଅଗ୍ରୱାଲ ମୁଖ୍ୟଅତିଥି, ରିଷିଡା ଜେଡି କଲେଜ ଅଧ୍ୟକ୍ଷ ଗଦାଧର ପଧାନ, ପୂର୍ବତନ ସଭାପତି ନେମିଚାନ୍ଦ ଜୈନ ସମ୍ମାନିତ ଅତିଥି ଭବାେ ଯୋଗଦେଇଥିଲେ । ଅନୁଷ୍ଠାନର ସଭାପତି ହିରୋଜ କୁମାର ଚାନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରଧାନଚାର୍ଯ୍ୟ ମହେନ୍ଦ୍ର ବାରିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବାସୁଦେବ ସେଲମା ପୁରସ୍କାର ବିତରଣ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଝୁନିରାଣି ସାହୁ ସଭାସଂଯୋଜନା କରିଥିବା ବେଳେ ସରୋଜ ଗହୀର ସମାରୋପ ବୃତ୍ତକଥନ କରିଥିଲେ । ପ୍ରତିଯୋଗିତାରେ ବାଳବିଭାଗର ବାଳକ ବର୍ଗରେ ଆକାଶ ସାହୁ ଓ ନିଶ୍ଚଳାନନ୍ଦ ପଟ୍ଟନାୟକ ଓ ବାଳିକା ବିଭାଗରେ ସୁଶ୍ରୀ ଲୋପାମୁଦ୍ରା ରଣା ଚମ୍ପିଅନ ହୋଇଥିଲେ । ଶିଶୁ ବିବାଗରେ ବାଳକ ବର୍ଗରେ ସୁଜିତ ଦାସ ଓ ବାଳିକା ବର୍ଗରେ ସିଶ୍ରୀ ସ୍ମିତାଶତରୂପା ପାତ୍ର ଚମ୍ପିଅନ ହୋଇଥିଲେ । ପ୍ରତିଯୋଗିତା ଗୁଡିକୁ ସମସ୍ତ ଗୁରୁଜୀ, ଗୁରମାଙ୍କ ସମେତ ଡିଗ୍ରୀ କଲେଜର କ୍ରୀଡାଶିକ୍ଷକ ଲଳିତ କୁମାର ସାହୁ ଓ ଜକେକଲେଜ କ୍ରୀଡାଶିକ୍ଷକ ଲଳିତ ଦାସ ପରିଚାଳନା କରିଥିଲେ ।

# ସତ୍ୟନାରାୟଣ ବେହେରା ନିଆରା ମଣିଷ ଥିଲେ

**ବଲାଙ୍ଗିର, ୨୯ ।୧୧(ସମିସ)**



ସେ ମଣିଷ ପରି ମଣିଷଟିଏ ଥିଲେ। ସର୍ବୋପରି ଜଣେ ନିଆରା ବ୍ୟକ୍ତିତ୍ୱ ଥିଲେ। ତାଙ୍କର ଆଦରପଣ, ସମସ୍ତଙ୍କୁ ଆପଣାର କରିନେବାର ଭାବ ଆଜି ସମୟରେ ବିରଳ। ତାଙ୍କର ଅବର୍ତ୍ତମାନରେ ଦୁଃଖୀ ମଣିଷ ମୁହଁରେ ଟିକିଏ ହସ ଫୁଟାଇ ପାରିଲେ ହିଁ ତାଙ୍କ ପ୍ରତି ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ସେ ବଲାଙ୍ଗିରର ବରିଷ୍ଠ ସାମ୍ବାଦିକ ଥିଲେ। ଜିଲ୍ଲା ସାମ୍ବାଦିକ ସଂଘର ପ୍ରତିଷ୍ଠାତା ସଭାପତି ପଦ ଅଳଙ୍କୃତ କରିଥିଲେ। ମଞ୍ଚ ଓ ଚଳଚ୍ଚିତ୍ରରେ ସେ ଅଭିନୟ କରିଛନ୍ତି। ଜଣେ ସଂସ୍କୃତି ଗବେଷକ ଭାବେ ତାଙ୍କ ପରିଚୟ ରହିଛି। ଏହାସହ ସେ ଜଣେ ସାରସ୍ୱତ ସାଧକ ଥିଲେ। ସ୍ୱର୍ଗତ ସତ୍ୟନାରାୟଣ ବେହେରାଙ୍କ ଚତୁର୍ଥ ଶ୍ରାଦ୍ଧ ଦିବସରେ ତାଙ୍କ ସ୍ମୃତିଚାରଣ କରି ବହୁ ବ୍ୟକ୍ତି ଏହା କହିଛନ୍ତି। ବଲାଙ୍ଗିରରେ ପରିତ୍ୟକ୍ତା, ଅସହାୟ ମହିଳା ଓ ଶିଶୁଙ୍କୁ ଆଶ୍ରୟ ଦେଇଥିବା ଅନୁଷ୍ଠାନ ପଲ୍ଲୀ ନିକେତନ ଦ୍ୱାରା ପରିଚାଳିତ ସ୍ୱଧାର ଗୃହ ବା ଶକ୍ତି ସଦନ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଅତିରିକ୍ତ ଜିଲ୍ଲାପାଳ ଡ. ବିଜୟାନନ୍ଦ ସେଠୀ, ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ଓ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ସହକାରୀ ଜିଲ୍ଲାପାଳ ପ୍ରଶାନ୍ତ ମହାପାତ୍ର, ସ୍ୱଧାର ଗୃହ ପ୍ରକଳ୍ପ ସୁରକ୍ଷା ଅଧିକାରୀ ସୁଜାତା ଦୋରା, ଶିକ୍ଷାବିତ ସନାତନ ଠାକୁର ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ୱଧାର ଗୃହ ସମ୍ପାଦକ ଉଚ୍ଛାଟାନନ୍ଦ ମହାକୁର ଉପସ୍ଥିତ ଥିଲେ। ସାମ୍ବାଦିକ ସନ୍ଦୀପ କୁଅଁର ସଂଯୋଜନା କରିଥିଲେ। ସାମ୍ବାଦିକ ଶରତ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟି ସୁଧାକର ବେହେରା, ସୁନୀଲ ବେହେରା, ଗୁପ୍ତେଶ୍ୱର ପୃଷ୍ଟି, ଦେବଦତ୍ତ ବେହେରା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ତୁଷୁରା ବାଳିକା ନୋଡାଲ୍ ହାଇସ୍କୁଲରେ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳାରେ ଅତିଥିଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀଗଣ।

## ସର୍ବଶ୍ରୀର 'ଶୀତ ଗୀତ' କାର୍ଯ୍ୟକ୍ରମ

**ଭବାନୀପାଟଣା, ୨୯ ।୧୧(ସମିସ):** ପ୍ରକୃତି ସହ ସାହିତ୍ୟର ଆହାୟ ଏକ ସମ୍ପର୍କ ରହିଆସିଛି। ପ୍ରକୃତିର ବନ୍ଦନାରେ ସାହିତ୍ୟ ଉତ୍ସବ ପାଳେ। ପ୍ରକୃତିର ସମର୍ପଣ ଭାବକୁ ସାରସ୍ୱତ ଜଗତ ସମର୍ଥନ କରେ। ସାହିତ୍ୟିକ ତେଣୁ ଶବ୍ଦ ଦେଇ ପ୍ରକୃତିର ନୈସର୍ଗିକତାକୁ ଜୀବନ୍ତ କରି ଗଢ଼ିତୋଳେ ବୋଲି ସର୍ବଶ୍ରୀ ସବାଖିଆ ସାହିତ୍ୟ ସଂସଦର ଧାରାବାହିକ ୨୨୬ ସଂଖ୍ୟା ସାରସ୍ୱତ ପର୍ବ 'ଶୀତ ଗୀତ' ପାଳନ ଅବସରରେ ମତ ପ୍ରକାଶ ପାଇଥିଲା। ସ୍ଥାନୀୟ ସ୍ୱାମୀ ଶିବାନନ୍ଦ ବାଳ ବିକାଶ କେନ୍ଦ୍ର ପରିସରରେ ଆୟୋଜିତ ଏଇ କାର୍ଯ୍ୟକ୍ରମରେ ସଂସଦ ସମ୍ପାଦକ ବିରଞ୍ଚି ନାରାୟଣ ମୁଣ୍ଡ ପୌରୋହିତ୍ୟ କରିଥିବାବେଳେ ବରିଷ୍ଠ ସାହିତ୍ୟିକ ସକିତ ରତେ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ।ପ୍ରାରମ୍ଭରେ 'ସାହିତ୍ୟ ଓ ଜୀବନର ଯୁଗଳ ବନ୍ଦୀ 'ଶୀର୍ଷକରେ ଆଲୋଚନା କରାଯାଇଥିଲା। ଶିଳ୍ପୀ ନିକିତା ସାହୁ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ



ସଂଘମିତ୍ରା କାନୁନଗୋ, ଆନନ୍ଦିନୀ ପାତ୍ର, ସାଗର ବୈଠାରୁ, ସବିତା ଶତପଥୀ, ଦୀପ୍ତି ମୁଣ୍ଡ, କିଶୋର ମହାନନ୍ଦ, ସଂହିତା ରଥ, କାଜଲ ମହାରଣା, ପ୍ରତାପ ପଣ୍ଡା, ଯୁଧିଷ୍ଠିର ମୁଦୁଲି, ଆଶୁଧନ ପୁରୋହିତ, ରଚିତା ମେହେର, କେତନ ମହାରଣା, ବିନା ମୁଣ୍ଡ, ଅନୀଲ ବିଶି, ଦୀପ୍ତିମୟୀ ସିଂହ, ଶିବଶକ୍ତି ପୁରୋହିତ, ନିକିତା ସାହୁ, ଦେବାଂଶୀ ନାଗ, ରୁଦ୍ରାଂଶ ମିଶ୍ର ପ୍ରମୁଖ ଶୀତକୁ ନେଇ କବିତାବୃତ୍ତି ଓ ଗପପାଠ କରିଥିଲେ। ଅନୀଲ ପଟ୍ଟନାୟକ ଓ ସୁଜାତା ପଟ୍ଟନାୟକ ସହଯୋଗ କରିଥିବାବେଳେ ଯୁବକବି ପ୍ରତାପ ଚନ୍ଦ୍ର ପଣ୍ଡା ଆସର ପରିଚାଳନା ଓ କବିତା ସଂଯୋଜନା କରିଥିଲେ। ଯୁବକବି ଆଶୁଧନ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ସ୍କୁଟି ମଧ୍ୟରେ ଧକ୍କା: ଦୁଇ ଗୁରୁତର

**ବୌଦ୍ଧ, ୨୯ ।୧୧(ସମିସ):** ୫୭ ନମ୍ବର ଜାତୀୟ ରାଜପଥର ବାଉଁଶୁଣୀ ଥାନା ଅଧୀନ ବହିରା ହାଇସ୍କୁଲ ଛକ ନିକଟରେ ଦୁଇଟି ସ୍କୁଟି ମଧ୍ୟରେ ଧକ୍କା ହୋଇଛି। ଏହାଫଳରେ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ହୋଇଥିବା ଦୁଇ ବ୍ୟକ୍ତି ହେଲେ ଅନୁଗୁଳ ଜିଲ୍ଲା ଆଠମଲ୍ଲିକ ବାହାଲି ଅଞ୍ଚଳର ଦିବ୍ୟଲୋଚନ ଗୁରୁ ଓ ଜିଲୁ ନାଗ। ଶନିବାର ଅପରାହ୍ନ ୩ଟାରେ ସେମାନେ ଏକ ସ୍କୁଟି ଯୋଗେ ବୌଦ୍ଧ ପଟୁ ବାଉଁଶୁଣୀ ଆଡକୁ ଯାଉଥିଲେ। ଏହି ସମୟରେ ସାମ୍ନା ପଟୁ ଆସୁଥିବା ଅନ୍ୟ ଏକ ସ୍କୁଟି ସହ ବହିରା ହାଇସ୍କୁଲ ଛକ ନିକଟରେ ଧକ୍କା ହୋଇଥିଲା। ଏହାଫଳରେ ଦିବ୍ୟଲୋଚନ ଓ ଜିଲୁ ଗୁରୁତର ଆହତ ହୋଇଥିଲେ। ଅନ୍ୟ ସ୍କୁଟିରେ ଥିବା ଜଣେ ଯୁବତୀ ସାମାନ୍ୟ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ଉଭୟ ଗୁରୁତରଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ସହାୟତାରେ ବାଉଁଶୁଣୀ ଡାକ୍ତରଖାନା ପଠାଇଥିଲେ।

## ଲୁର୍କି ଧନୁଯାତ୍ରା ପାଇଁ ନୂତନ କମିଟି

**ତୁଷୁରା, ୨୯ ।୧୧(ସମିସ):** ବଲାଙ୍ଗିର ଜିଲ୍ଲା ଗୁଡଭେଲା ବ୍ଲକ ସମରା ପଞ୍ଚାୟତ ଲୁର୍କି ଗ୍ରାମର ଚୈତନ୍ୟ ମଣ୍ଡପରେ ୧୫୦ତମ ଧନୁଯାତ୍ରା ମହୋତ୍ସବ ପାଇଁ କମିଟି ଗଠିତ ହୋଇଛି। ପୂର୍ବତନ ସଭାପତି ସରୋଜ ପ୍ରଧାନଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା। ସଭାପତି ଭାବେ ଆନନ୍ଦ ପ୍ରଧାନ, ଉପସଭାପତି ଭାବେ ରଞ୍ଜନ ଚନ୍ଦନ, ସମ୍ପାଦକ ଭାବେ ଅର୍ଜୁନ ପ୍ରଧାନ, ସହ ସମ୍ପାଦକ ଭାବେ ଅଶୋକ ପ୍ରଧାନଙ୍କୁ ଦାୟିତ୍ୱ ମିଳିଛି। ସେହିଭଳି ଉପଦେଷ୍ଟା ଭାବେ ଯଦୁମଣି ପ୍ରଧାନ, ଚେଲାନନ୍ଦ ଭୋଇ, ସୁରେନ୍ଦ୍ର ପ୍ରଧାନ, କରୁଣାକର ପ୍ରଧାନଙ୍କୁ ଚୟନ କରାଯାଇଛି। କମିଟି ସଭ୍ୟ ଭାବେ ପଞ୍ଚାନନ୍ ନାଏକ, ପ୍ରସାଦୁ ପ୍ରଧାନ, ପଞ୍ଚାନନ ଭୋଇ, ଆକାଶ ପ୍ରଧାନ, ଶ୍ୟାମ ବିଶ୍ୱାଳ, ରମେଶ ବଗର୍ତ୍ତି, ପ୍ରଶାନ୍ତ ପ୍ରଧାନ, ରାଜା ମନହିରାଙ୍କ ଦାୟିତ୍ୱ ଦିଆଯାଇଛି।

## ବେଟି ବଚାଓ ବେଟି ପଢ଼ାଓ କର୍ମଶାଳା

**ବୌଦ୍ଧ, ୨୯ ।୧୧(ସମିସ):** ବୌଦ୍ଧ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବେଟି ବଚାଓ ବେଟି ପଢ଼ାଓ ଅଭିଯାନ ସମ୍ପର୍କୀତ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟବସାୟିକ ସାକ୍ଷରତା, ଅର୍ଥ ନୈତିକ ଅଧିକାର, ସାମାଜିକ ଓ ରାଜନୈତିକ ଅଧିକାର ସମ୍ପର୍କରେ ଆଲୋଚନା ହୋଇଥିଲା।

## ଗଡ଼ିଆଜୋର ସ୍କୁଲରେ ଆଇନ ସଚେତନତା ଶିବିର

**ଧର୍ମଗଡ଼, ୨୯ ।୧୧ (ସମିସ):** ତାଲୁକ ଆଇନ ସେବା ସମିତି ଧର୍ମଗଡ଼ ପକ୍ଷରୁ ଗଡ଼ିଆଜୋର ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା, ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଦେୱାନୀ ବିଚାରପତି ପି. ଶୀତାଲକ୍ଷ୍ମୀ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ଶ୍ରୀଚନ୍ଦନ ସେଠି, ସରକାରୀ ଓକିଲ ଧିରେନ୍ଦ୍ରନାଥ ପାତ୍ର, ବରିଷ୍ଠ ଓକିଲ ଚିନ୍ତାମଣୀ ପାତ୍ର, ମିହିର ରଞ୍ଜନ ପଟ୍ଟଯୋଶୀ, ଆଇନଜୀବୀ ହରିଶ ଚନ୍ଦ୍ର ବାଗ, ରିଟେନର




କମଳିନୀ ରଥ, ବରିଷ୍ଠ ଓକିଲ ତଥା ତାଲୁକ ଆଇନ ସେବା ସମିତି ସଦସ୍ୟା ସଂଯୁକ୍ତା ପଣ୍ଡା, ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ନେଗୀ ପ୍ରମୁଖ ମଞ୍ଚାସିନ ଥିଲେ। ମୁଖ୍ୟବକ୍ତା ଶ୍ରୀ ବେହେରା ଅଧାରୁ ପାଠ ଛାଡି ଥିବା ଛାତ୍ରଛାତ୍ରୀଙ୍କୁ କିଭଳି ମୁଖ୍ୟସ୍ରୋତରେ ସାମିଲ କରି ପାରିବ ଆଲୋକପାତ କରିଥିଲେ। ସଭାରେ ତାଲୁକ ଆଇନ ସେବା ସମିତିର ଅଧ୍ୟକ୍ଷ୍ୟ ଶ୍ରୀ ପ୍ରଧାନ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବାଳ ଅପରାଧ ଅଧିନିୟମ, ଶିଶୁ ଯୌନ ଶୋଷଣ ଓ ଉତ୍ପୀଡ଼ନ ସୁରକ୍ଷା ଅଧିନିୟମ, ମୌଳିକ କର୍ତ୍ତବ୍ୟ ଓ ପୋଷ ଅଧିନିୟମ ଉପରେ ସମ୍ୟକ ଧାରଣା ପ୍ରଦାନ କରିଥିଲେ। ଶ୍ରୀମତୀ ସଂଯୁକ୍ତା ପଣ୍ଡା ସଭାକୁ ପରିଚାଳନା କରିଥିବା ବେଳେ ଶିକ୍ଷକ ରବିଶଙ୍କର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ବଡଛତରଙ୍ଗରେ ଶିଶୁମହୋତ୍ସବ

**ଥୁଆମୂଳରାମପୁର, ୨୯ ।୧୧(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ବଡଛତରଙ୍ଗ ହାଇସ୍କୁଲ ପଡ଼ିଆଠାରେ 'କର୍ତ୍ତବ୍ୟ' ଅନୁଷ୍ଠାନ ତରଫରୁ ଶିଶୁ ମହୋତ୍ସବ ୨୦୨୫ ଅନୁଷ୍ଠିତ ହୋଇଥିଲା। ଜେଏମ୍ଏଫ୍‌ସି ମାଜିଷ୍ଟ୍ରେଟ ଡ.ତାରିଣୀ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।ସମ୍ମାନିତ ଅତିଥି ଭାବେ ବଡଛତ୍ରଙ୍ଗ ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭଜମନ ବାଗ, ଶିକ୍ଷକସୁବ୍ରତ ପ୍ରଧାନ, ପିଇଟି ଦୁର୍ଯ୍ୟାଧନ ନାଏକ, ଆଇନଜୀବୀ ମନୋରଞ୍ଜନ ନାଏକ ଏବଂ ଜେଏମ୍ଏଫ୍‌ସିର ବରିଷ୍ଠ କିରାଣୀ ଅଶୋକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଭାରତୀ ମାଝୀ ଓ କର୍ତ୍ତବ୍ୟ ଅନୁଷ୍ଠାନ ଚେୟାରମ୍ୟାନ ମାର୍କଣ୍ଡ ନାୟକ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ୪ଟି ପଞ୍ଚାୟତ ଯଥା ବଡଛତରଙ୍ଗ, ବିରିକୋଟ, ବାଗଡ଼ିଆଣି ଓ ତଳଝାପି ଗ୍ରାମର ୬୦୦ରୁ ଊର୍ଦ୍ଧ୍ୱ ଶିଶୁ ଭାଗନେବା ସହ ବିଭିନ୍ନ କ୍ରୀଡା, ସାଂସ୍କୃତିକ ଓ ସାଧାରଣଜ୍ଞାନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମୁଖ୍ୟ ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ଭଲିବଲ୍ ଖେଳରେ ବଡଛତରଙ୍ଗ ଶିଶୁ ସଂଘ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୁମାରକାନି ଶିଶୁ ସଂଘର କଳାକାର ମାନେ ନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଶିଶୁ ମହୋତ୍ସବରେ ଶିଶୁମାନେ ଅଙ୍କ ଦୌଡ, ହାଣ୍ଡିପିଟା, ଚାମଚ ଦୌଡ, ସଙ୍ଗୀତ, ନୃତ୍ୟ, ବ୍ୟାଡମିଣ୍ଟନ, ମିଉଜିକ ଚେୟାର ଭଳି ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ଅତିଥି ମାନଙ୍କ ଠାରୁ ପୁରସ୍କୃତ ହୋଇଥିଲେ ।କାର୍ଯ୍ୟକ୍ରମରେ କର୍ତ୍ତବ୍ୟ ଅନୁଷ୍ଠାନର ବିଶିଷ୍ଟ ପରିଚାଳକ ରାଜେଶ୍ ପଟ୍ଟନାୟକ, ଜିତେନ୍ଦ୍ର ମେହେର, ସନ୍ତୋଷ ଦାସ, ସୁଦର୍ଶନ ନାଏକ, ଡମ୍ବରୁଧର ନାଏକ, ଭବାନୀ ରାଉତ, ଜାନକୀ ନାଏକ, ସୌମ୍ୟ ମାଝୀ, ରୁମି ରାଉତ ଓ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥଲେ। ଶେଷରେ ପ୍ରକଳ୍ପ ମ୍ୟାନେଜର ସନ୍ତୋଷ କୁମାର ଦାସ ଧନ୍ୟବାଦ୍ ଅର୍ପଣ କରିଥଲେ।

## ୧୭ ବର୍ଷରୁ କମ ବିଦ୍ୟାଳୟସ୍ତରୀୟ କଳାହାଣ୍ଡି କ୍ରିକେଟ ଦଳ ଚୟନ



**ଧର୍ମଗଡ଼, ୨୯ ।୧୧ (ସମିସ):** କଳାହାଣ୍ଡି ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ସହଯୋଗରେ ୧୭ ବର୍ଷରୁ କମବର୍ଗର କଳାହାଣ୍ଡି ଜିଲ୍ଲା କ୍ରିକେଟ ଦଳ ଚୟନ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ୧୨୦ ଜଣ କ୍ରିକେଟ ଖେଳାଳି ଯୋଗଦେଇ ଥିବାବେଳେ ୨୫ ଜଣ ଖେଳ ଶିକ୍ଷକ ଅଂଶଗ୍ରହଣ କରିଥିଲେ ।ଜଗନ୍ନାଥ ସେବାସମିତି ସଭାପତି ତଥା ବିଶିଷ୍ଟ ସମାଜସେବୀ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମନ୍ତ ପଣ୍ଡା ଓ ଓସିଏ ପେନାଲ ଅମ୍ପିଆର ତେଜନ ଦୁର୍ଗା ଯୋଗଦେଇ ଥିଲେ। ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ତଥା ନୋଡାଲ ସମ୍ପାଦକ ସନ୍ତୋଷ କୁମାର ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ ଚୟନ ଶିବିର ପରିଚାଳିତ ହୋଇଥିବାବେଳେ ଶ୍ରବଣ ଜାଲ, ସମୀର ନାଏକ, ସୁନୀଲ ନାଏକ, ଅମିତ ମୁଣ୍ଡ ପ୍ରମୁଖ ସହଯୋଗ କରିଥିଲେ। ଆସନ୍ତା ୫ ତାରିଖରେ ଚୟନ ହୋଇଥିବା ୧୫ ଜଣିଆ ଜିଲ୍ଲା କ୍ରିକେଟ ଦଳ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଖେଳିବା ପାଇଁ ଗସ୍ତ କରିବ ବୋଲି ନୋଡାଲ ସମ୍ପାଦକ ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

## ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଆୟୁଷ ଡାକ୍ତର

**ବୌଦ୍ଧ, ୨୯ ।୧୧(ସମିସ):** ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ନିଯୁକ୍ତି ପାଇଥିବା ଆୟୁଷ ଡାକ୍ତରମାନଙ୍କ ଚାକିରି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ଆୟୁଷ ଡାକ୍ତର ମିଳିତ କ୍ରିୟାନୁଷ୍ଠାନ କମିଟି ନିର୍ଦ୍ଦେଶ



କ୍ରମେ ବୌଦ୍ଧ ଜିଲ୍ଲାରେ କାର୍ଯ୍ୟରତ ଆୟୁଷ ଡାକ୍ତରଙ୍କ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ।

## ବୀରମହାରାଜପୁରରେ ପ୍ରବଚନ କାର୍ଯ୍ୟକ୍ରମ

**ବୀରମହାରାଜପୁର, ୨୯ ।୧୧(ସମିସ):** ବୀରମହାରାଜପୁର ଜଗନ୍ନାଥ ମନ୍ଦିର ପରିସରରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଗନ୍ନାଥ ମନ୍ଦିର କମିଟି ସଭାପତି ବିଷ୍ଣୁଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ରାମକଥା ଉପରେ ଅନନ୍ତ ଚରଣ ଦାସ ପ୍ରବଚନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବୀରମହାରାଜପୁର ଜଗନ୍ନାଥ କମିଟିର ସଭାପତି ବିଷ୍ଣୁଚରଣ ପଣ୍ଡା, ସମ୍ପାଦକ ଇନ୍ଦ୍ରଜିତ ପରୁଆ ପ୍ରମୁଖ ସହଯୋଗ କରିଥିଲେ। ଯୁଗଳ କିଶୋର ମିଶ୍ର ପରିଚାଳନା କରିଥିଲେ।

# ୧୭ ବର୍ଷରୁ କମ୍ ବାଳକ ଓ ବାଳିକା କ୍ରିକେଟ ପ୍ରତିଯୋଗିତା

**ନୂଆପଡ଼ା, ୨୯ ।୧୧(ସମିସ)**



ନୂଆପଡ଼ା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ଓ ନୂଆପଡ଼ା ବ୍ଲକ ବିଦ୍ୟାଳୟ ଖେଳକୁଦ ସଂଗଠନ ତରଫରୁ ସଦର ଗଣେଶୀ ଦେବୀ ଘାସିରାମ ସୋନୱାନି ଉଚ୍ଚ ବିଦ୍ୟାଳୟ, ଗୋଡଫୁଲାଠାରେ ଶ୍ରୀମତୀ ଗୀତା ରାଣୀ ଯୋଶୀ, ଗୋଷ୍ଠି ଶିକ୍ଷା ଅଧିକାରୀ ନୂଆପଡ଼ା, ଓ ଚୈତ୍ରାମ ନାଏକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ନୂଆପଡ଼ାଙ୍କ ତତ୍ତ୍ୱାବଧାନରେ ୨୮ଓ ୨୯ଦିନ ୧୭ ବର୍ଷରୁ କମ ବାଳକ ଓ ବାଳିକା କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହୋଯାଇଅଛି। ଉଦ୍‌ଘାଟନ ଦିବସରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାଣ୍ଡୁ ରାମ ପାଣ୍ଡେ, ନୂଆପଡ଼ା ବ୍ଲକ ବିଦ୍ୟାଳୟ ଖେଳକୁଦ ସଂଗଠନର ସମ୍ପାଦକ ମହତାବ ଆଡଜୁଆଡ, ସାଲିହା ଗଡ଼ ଜୋନ ସମ୍ପାଦକ ରାମେଶ୍ୱର ପ୍ରଧାନ ମଞ୍ଚାସିନ ଥିଲେ। ମଦନ ଦଣ୍ଡସେନା ମଞ୍ଚ ପରିଚାଳନା କରିଥିଲେ। ପ୍ରଥମ ଦିବସ ରେ ବାଳିକା ବିଭାଗରେ ପ୍ରାୟ ସଦର ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୪୦ ଜଣ ବାଳିକା ଭାଗ ନେଇଥିଲେ। ସେଥି ମଧ୍ୟରୁ ଶ୍ରେଷ୍ଠ ୧୬ ଜଣିଆ ବାଳିକା ଦଳ ଚୟନ କରାଯାଇଥିଲା। ଦ୍ୱିତୀୟ ଦିବସ ତଥା ଉଦ୍‌ଯାପନ ଦିବସରେ ନୂଆପଡ଼ା ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ସରୋଜ କୁମାର ସାହୁ ମୁଖ୍ୟଅତିଥି ରୂପେ ଯୋଗ ଦେଇଥିଲେ। ତାଙ୍କ ସହିତ ପ୍ରଧାନଶିକ୍ଷକ ଶ୍ରୀ ପାଣ୍ଡେ, ନୂଆପଡ଼ା ବ୍ଲକ ବିଦ୍ୟାଳୟ ଖେଳକୁଦ ସଂଗଠନ ସମ୍ପାଦକ ମହତାବ ଆଡଯୁଆଡ, ସଭାପତି ଜଗତ ରାମ ଦେୱାଙ୍ଗନ ମଞ୍ଚାସିନ ଥିଲେ।

ସରୋଜ ସାହୁ ତାଙ୍କ ଅଭିଭାଷଣରେ ଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପ୍ରତ୍ୟେକ ଦିନ ଖେଳି ସୁସ୍ଥ ରହିବା ପାଇଁ ପରାମର୍ଶ ଦେଇଥିଲେ ।ଶ୍ରୀ ମହତାବ ଆଡଯୁଆଡ ନୂଆପଡ଼ା ବ୍ଲକ ଦଳର ଗତ ବର୍ଷ ତଥା ଚଳିତ ବର୍ଷରେ ଜିଲ୍ଲାରେ ତଥା ରାଜ୍ୟରେ ଆଣିଥିବା କୃତିତ୍ୱ ପାଇଁ ସମସ୍ତଙ୍କୁ ଅଭିନନ୍ଦନ ଜଣେଇଥିଲେ। ବିଗତ କିଛି ଦିନ ପୂର୍ବରୁ ଓଡ଼ିଶା କ୍ରିକେଟ ଆସୋସିଏସନ୍ ଦ୍ୱାରା ଚୟନ କରାଯାଇ ଓଡ଼ିଶା ମହିଳା ୧୫ ବର୍ଷ ବର୍ଗ ଦଳ ଟ୍ରେନିଂ କ୍ୟାମ୍ପରୁ ଫେରି ଥିବା ଉଦୟମାନ ବୋଲର ସଦର ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ମାଗୁର ପାଣିର ଛାତ୍ରୀ ପୁଷ୍ପା ଧାରୁଆଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା। ଦ୍ୱିତୀୟ ଦିବସ ରେ ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୯୦ ଜଣ ବାଳକ ଖେଳାଳି ଭାଗ ନେଇ ଥିଲେ। ଚୟନ କର୍ତ୍ତା ମାନେ ଦକ୍ଷ ତଥା ଶ୍ରେଷ୍ଠ ୧୬ ଜଣିଆ ଦଳ ଚୟନ କରି ଥିଲେ ।ଚୟନ କର୍ତ୍ତାମାନଙ୍କରେ ବାଲେଶ୍ୱର ମାଝୀ, ରାକେଶ ପଟେଲ, ପ୍ରେମଚାନ୍ଦ ସାହୁ, ଶରତ ଗାଏକୱାଡ୍, ବିଶିକେଶନ୍ ବାଗ, ମଦନ ଦଣ୍ଡସେନା, ବିଦ୍ୟା ଧର ମାଝୀ, ସୋଭାରାମ ରାଉତ, ବିଶ୍ୱ ରଞ୍ଜନ ଛତ୍ରିଆ ପ୍ରମୁଖଙ୍କ ସହ ଶାରିରୀକ ଶିକ୍ଷା ଶିକ୍ଷକ ଥିବା ବେଳେ ଅନେକ ସହିଯୋଗ କରିଥିଲେ। ଚୟନକରା ଯାଇଥିବା ଉଭୟ ଦଳ ଆସନ୍ତା ଡିସେମ୍ବର ୧ ରୁ ୩ ଜିତାମିତ୍ର ଉଚ୍ଚ ବିଦ୍ୟାଳୟ କୋମନାରେ ହେବାକୁ ଥିବା ଜିଲ୍ଲାସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ଭାଗ ନେବେ।

## ଏଇଏସ୍ କଲେଜରେ ଇଣ୍ଟର କ୍ଲାସ୍ କ୍ରିକେଟ ମ୍ୟାଚ୍

**ତରଭା, ୨୯ ।୧୧(ସମିସ):** ତରଭା ଏଇଏସ କଲେଜ ଖେଳ ପଡ଼ିଆରେ ଇଣ୍ଟର କ୍ଲାସ୍ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କ୍ରୀଡା ପ୍ରତିଯୋଗିତାର ଉଦ୍‌ଘାଟନ



କରିଥିଲେ। କ୍ରୀଡା ସଂଘର ଉପ ସଭାପତି ଅଧ୍ୟାପକ ରୋହିତ ପଧାନ, ଅଧ୍ୟାପକ ଶିବରାମ ମେହେର, ଦେବାଶିଷ ଶତପଥୀ, ବିଭୀଷଣ ପ୍ରଧାନ, ଅଧ୍ୟାପିକା ବିନତି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଯୁକ୍ତ ୨ ବାଳକ ବିଭାଗର ଫାଇନାଲ ମ୍ୟାଚ ଯୁକ୍ତ ୨ ପ୍ରଥମ ବର୍ଷ କଳା ଓ ଯୁକ୍ତ ୨ ଦ୍ୱତୀୟ ବର୍ଷ କଳା ଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୨ କଳା ପ୍ରଥମ ବର୍ଷ ଛାତ୍ରମାନେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୫ ଉଇକେଟ ବିନିମୟରେ ୫୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ଯୁକ୍ତ ୨ ଦ୍ୱତୀୟ ବର୍ଷ କଳା ଛାତ୍ରମାନେ ୬ ଓଭରରେ ୯ ୱାଇକେଟ ବିନିମୟରେ ୪୦ ରନ୍ ସଂଗ୍ରହ କରି ୧୧ ରନ୍‌ରେ ପରାଜିତ ହୋଇଥିଲେ। ଯୁକ୍ତ ୩ ବାଳକ ବିଭାଗର ଫାଇନାଲ ମ୍ୟାଚ ଯୁକ୍ତ ୩ ବାଳକ ବିଭାଗ ଓଡ଼ିଆ ଅନର୍ସ ଓ ଯୁକ୍ତ ୩ ବିଜ୍ଞାନ ବିଭାଗ ଛାତ୍ର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଯୁକ୍ତ ୩ ବାଳକ ବିଭାଗ ଓଡ଼ିଆ ଅନର୍ସ ଛାତ୍ରମାନେ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୬ ଓଭରରେ ୫ ୱାଇକେଟ ବିନିମୟରେ ୫୨ ରନ୍ ସଂଗ୍ରହ କରିଥିଲେ। ଜବାବରେ ଯୁକ୍ତ ୩ ବିଜ୍ଞାନ ବିଭାଗ ଛାତ୍ରମାନେ ୬ ଓଭରରେ ୮ ୱାଇକେଟ ବିନିମୟରେ ୪୭ ରନ୍ ସଂଗ୍ରହ କରି ୫ ରନରେ ପରାଜିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ମିଶ୍ର ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିଲେ। କ୍ରିକେଟ ମ୍ୟାଚକୁ କଲେଜ ଖେଳ ଶିକ୍ଷକ ସଞ୍ଜୀବ ସାହୁ, ନୌସାଦ ମହମ୍ମଦ, କଲ୍ୟାଣ ମହାପାତ୍ର, ନବାବ ଖାନ ପ୍ରମୁଖ ପରିଚାଳନା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ କ୍ରୀଡ଼ା

**ତରଭା, ୨୯ ।୧୧(ସମିସ):** ଖାରୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ବାର୍ଷିକ ଖେଳକୁଦ ସମାରୋହ ଅନୁଷ୍ଠିତ ହୋଇଯାଇଛି। ହନୁମାନ ମନ୍ଦିରରୁ ମଶାଲ ଆସିବା ପରେ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ଅବସରପ୍ରାପ୍ତ ହୋମିଓପାଥି ଡାକ୍ତର ରମେଶ ଚନ୍ଦ୍ର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ହରିବୋଲ ସାହୁଙ୍କ ତତ୍ତ୍ୱାବଧାନରେ ସଭାପତି ରଘୁନାଥ ବେହେରା, ସମ୍ପାଦକ ସୁଦାମ ଶେଖର ଦାଶ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପଦକ ପ୍ରଦାନ କରାଯାଇଥିଲା।

## ରାଜ୍ୟ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତା



**ବଲାଙ୍ଗିର, ୨୯ ।୧୧(ସମିସ):** ୬୯ତମ ଓଡ଼ିଶା ରାଜ୍ୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବାଳକ ବର୍ଗର ଫୁଟବଲ ପ୍ରତିଯୋଗିତା ନକଆଉଟ ମ୍ୟାଚ ଏକ ନମ୍ବର ଗ୍ରାଉଣ୍ଡ ସଦେଇପାଲି ଖେଳ ପଡ଼ିଆରେ କେନ୍ଦ୍ରାପଡ଼ା ଓ ଭୁବନେଶ୍ୱର ମଧ୍ୟରେ ହୋଇଥିଲା। ଟାଇବ୍ରେକର ବଳରେ କେନ୍ଦ୍ରାପଡ଼ା ଦଳ ୩-୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଢେଙ୍କାନାଳ ଓ ମାଲକାନଗିରି ମଧ୍ୟରେ ହୋଇଥିଲା। ଢେଙ୍କାନାଳ ଦଳ ୩-୦ରେ ବିଜୟୀ ହୋଇଥିଲା। କେନ୍ଦ୍ରାପଡ଼ା ଓ ଢେଙ୍କାନାଳ ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ୧-୦ ଗୋଲରେ ବିଜୟୀ ହୋଇ ଢେଙ୍କାନାଳ ଦଳ ସେମିଫାଇନାଲକୁ ଉନ୍ନୀତ ହୋଇଛି। ସେହିପରି ୨ ନମ୍ବର ଗ୍ରାଉଣ୍ଡ ପୃଥ୍ୱିରାଜ ହାଇସ୍କୁଲ ଖେଳ ପଡ଼ିଆଠାରେ ପ୍ରଥମ ମ୍ୟାଚ ସୁନ୍ଦରଗଡ଼ ଦଳ କୋରାପୁଟକୁ ୨-୦ ଗୋଲରେ ହରାଇ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ମୟୁରଭଞ୍ଜ ଓ ନୟାଗଡ଼ ମଧ୍ୟରେ ହୋଇଥିଲା। ମୟୁରଭଞ୍ଜ ଦଳ ୧-୦ରେ ବିଜୟ ହୋଇଥିଲା। ତୃତୀୟ ମ୍ୟାଚ ମୟୁରଭଞ୍ଜ ଓ ସୁନ୍ଦରଗଡ଼ ମଧ୍ୟରେ ହୋଇଥିଲା। ମୟୁରଭଞ୍ଜ ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ମୟୁରଭଞ୍ଜ ଓ ବାଲେଶ୍ୱର ମଧ୍ୟରେ କ୍ୱାର୍ଟର ଫାଇନାଲ ମ୍ୟାଚ ହୋଇଥିଲା। ଖେଳ ଅମୀମାଂସିତ ହୋଇଥିବାରୁ ଟାଇବ୍ରେକର ସହାୟତାରେ ମୟୁରଭଞ୍ଜ ଦଳ ୫-୪ଗୋଲରେ ବିଜୟ ଲାଭ କରିଥିଲା। ସେହିପରି ତୃତୀୟ ଗ୍ରାଉଣ୍ଡ ମିଶନ ଖେଳ ପଡ଼ିଆଠାରେ ପୁରୀ ଓ ବାଲେଶ୍ୱର ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଖେଳ ଅମୀମାଂସିତ ରହିଥିବାରୁ ଟାଇବ୍ରେକର ସହାୟତାରେ ବାଲେଶ୍ୱର ଦଳ ୩-୧ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଅନୁଗୁଳ ଓ ସୋନପୁର ମଧ୍ୟରେ ହୋଇଥିଲା। ଅନୁଗୁଳ ଦଳ ୪-୦ ଗୋଲରେ ବିଜୟୀ ହୋଇ କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। କ୍ୱାର୍ଟର ଫାଇନାଲରେ ବଲାଙ୍ଗୀରଠାରୁ ୪-୧ଗୋଲରେ ପରାସ୍ତ ହୋଇଥିଲା। ଚତୁର୍ଥ ଗ୍ରାଉଣ୍ଡ ଆର.ଏନ. ସିଂଦେଓ ସ୍ପୋର୍ଟ୍ସ କଂପ୍ଲେକ୍ସ ପଡ଼ିଆର ପ୍ରଥମ ମ୍ୟାଚରେ ବଲାଙ୍ଗୀର ଦଳ ନୂଆପଡ଼ାକୁ ୬-୦ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଗଞ୍ଜାମ ଦଳ ବରଗଡ଼ ଦଳକୁ ୨-୦ ଗୋଲରେ ପରାସ୍ତ କରିଥିଲା। ତୃତୀୟ ମ୍ୟାଚରେ ବଲାଙ୍ଗୀର ଦଳ ଗଞ୍ଜାମ ଦଳକୁ ୨-୦ ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ଅନୁଗୁଳ ଦଳକୁ ୪-୧ ଗୋଲରେ ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ପଞ୍ଚମ ଗ୍ରାଉଣ୍ଡର ପ୍ରଥମ ମ୍ୟାଚରେ ନବରଙ୍ଗପୁର ଦଳ ଖୋର୍ଦ୍ଧାକୁ ୩-୦ ଗୋଲରେ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ କେନ୍ଦୁଝର ଦଳ କଟକ ଦଳକୁ ୨-୧ ଗୋଲରେ ପରାସ୍ତ କରି କ୍ୱାର୍ଟର ଫାଇନାଲକୁ ପ୍ରବେଶ କରିଥିଲା। ନବରଙ୍ଗପୁର ଓ କେନ୍ଦୁଝର ମଧ୍ୟରେ ହୋଇଥିବା କ୍ୱାର୍ଟର ଫାଇନାଲ ମ୍ୟାଚ ଟାଇବ୍ରେକର ଯୋଗେ କେନ୍ଦୁଝର ଦଳ ୪-୩ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଥିଲା। ରବିବାର ପ୍ରଥମ ସେମିଫାଇନାଲ ମ୍ୟାଚ ଗାନ୍ଧୀ ଷ୍ଟାଡିୟମଠାରେ ଢେଙ୍କାନାଳ ଓ ମୟୁରଭଞ୍ଜ ମଧ୍ୟରେ ହେବ। ଦ୍ୱିତୀୟ ସେମିଫାଇନାଲ ମ୍ୟାଚ କେନ୍ଦୁଝର ଓ ବଲାଙ୍ଗୀର ମଧ୍ୟରେ ଆର.ଏନ. ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହେବ। ଉଭୟ ମ୍ୟାଚରୁ ବିଜୟୀ ଦଳ ଗାନ୍ଧୀ ଷ୍ଟାଡିୟମରେ ଫାଇନାଲ ମ୍ୟାଚରେ ଅଂଶଗ୍ରହଣ କରିବେ। ତେବେ ନରସିଂହ ନାଇଡୁ, ମନୋରଞ୍ଜନ ପ୍ରହରାଜ, ବୈକୁଣ୍ଠ ଜେନା, ରାମକୃଷ୍ଣ ବେହେରା, ଭାଗୀରଥି ମଲ୍ଲିକ, ଦୁର୍ଯ୍ୟୋଧନ ରାଉତ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।



## ସେନ୍ସର ପ୍ରତୀକ୍ଷାରେ 'ଅପେକ୍ଷା'

### ଆକର୍ଷିତ କରିବ ହ୍ୟୁମାନଙ୍କ ଗୀତ

ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଅପେକ୍ଷା'ର ପ୍ରଯୋଜକ ଡ. କେ. ତମନ୍ନା. ସେନ୍ସର ଅପେକ୍ଷାରେ ଅଛନ୍ତି। ନୂଆପିଢ଼ିର ନାୟକ ସାର୍ଥକ ଏବଂ ନାୟିକା ଶୁଭାଙ୍ଗୀଙ୍କୁ ଏଥିରେ ଦେଖିବାକୁ ମିଳିବ। ପୂର୍ବରୁ ଡ. କେ ତମନ୍ନା ଅନେକ ତେଲୁଗୁ ଚଳଚ୍ଚିତ୍ର କରିସାରିଛନ୍ତି। ଓଡ଼ିଆରେ 'କଟକ ୱେଡ୍ସ ସମ୍ବଲପୁର' ଏବଂ 'ମହାବାହୁ' ପରି ଚଳଚ୍ଚିତ୍ର ଯୁଗ୍ମ ପ୍ରଯୋଜକ ଭାବେ ନିର୍ମାଣ କରିଥିଲେ। ଏବେ ନିଜସ୍ୱ ବ୍ୟାନର Studio 3Sixty5 ରେ ପ୍ରଯୋଜିତ 'ଅପେକ୍ଷା'ର ସେନ୍ସର ପାଇଁ ଅପେକ୍ଷା କରିଛନ୍ତି। ସମସ୍ତ କଳାକାର ଓ ନିର୍ଦ୍ଦେଶକ ଏ ଫିଲ୍ମ ପାଇଁ ଢେର୍ ପରିଶ୍ରମ ମଧ୍ୟ କରିଛନ୍ତି। ତେବେ ଫିଲ୍ମଟି ରିଲିଜ୍ ହେଲେ ଓଡ଼ିଆ ଚଳଚ୍ଚିତ୍ର ଜଗତରେ ନୂଆ କଳାକାର, ନିର୍ଦ୍ଦେଶକଙ୍କ ପରିଚୟ ଓ ପ୍ରତିଷ୍ଠା ନିଶ୍ଚୟ ବଢ଼ିବ। ଏହି ସିନେମାରେ ଚୌଧୁରୀ ବିକାଶ ଦାସ, ପ୍ରଦୀପ ଦେବତା, ପୁଷ୍ପା ପଣ୍ଡା, ଶକ୍ତି ବରାଳ, ଗୁଡୁ ପ୍ରମୁଖ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ଆନନ୍ଦ କୁମାର, ସଂଗୀତ ନିର୍ଦ୍ଦେଶନାରେ ଅଛନ୍ତି ବୈଦ୍ୟନାଥ ଦାଶ। କାହାଣୀ ଓ ସଂଳାପ ଆଶୁତୋଷ ବାରିକ ଲେଖିଥିବାବେଳେ ନିର୍ମଳ ନାୟକ ଏବଂ ଅରୁଣ ମନ୍ତ୍ରୀ ଗୀତ ରଚନା କରିଛନ୍ତି। ଗୀତଗୁଡ଼ିକରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର, ଅସୀମା ପଣ୍ଡା, ଚିରାଗ, ଇପ୍‌ସିତା ସାହୁ ଓ ଉମାକାନ୍ତ ବାରିକ। ସିନେମାର ରୋମାଣ୍ଟିକ୍ ଦୃଶ୍ୟ ସହିତ ପ୍ରେତାତ୍ମାର ଦୌରାତ୍ମ୍ୟ ଓ ହ୍ୟୁମାନ ସାଗରଙ୍କ ଗୀତଗୁଡ଼ିକ ଦର୍ଶକଙ୍କୁ ଆକର୍ଷିତ କରିବ ବୋଲି ଆଶା କରାଯାଏ। ■




## 'ଲଢ଼େଇ'କୁ 'ଏ' ସାର୍ଟିଫିକେଟ୍



ସେନ୍ସର ସାର୍ଟିଫିକେଟ ନ ମିଳିବା କାରଣରୁ ନିର୍ଦ୍ଧାରିତ ତାରିଖରେ ଓଡ଼ିଆ ସିନେମା 'ଲଢ଼େଇ' ମୁକ୍ତିଲାଭ କରିପାରି ନଥିଲା। ତେବେ ଏହାକୁ 'ଏ' ସାର୍ଟିଫିକେଟ ମିଳିବା ସହ ଡିସେମ୍ବର ୩୧ ତାରିଖରେ ଏହା ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ଡିଆର୍‌ଏସ୍ ଏଣ୍ଟରପ୍ରାଇଜେସ୍ ପକ୍ଷରୁ ପୁନର୍ବାର ଘୋଷଣା କରାଯାଇଛି। ଏହି ଚଳଚ୍ଚିତ୍ର ଜରିଆରେ ନବାଗତ ନାୟକ ଲୋହିତାକ୍ଷ ଚଳଚ୍ଚିତ୍ର ଜଗତରେ ପଦାର୍ପଣ କରୁଛନ୍ତି। ଜବରଦସ୍ତ ଲୁକ୍ ଓ ଷ୍ଟାଇଲ୍ ଷ୍ଟେଟମେଣ୍ଟ ସହିତ ଫିଲ୍ମରେ ନଜର ଆସିବେ ଲୋହିତାକ୍ଷ। ଅଶୋକ ପତିଙ୍କ ନିର୍ଦ୍ଦେଶିତ ତଥା ଦେବାଶିଷ ପଟ୍ଟନାୟକଙ୍କ ପ୍ରଯୋଜିତ 'ଲଢ଼େଇ'ରେ ତାଙ୍କ ବିପକ୍ଷରେ ନାୟିକା ସାଜୁଛନ୍ତି ନବାଗତା ଅଭିଲିପ୍ସା। 'ଲଢ଼େଇ' ଏକ ବଳିଷ୍ଠ, ମୌଳିକ ଓ ଭିନ୍ନ ଧରଣର କଥାବସ୍ତୁ ଉପରେ ପର୍ଯ୍ୟବସିତ। ଏହାର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଭରଦ୍ୱାଜ ପଣ୍ଡା। ଲୋହିତାକ୍ଷ ଓ ଅଭିଲିପ୍ସାଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ପ୍ରୀତିରଞ୍ଜନ, କେକେ, ବିଭାସ, ଉଦିତ ଗୁରୁ, ସୋମେଶ, ମଧୁ, ସ୍ମିତା ଚୌଧୁରୀ, ମନୋଜ ଦଣ୍ଡପାଟ, ରାଜଲକ୍ଷ୍ମୀ ଡାକୁଆ, ରବି ନାରାୟଣ ବେହେରା, ସୁଶାନ୍ତ, ରାଜଲକ୍ଷ୍ମୀ ମହାପାତ୍ର ଓ ଅଶୋକ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିବ। ଏହାର ସଙ୍ଗୀତ ଦେଇଛନ୍ତି ଗୌରବ ଆନନ୍ଦ ଓ ସୋମେଶ ଶତପଥି। ଡ. ନିର୍ମଳ ନାୟକ, ବାପୁ ଗୋସ୍ୱାମୀ ଓ ଜେ. ପି ୱାର୍ଡସ୍ମିଥଙ୍କ ଦ୍ୱାରା ରଚିତ ଗୀତଗୁଡ଼ିକରେ କଣ୍ଠ ଦାନ କରିଛନ୍ତି କୁଳଦୀପ ପଟ୍ଟନାୟକ, ଅସୀମା ପଣ୍ଡା, ଅନ୍ତରା ଚକ୍ରବର୍ତ୍ତୀ, ସ୍ୱୟଂ ପ୍ରଭାସ ପାଢ଼ୀ, ଅନନ୍ୟା ଶ୍ରୀତମ ନନ୍ଦ, ସୌରଭ ଭରଦ୍ୱାଜ, ଗୌରବ ଆନନ୍ଦ ଓ ସୋମେଶ ଶତପଥୀ ପ୍ରମୁଖ ସମସ୍ତ ଆଗଧାଡ଼ିର କଣ୍ଠଶିଳ୍ପୀ। ରାପର ଆଡିକ୍ସନଙ୍କ ଦ୍ୱାରା ଶୀର୍ଷକ ଗୀତରେ ଏକ ଚମତ୍କାର ରାପ୍ ମଧ୍ୟ ସଂଯୋଜିତ ହୋଇଛି। ଚଳଚ୍ଚିତ୍ରରେ ସମୁଦାୟ ୪ଟି ଗୀତ ସ୍ଥାନିତ ହୋଇଛି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। 'ଲଢ଼େଇ' ସାରା ଓଡ଼ିଶାରେ ପାଖାପାଖି ୫୦ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରୁଥିବା ବେଳେ ରାଜ୍ୟ ବାହାରେ ମୁମ୍ବାଇ, ଗୋଆ, ପୁନେ, ହାଇଦ୍ରାବାଦ ଓ ବେଙ୍ଗାଲୁରୁରେ ମଧ୍ୟ ମୁକ୍ତିଲାଭ କରିବାର ଯୋଜନା ରହିଛି। ■

## ଆଇଟମ୍ ଗୀତରେ ସୂର୍ଯ୍ୟମୟୀ



ନାୟିକାମାନେ ଆଇଟମ୍ ଗୀତରେ ଅଭିନୟ କରିବା କିଛି ନୂଆ କଥା ନୁହେଁ। କିନ୍ତୁ ଅଭିନେତ୍ରୀ ସୂର୍ଯ୍ୟମୟୀ ଏକ ଆଇଟମ୍ ଗୀତରେ ଅଭିନୟ କରିଛନ୍ତି। ଯାହାକୁ ନେଇ ଏବେ ଖୁବ୍ ଚର୍ଚ୍ଚା ହେଉଛି। ଫିଲ୍ମ 'ରକ୍ତ ଗୋଲାପ'ରେ ରହିଛି ଏହି ଚର୍ଚ୍ଚିତ ଆଇଟମ୍ ଗୀତ। ସମ୍ବଲପୁରୀ ଫ୍ଲେବର୍ ସାଙ୍ଗକୁ ସୂର୍ଯ୍ୟମୟୀଙ୍କ ଠୁମକା ଦର୍ଶକଙ୍କ ମନ କିଣି ନେବ ନିଶ୍ଚୟ। 'ପାତଲ ଘଣ୍ଟା...' ଶୀର୍ଷକ ଏ ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ। ସଙ୍ଗୀତ ଦେଇଛନ୍ତି ଆଶିଷ ପ୍ରଧାନ। ଅସୀମା ପଣ୍ଡା କଣ୍ଠଦାନ କରିଛନ୍ତି। ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ଅମିତ। ଏହି ଗୀତ ଏବଂ ଏଥିରେ ସୂର୍ଯ୍ୟମୟୀଙ୍କ ଉପସ୍ଥିତି ଚଳଚ୍ଚିତ୍ର ପାଇଁ ୟୁଏସ୍‌ଏସ୍‌ପି ସାଜିବ ବୋଲି କୁହାଯାଉଛି। ■

ଟେଲିଭିଜନ ପ୍ରିମିୟର

## 'ବୋହୂ ୪୨୦'

ନଭେମ୍ବର ୩୦ ତାରିଖ ସନ୍ଧ୍ୟା ୬ଟା ୩୦ରେ ଜୀ ସାର୍ଥକରେ ଟେଲିଭିଜନ ପ୍ରିମିୟର୍ ହେବ 'ବୋହୂ ୪୨୦'। 'ଆଦି ଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ' ପ୍ରସ୍ତୁତ ତଥା ଅର୍ଦ୍ଧେନ୍ଦୁ ସୁନ୍ଦର ସାହୁଙ୍କ ଦ୍ୱାରା ନିର୍ମିତ ଏବଂ ରାଜେଶ ମହାନ୍ତିଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟିରେ ସସପେନ୍ସ, ଥ୍ରିଲର ସହ ସାମାଜିକ ପ୍ରାସଙ୍ଗିକତାର ଏକ ଆକର୍ଷଣୀୟ ମିଶ୍ରଣ ରହିଛି। 'ବୋହୂ ୪୨୦' ହେଉଛି କସ୍ତୁରୀ ନାମକ ଜଣେ ଝିଅର ରୋମାଞ୍ଚକର ଜୀବନ ଯାତ୍ରାକୁ ନେଇ ଏକ ସୁନ୍ଦର କାହାଣୀ। ଫିଲ୍ମରେ ନିକିତା ମିଶ୍ର ଏବଂ ଜ୍ୟୋତି ପ୍ରକାଶ ପଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ପୁଷ୍ପା ପରିଡ଼ା, ସତ୍ୟ ରଂଜନ ବଳ ଏବଂ ଉମାକାନ୍ତ ନାୟକଙ୍କ ଲିଖିତ ଗୀତ ଗୁଡ଼ିକକୁ ସଙ୍ଗୀତରେ ସଜାଇଛନ୍ତି ଶାନ୍ତନୁ ନାୟକ ଓ କଣ୍ଠ ଦାନ କରିଛନ୍ତି ଚିରାଗ ଦୀପ, ଅଭିଜିତ୍, ଗୀତିଶ୍ରୀ, ପ୍ରିୟମ୍ବଦା ଓ ଅରୁତୋଷ। କାହାଣୀ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା। ■



## "ସିନେମାରେ ଅଭିନୟ କରିବାର ଲକ୍ଷ୍ୟ ରହିଛି"

ରୋମ୍ୟାଞ୍ଜଳି, ଅଭିନେତ୍ରୀ

ଆଳାପ

ଭାରତୀୟ ସେନାରେ ଯୋଗ ଦେବାକୁ ସେ ସ୍ୱପ୍ନ ଦେଖିଥିଲେ। ଏନ୍‌ସିସିରେ ଭାଗ ନେଉଥିଲେ। ଫାଙ୍କା ସମୟ ଦେଖି ଟିକ୍‌ଟକ୍‌ରେ ଭିଡିଓ ତିଆରି କରିବା ଆରମ୍ଭ କଲେ। ଟିକ୍‌ଟକ୍‌ରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା। ସୌଭାଗ୍ୟବଶତଃ ଟିକ୍‌ଟକ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡ଼ିଓରେ କାମ କରିବାକୁ ସୁଯୋଗ ମିଳିଥିଲା। ବର୍ତ୍ତମାନ ଆଲବମ୍ ଜଗତର ଜଣେ ଜଣାଶୁଣା ନାୟିକା ହେଉଛନ୍ତି ଢେଙ୍କାନାଳ ଜିଲ୍ଲାର ଭୁବନର ରୋମ୍ୟାଞ୍ଜଳି। ସେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛନ୍ତି। ତାଙ୍କ ଅଭିନୀତ 'ରସ ଜାମୁଡ଼ାଳି', 'ସେଦିନୁ ମୁଁ ହୁନୁ ହୁନୁ', 'ଧାକୁଲୁ ଧାକୁଲୁ ହାର୍ଟ', 'ରଙ୍ଗବତୀ ନାଚ', 'ପରଦେଶୀୟା ରାଜା', 'ମତେ ବୁଲେଇ ନେବୁ କି ସମ୍ବଲପୁର' ଆଦି ମ୍ୟୁଜିକ୍ ଭିଡ଼ିଓ ଦର୍ଶକଙ୍କ ହୃଦୟକୁ ଅଧିକ ଛୁଇଁଥିଲା। ରୋମ୍ୟାଞ୍ଜଳିଙ୍କ ନୃତ୍ୟ ଓ ଅଭିନୟ ଯାତ୍ରା ସଂପର୍କରେ ଜାଣିବା ତାଙ୍କରି ମୁହଁରୁ।



**କଳା ଦୁନିଆକୁ କାହିଁକି ବାଛିଲେ?**
ଛୋଟ ବେଳୁ ମୋର ଇଚ୍ଛା ଥିଲା ମୁଁ ଭାରତୀୟ ସେନାରେ ଯୋଗ ଦେବି। ସ୍କୁଲରୁ କଲେଜ ଏନ୍‌ସିସିରେ ଭାଗ ନେଉଥିଲି। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ବି ପଢ଼ା ଚାଲିଥିଲା। ୨୦୨୦ ମସିହାରେ ଟିକ୍‌ଟକ୍‌ରେ ଭିଡିଓ ବନାଇବା ଆରମ୍ଭ କରିଲି। ମୋ ଭିଡିଓ ଅନେକଙ୍କୁ ପସନ୍ଦ ଆସିଲା। ଏହା ପରେ ଯେତେବେଳେ ଟିକ୍‌ଟକ୍ ବ୍ୟାନ୍ ହୋଇଗଲା ସେତେବେଳକୁ ପ୍ରେମ ଦର୍ଶନ ପକ୍ଷରୁ ମୋତେ ମ୍ୟୁଜିକ୍ ଆଲବମ୍ କରିବାକୁ ସୁଯୋଗ ମିଳିଲା। 'ଦେଖିଛୁ ତ ପ୍ରେମ ମୋର ଏବେ ଘୃଣା ଦେଖିବୁ' ମୋର ପ୍ରଥମ ମ୍ୟୁଜିକ୍ ଭିଡିଓ। ପ୍ରଥମ ଥର କ୍ୟାମେରାକୁ ସାମ୍ନା କରିବା ସମୟରେ ଟିକେ ନର୍ଭସ ଥିଲି। ଏହି ମ୍ୟୁଜିକ୍ ଭିଡିଓ ମୋ କ୍ୟାରିୟରର ଟର୍ଣ୍ଣିଂ ପଏଣ୍ଟ। ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡ଼ିଓରେ କାମ କରିଛି।

**ରିଆଲିଟି ଶୋ'ରେ ନଜର ଆସୁଛନ୍ତି, ଏହାର କାରଣ କ'ଣ?**
ଅନେକ ମ୍ୟୁଜିକ୍ ଭିଡିଓରେ କାମ କଲା ପରେ ଦର୍ଶକଙ୍କ ସହିତ ସିଧାସଳଖ ଯୋଡ଼ି ରହିବାକୁ ରିଆଲିଟି ଶୋ'ରେ ଭାଗ ନେଉଛି। ତରଙ୍ଗ ଏବଂ ଜୀ ସାର୍ଥକ ଚ୍ୟାନେଲର 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ' ଏବଂ 'କିଚେନ୍ ହଙ୍ଗାମା'ରେ ଭାଗ ନେଇ ମୁଁ ମୋର ଅନ୍ତର୍ନିହିତ କଳା ଦେଖାଇବାକୁ ପ୍ରୟାସ କରୁଛି। ମୋ ପରି ଅନେକ ତାରକା ଏଥିରେ ଭାଗ ନେଇ ନୃତ୍ୟ, ଭାବଭଙ୍ଗୀ, ଗୋଟେ ଚରିତ୍ର ଭିତରେ କେମିତି ପଶି ହେବ ସେ ସବୁକୁ ଶିଖିପାରୁଛୁ।

**ସଫଳତାର ଶ୍ରେୟ କାହାକୁ ଦେବେ?**
ମୋ ପରିବାର ଆଉ ପ୍ରେମ ଦର୍ଶନକୁ। ମୁଁ ସବୁବେଳେ କାମର ପାର୍ଟନକୁ ଦେଖେ। ଗୁରୁଜନଙ୍କ କଥାକୁ ଗ୍ରହଣ କରେ। ଭଲ ମନ୍ଦ କ'ଣ ତାହାକୁ ଗଭୀର ଭାବେ ଚିନ୍ତା କରେ। ଦର୍ପଣ ସାମ୍ନାରେ ଅଭ୍ୟାସ କରେ। ଗୋଟେ କଥା କହିବି ଏହି ଲାଇନ୍ କାମ କରିବାରେ ମୋତେ ଗୋଟେ ପ୍ରକାର ଖୁସି ମିଳେ।

**ସୁଟିଂ ନ ଥିଲେ କ'ଣ କରନ୍ତି?**
ଘରେ ଆରାମ କରେ। ପଢ଼ାପଢ଼ି କରିବାକୁ ଭଲ ପାଏ। ନାଚେ। ସ୍ୱାଦିଷ୍ଟ ଖାଦ୍ୟ ବନାଏ ଆଉ ଖୁଆଏ।

**ବଡ଼ ପରଦାରେ କାମ କରିବାକୁ ଆଗ୍ରହ ରହିଛି କି?**
ପ୍ରତ୍ୟେକ କଳାକାରଙ୍କ ପରି ମୁଁ ମଧ୍ୟ ଗୋଟିଏ ପାହାଚରୁ ଆଉ ଗୋଟିଏ ପାହାଚକୁ ଅତିକ୍ରମ କରିବାକୁ ଇଚ୍ଛା ରଖିଛି। ଆଗକୁ ଧାରାବାହିକ କିମ୍ବା ବଡ଼ ପରଦାରେ ନିଜକୁ ଦେଖିବାକୁ ଲକ୍ଷ୍ୟ ରଖିଛି।

**ରୋମ୍ୟାଞ୍ଜଳିଙ୍କ ଡ୍ରିମ ରୋଲ୍?**
ଆଶା କରିବି ମୋତେ ଯାହା ବି ଚରିତ୍ର ମିଳିବ ସେ ସବୁଥିରେ ଭଲ କରିପାରିବି। ଆଉ ଦର୍ଶକଙ୍କ ମନୋରଞ୍ଜନ କରିବି। କିନ୍ତୁ ହଁ ଭବିଷ୍ୟତରେ ନାରୀ କୈନ୍ଦ୍ରିକ ଏବଂ ଗ୍ରାମାଞ୍ଚଳର କାହାଣୀକୁ ନେଇ ସିନେମାରେ କାମ କରିବାକୁ ଆଶା ରହିଛି। ■

## 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ନୂଆ ସିଜିନ୍ ପ୍ରସାରଣ

ଜୀ ସାର୍ଥକରେ ନଭେମ୍ବର ୨୯ ତାରିଖରେ ଓଡ଼ିଶାର ସବୁଠୁ ବଡ଼ ଡାନ୍ସ ରିଆଲିଟି ଶୋ' 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ'ର ଏକ ନୂଆ ସିଜିନ୍ ପ୍ରସାରଣ ଆରମ୍ଭ ହୋଇଛି। ଏହାକୁ ଏବେ 'ଡ୍ୟାନ୍ସ ଓଡ଼ିଶା ଡ୍ୟାନ୍ସ – ସେଲିବ୍ରିଟି ୱିଥ୍ ଲିଟିଲ୍ ମାଷ୍ଟର୍ସ' ଭାବରେ ପୁନଃକଳ୍ପିତ କରାଯାଇଛି। ଏହି ସିଜିନ୍ ରୋମାଞ୍ଚକର ହୋଇଛି। କାରଣ ପ୍ରଥମଥର ପାଇଁ ଲୋକପ୍ରିୟ ଓଡ଼ିଆ ସେଲିବ୍ରିଟିମାନଙ୍କୁ ଅସାଧାରଣ ପ୍ରତିଭାଶାଳୀ ଶିଶୁ ପ୍ରତିଯୋଗୀମାନଙ୍କ ସହ ଯୋଡ଼ିବାର ପ୍ରୟାସ କରାଯାଇଛି ଏହି ଡ୍ୟାନ୍ସ ରିଆଲିଟି ଶୋ'। ଏହି ଶୋ' ପ୍ରତି ଶନିବାର ଓ ରବିବାର ସନ୍ଧ୍ୟା ୯:୩୦ରେ ପ୍ରସାରିତ ହେବ। ଏଥର ୧୦ ଜଣ ସେଲିବ୍ରିଟି ଏବଂ ୧୦ ଜଣ ଲିଟିଲ୍ ମାଷ୍ଟର୍ସ ରଙ୍ଗବତୀ ୨.୦ ଏବଂ ଲଚକମଣି ୨.୦ ନାଁରେ ଦୁଇଟି ଦଳ ଗଠନ କରାଯାଇଛି। ସେଲିବ୍ରିଟି ନିକିତା, ଦେବସ୍ମିତା, ଅନନ୍ୟା, ରୋମ୍ୟାଞ୍ଜଳି, ସୁଶ୍ରୀ, ପିହୁ, ଲଭରିନ, ସୁଲଗ୍ନା, ହିତୈସା, ମାନସୀ ପ୍ରମୁଖ ପ୍ରତ୍ୟେକ ଏପିସୋଡ୍‌ରେ ନୃତ୍ୟର ବିଭିନ୍ନ ଶୈଳୀ ମାଧ୍ୟମରେ ଲିଟିଲ୍ ମାଷ୍ଟର୍ସ ଯୋଡ଼ିମାନଙ୍କ ସହ ନିଜର ନୃତ୍ୟକଳା ଦ୍ୱାରା ଓଡ଼ିଶାର ଦର୍ଶକଙ୍କ ପାଇଁ ଏକ ନୂତନ ଅନୁଭୂତି ଆଣିବେ। ଏହି ଶୋ'କୁ ସୁଜିତ ପାଇକରାୟ ହୋଷ୍ଟ କରିଛନ୍ତି। ବିଚାରକ ପ୍ୟାନେଲରେ ଦେବାଶିଷ ପାତ୍ର, ହରିହର ଦାସ, ଅମିତ ନାୟକ ଏବଂ ସୂର୍ଯ୍ୟମୟୀ ମହାପାତ୍ର ଅଛନ୍ତି। ଅନ୍ୟପଟେ ଏହି ଶୋ'ରେ ଏକ ସ୍ୱତନ୍ତ୍ର ସ୍ୱାଦ ଯୋଡ଼ିବେ ୟୁଟ୍ୟୁବ୍ କମେଡି ସେନସେସନ୍ ରାଜୁ ଦାସ (ସାହୁ ବାବୁ ଫେମ) ଏବଂ ଏହି ମଞ୍ଚରେ ସାହୁ ଭେରାଇଟି ଷ୍ଟୋର୍ ଏକ ମନୋରଞ୍ଜନକାରୀ ଖୋରାକ ଯୋଗାଇବା ସହ ସାହୁ ବାବୁ ଭରିଛନ୍ତି କମେଡିର ତଡ଼କା। ■



ପରଦା ପଛର କାହାଣୀ

## ସୁଟିଂ ସମୟରେ ଅଭିନେତା ଗିରଫ

୧୯୯୨ ମସିହାରେ ମୁକ୍ତିଲାଭ କରିଥିଲା ଫିଲ୍ମ 'ବିଶ୍ୱାତ୍ମା'। ସନି ଦେଓ୍ୱଲ୍ ଓ ଦିବ୍ୟାଭାରତୀଙ୍କ ଅଭିନୀତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା। ଫିଲ୍ମର ଅଧିକାଂଶ ଦୃଶ୍ୟ କେନ୍ୟାରେ ସୁଟିଂ ହୋଇଥିଲା। ନିକଟରେ ଫିଲ୍ମ ନିର୍ଦ୍ଦେଶକ ରାଜୀବ ରାୟ ଫିଲ୍ମକୁ ନେଇ ରୋଚକୀୟ କଥା ଖୁଲାସା କରିଛନ୍ତି। କେନ୍ୟାରେ ଏହି ଫିଲ୍ମ ସୁଟିଂ ସମୟରେ ଦୁଇଜଣ ଅଭିନେତାଙ୍କୁ ଗିରଫ କରାଯାଇଥିଲା। ଅବଶ୍ୟ ଏ ସଂପର୍କରେ ଅନେକ ଜାଣି ନଥିଲେ। ବହୁବର୍ଷ ପରେ ସେ ଏହାର ଖୁଲାସ କରିଛନ୍ତି। ରାଜୀବ ଓ ଫିଲ୍ମର କଳାକାରମାନେ ନାଇରୋବି ଏବଂ ମୋମ୍ବାସାରେ ସୁଟିଂ କରୁଥିଲେ। ଏଥିପାଇଁ ତାଙ୍କୁ ବହୁ ସମସ୍ୟାର ସାମ୍ନା କରିବାକୁ ପଡ଼ିଥିଲା। ରାଜୀବଙ୍କ କହିବାନୁଯାୟୀ, ବିଦେଶରେ ସୁଟିଂ କରିବା ପଛରେ କୌଣସି ଖାସ୍ କାରଣ ନ ଥିଲା। ଫିଲ୍ମର କାହାଣୀ ଅନୁଯାୟୀ, ଖଳନାୟକ ଫେରାର ହୋଇଯାଇଥିଲା। ସୁଟିଂ ପାଇଁ ତାଙ୍କ ହିସାବରେ ଆଫ୍ରିକା ଏକ ଶସ୍ତା ଦେଶ ଥିଲା। ତେଣୁ ସେ ସେଠାରେ ସୁଟିଂ ପାଇଁ ସ୍ଥିର କରିଥିଲେ। ସେ ପୂର୍ବରୁ ସେଠାରେ କାର୍ଯ୍ୟ କରିଥିବାରୁ ତାଙ୍କର କିଛି ପରିଚିତ ବନ୍ଧୁ ଥିଲେ। ସେମାନେ ସୁଟିଂ ପାଇଁ ସହଯୋଗ କରିଥିଲେ। କିନ୍ତୁ ନାଇରୋବିରେ ଫିଲ୍ମ ସୁଟିଂକୁ ନେଇ କିଛି ନିୟମ କାନୁନ ରହିଛି। ଏଠାରେ ରାତ୍ରି ସମୟରେ ମନଇଚ୍ଛା ବୁଲିବା ନିଷେଧ। ଏଥିସହ ସାଥିରେ ଡଲାର୍ ନେଇ ଯିବା ପାଇଁ ମଧ୍ୟ ଅନୁମତି ନ ଥାଏ। ବିଦେଶରେ ଥିବାରୁ ଅଭିନେତାଙ୍କ ପାଖରେ କିଣାକିଣି ପାଇଁ ୧୦-୧୫ ଡଲାର ଥିଲା। ନିୟମ ଅନୁସାରେ ଡଲାର ରଖି ଧରାପଡ଼ିଲେ ଗୁଳିମାଡ଼ ଖାଇବାର ମଧ୍ୟ ସମ୍ଭାବନା ରହିଛି। ଏହା କଡ଼ା ନିୟମ ପାଳନ କରୁଥିବା ଦେଶ। 'ବିଶ୍ୱାତ୍ମା' ସୁଟିଂ ସମୟରେ ଅଭିନେତା ଦୁଇଜଣ ରାତିରେ ବୁଲିବା ପାଇଁ ବାହାରିଥିଲେ। ସେମାନେ ସଡ଼କରେ ବୁଲୁଥିବା ସମୟରେ ତାଙ୍କୁ ଦେଖି ଗିରଫ କରାଯାଇଥିଲା। ଏହାପରେ ଦୁଇଜଣଙ୍କୁ ଜେଲ୍‌ରେ ଭର୍ତ୍ତି କରାଯାଇଥିଲା। ଜେଲ୍‌ରେ ବନ୍ଦୀ ହେବା ପରେ ଏହି ଘଟଣା ରାଜୀବଙ୍କ ପାଖରେ ପହଞ୍ଚିଥିଲା। ଏହାପରେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସେ ଅଭିନେତାଙ୍କୁ ଜେଲ୍‌ରୁ ବାହାର କରିଥିଲେ। ରାଜୀବ ଏବଂ ଫିଲ୍ମ ପ୍ରଡ୍ୟୁସର୍‌ଙ୍କ ସ୍ଥାନୀୟ ଲୋକଙ୍କ ସହ ସମ୍ପର୍କ ଭଲ ଥିବାରୁ ତାଙ୍କୁ ଜେଲ୍‌ରୁ ବାହାର କରିବା ସହଜ ହୋଇଥିଲା। ■



### ପୁରୁଷ ଜୁନିଅର ହକି ବିଶ୍ୱକପ୍

# ଓମାନକୁ ୧୭-୦ରେ ହରାଇଲା ଭାରତ

ଚେନ୍ନଇ,୨୯।୧୧(ଏଜେନ୍ସି): ଆୟୋଜକ ଭାରତ ଏଠାରେ ଚାଲିଥିବା ପୁରୁଷ ଜୁନିଅର ବିଶ୍ୱକପ୍ ହକିରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୁଲ-ବି'ରେ ସ୍ଥାନ ପାଇଥିବା ଭାରତ ଆଜିର ଖେଳରେ ଓମାନକୁ ୧୭-୦ ଗୋଲରେ ପରାସ୍ତ କରିଛି। ଗତକାଲି ଚିଲିକୁ ୭-୦ ଗୋଲରେ ହରାଇଥିବା ଭାରତ ପୂରା ପଏଣ୍ଟ ପାଇଛି। ଅନ୍ୟ ପକ୍ଷରେ ଏହି ଗ୍ରୁପ୍‌ରେ ସ୍ଥାନ ପାଇଥିବା ସ୍ୱିଜରଲାଣ୍ଡ ପ୍ରଥମ ମ୍ୟାଚ୍‌ରେ ଓମାନକୁ ୪-୦ ଓ ଦ୍ୱିତୀୟ ମ୍ୟାଚ୍‌ରେ ଚିଲିକୁ ୩-୨ ଗୋଲରେ ହରାଇ କ୍ରମାଗତ ବିଜୟ ହାସଲ କରିଛି। ଗ୍ରୁପ୍-ବି'ରେ ଉଭୟ ଭାରତ ଓ ସ୍ୱିଜରଲାଣ୍ଡ ସମାନ ପଏଣ୍ଟ ପାଇଛନ୍ତି। ଡିସେମ୍ବର ୨ରେ ଏହି ଗ୍ରୁପ୍‌ର ଶେଷ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଖେଳାଯିବ। ଏଥିରେ ଭାରତ ଓ ସ୍ୱିଜରଲାଣ୍ଡ ପରସ୍ପରକୁ ଭେଟିବେ। ଏହି ମ୍ୟାଚ୍‌ର ଫଳାଫଳ ପରେ ଗ୍ରୁପ-ବି'ରେ କେଉଁ ଦଳ ବିଜୟୀ ହେବ ତାହା ପରେ ଜଣାପଡ଼ିବ। ଏହି ମୁକାବିଲାରେ ଭାରତ ପକ୍ଷରୁ ମନ୍‌ମିତ ସିଂହ, ଦିଲରାଜ ସିଂହ ଓ ଅର୍ଶଦୀପ ସିଂହ ହ୍ୟାଟ୍ରିକ ସହ ୩ଟି ଲେଖାଏଁ, ଗୁରଜୋତ ସିଂହ, ଲୁଆଙ୍ଗ୍ ଓ ଅଜିତ ଯାଦବ ୨ଟି ଲେଖାଏଁ ଗୋଲ ସ୍କୋର କରିଥିଲେ। ଓଡ଼ିଆଙ୍କ ମଧ୍ୟରେ ଅନ୍‌ମୋଲ ଏକ୍କା ଓ ଶାରଦାନନ୍ଦ ତିୱାରୀ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

ଆଜି ଅନୁଷ୍ଠିତ ଅନ୍ୟ ଗ୍ରୁପ୍ ମ୍ୟାଚ୍ ମଧ୍ୟରୁ ଗ୍ରୁପ୍-ଏ'ରେ ଜର୍ମାନୀ ୭-୦ରେ କାନାଡାକୁ ଓ ଦକ୍ଷିଣ ଆଫ୍ରିକା ୨-୧ରେ ଆୟର୍ଲାଣ୍ଡକୁ, ଗ୍ରୁପ୍-ଡି'ରେ ନେଦରଲାଣ୍ଡସ ପ୍ରଥମ ମୁକାବିଲାରେ ଇଂଲଣ୍ଡକୁ ୫-୩ ଓ ମାଲେସିଆ ୫-୧ରେ ଅଷ୍ଟ୍ରିଆକୁ ପରାସ୍ତ କରିଛି।

### ଏସୀୟ ଯୁବ ଚେସ୍ | ଓଡ଼ିଶାର ସାତ୍ୱିକ ସ୍ୱାଇଁଙ୍କୁ ଟିମ୍ ବ୍ରୋଞ୍ଜ୍

ଭୁବନେଶ୍ୱର,୨୯।୧୧(ସମିସ): ଓଡ଼ିଶାର ସାତ୍ୱିକ ସ୍ୱାଇଁ ଏସୀୟ ଯୁବ ଚେସ୍ ଚାମ୍ପିଅନସିପ୍‌ରେ ଭାରତ ଲାଗି ୧୦ ବର୍ଷରୁ କମ୍ ବିଭାଗରେ ଟିମ ବ୍ରୋଞ୍ଜ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ଆଜି ଶେଷ ହୋଇଥିବା ଏହି ପ୍ରତିଯୋଗିତାରେ ସାତ୍ୱିକ, ସିଏମ୍ ମଣି ସର୍ବାଥୋ ଓ ଓଇସିକ୍ ମଣ୍ଡଳ ୧୭ ପଏଣ୍ଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଭିଏତନାମ ୨୦.୫ ପଏଣ୍ଟ ପାଇ ସ୍ୱର୍ଣ୍ଣ ଓ କାଜାଖସ୍ଥାନ ୧୯ ପଏଣ୍ଟ ପାଇ ରୌପ୍ୟ ପଦକ ଜିତିବାରେ ସମର୍ଥ ହୋଇଛନ୍ତି। ୮ ବର୍ଷରୁ କମ୍ ବିଭାଗରେ ଗତବର୍ଷ ପଦକ ଜିତିଥିବା ସାତ୍ୱିକ ଏଥର ଅଳ୍ପକେ ପଦକ ଲାଭରୁ ବଞ୍ଚିତ ହୋଇଛନ୍ତି। କିନ୍ତୁ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତି ଓଡ଼ିଶାକୁ ଗର୍ବିତ କରିଛନ୍ତି।


ସାତ୍ୱିକ ସ୍ୱାଇଁ (ବାମରୁ ପ୍ରଥମ)

ଏହି ସଫଳତା ଲାଗି କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ବିଶ୍ୱଜିତ ରାୟ, ପ୍ରୋଚେଷ୍ଟାର ପ୍ରଶାସକ ସ୍ୱଧଂଶୁ ସତ୍ୟପ୍ରାଜ୍ଞ, ଟ୍ରିପଲ-ସି ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ, ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

### ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦିନିକିଆ ସିରିଜ୍

# ସମ୍ମାନ ରକ୍ଷା ଲାଗି ରୋହିତ-କୋହଲି ଭରସା

ରାଞ୍ଚି,୨୯।୧୧(ଏଜେନ୍ସି):

ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଆସନ୍ତାକାଲିଠାରୁ ରାଞ୍ଚିରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଆରମ୍ଭ ହେବ। ଭ୍ରମଣକାରୀ ଦଳଠାରୁ ୨-୦ରେ ଟେଷ୍ଟ ସିରିଜ୍ ହାରିବା ପରେ ଘରୋଇ ଭାରତୀୟ ଦଳ ଦିନିକିଆ ସିରିଜ୍‌ରେ ହିସାବ ନିକାଶ କରିବାକୁ ଅପେକ୍ଷା କରିଛି। ଐତିହାସିକ ଟେଷ୍ଟ ସିରିଜ୍ ଜିତିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କ ମନୋବଳ ବହୁପରିମାଣରେ ବଢ଼ିଯାଇଛି। ଟେଷ୍ଟଠାରୁ ଦିନିକିଆ ଫର୍ମାଟ ଅଲଗା ହୋଇଥିଲେ ମଧ୍ୟ ସେମାନେ ଯେଉଁ ମନୋବଳ ହାସଲ କରିଛନ୍ତି ତାହା ଏହି ଫର୍ମାଟରେ ଖୁବ୍ ସୁହାଇବ। ପାକିସ୍ତାନଠାରୁ ଦିନିକିଆ ସିରିଜ୍ ହାରିଥିବା ଦଳକୁ ଅଧିନାୟକ ଟେମ୍ବା ବଭୁମା, ଆଇଡେନ୍ ମାର୍କରାମ ଓ ଅବସରରୁ ଆସିଥିବା କ୍ୱିଣ୍ଟନ ଡି କକ୍ ସାମିଲ ହେବା ପରେ ଦକ୍ଷିଣ ଆଫ୍ରିକାର ଶକ୍ତି ବୃଦ୍ଧି ପାଇଛି।

ଭାରତୀୟ ପିଚ୍‌ରେ ସ୍ପିନ୍ ବୋଲିଂକୁ ନିୟନ୍ତ୍ରଣ କରିବା ଲାଗି ମଧ୍ୟ କେଶବ ମହାରାଜ ଫେରିଛନ୍ତି। ଅନ୍ୟ ପକ୍ଷରେ ଦିନିକିଆରେ ଭାରତ ଏକ ସନ୍ତୁଳିତ ଦଳ ଥିଲା। କିନ୍ତୁ ଆଘାତ ଓ ୱାର୍କଲୋଡ ସମସ୍ୟା ଦଳର ସନ୍ତୁଳନକୁ ବିଗାଡି ଦେଇଛି। ଅଧିନାୟକ ଶୁବମନ ଗିଲ୍, ଉପଅଧିନାୟକ ଶ୍ରେୟସ ଆୟର ଆହତ ହୋଇ ଏହି ସିରିଜ୍ ଖେଳୁନାହାନ୍ତି। ସେମାନଙ୍କ ସ୍ଥାନ ପୂରଣ କରିବା ଲାଗି ଦୁଇ ପ୍ରତିଭାବାନ ଖେଳାଳି ଯଶସ୍ୱୀ ଜୟସ୍ୱାଲ ଓ ଋତୁରାଜ ଗାଏକ୍ୱାଡ୍ ଦଳରେ ରହିଛନ୍ତି। ଏତେ ଦକ୍ଷତା ସତ୍ତ୍ୱେ ଟେଷ୍ଟ ସିରିଜ୍‌ରେ ହରାଇଥିବା ସମ୍ମାନ ଫେରିପାଇବା ଲାଗି ଭାରତକୁ ଦିନିକିଆ ସିରିଜ୍ ଜିତିବାକୁ ହେବ। ଏଥିଲାଗି ଦଳ ଦୁଇ ସୁପରଷ୍ଟାର ରୋ-କୋ (ରୋହିତ ଶର୍ମା ଓ ବିରାଟ କୋହଲି)ଙ୍କ ଉପରେ ନିର୍ଭର କରୁଛି। ବିଶେଷ କରି ଗିଲ-ଆୟର-ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ କେବଳ ରୋ-କୋ' ହିଁ ଭାରତକୁ ସମ୍ମାନ ଓ ସମର୍ଥକଙ୍କ ମନରେ ବିଶ୍ୱାସ ଫେରାଇବାକୁ ସମର୍ଥ ହେବେ।




### ଦ୍ୱନ୍ଦ୍ୱ: ୩ ସ୍ପିନର ନା ୪ ପେସର

ରାଞ୍ଚି ପିଚ୍‌ରେ ବଡ଼ ସ୍କୋର ହେବାର ନଜର ନାହିଁ। ଏହି ମ୍ୟାଚ୍‌ରେ କେଉଁ ଖେଳାଳିଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯିବ ତାହାକୁ ନେଇ ଭାରତର ଦ୍ୱନ୍ଦ୍ୱ ବଢ଼ିଛି। ଓପନିଂରେ ରୋହିତଙ୍କ ସହ ଜୟସ୍ୱାଲଙ୍କ ଖେଳିବା ସମ୍ଭାବନା ଅଧିକ। ଏମାନଙ୍କ ପଛକୁ କୋହଲି, ନଂ-୪ରେ ଗାଏକ୍ୱାଡ କିମ୍ବା ୱିକେଟରକ୍ଷକ ଋଷଭ ପନ୍ତ ଖେଳିବେ। କିମ୍ବା ଉଭୟଙ୍କୁ ସ୍ଥାନ ମିଳିବ। ନଂ-୫ କିମ୍ବା ୬ରେ ଲୋକେଶ ରାହୁଲ ରହିବେ। ଅନ୍ୟ ପକ୍ଷରେ ଦଳ ୩ଜଣ କିମ୍ବା ଅତିକମରେ ୨ ଜଣ ଅଲରାଉଣ୍ଡରଙ୍କୁ ଖେଳାଇବ। ଦଳ ଯଦି ଦୁଇ ଜଣ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ହର୍ଷିତ ରାଣାଙ୍କୁ ଦଳରେ ସାମିଲ କରେ ତେବେ ନୀତୀଶ ରେଡ୍ଡୀଙ୍କ ଖେଳିବା ନିଶ୍ଚିତ। କୁଲଦୀପ ଯାଦବଙ୍କୁ ଖେଳାଇଲେ ଗାଏକ୍ୱାଡଙ୍କ ଖେଳିବା ସମ୍ଭାବନା କମ୍। ଏହି ଦ୍ୱନ୍ଦ୍ୱ ଭିତରେ ଭାରତର ଚୂଡାନ୍ତ ଏକାଦଶ ଅଟକିଛି।

### ନଜରରେ ମାଥ୍ୟୁ ବ୍ରିଜ୍‌କେ

ବିଶ୍ୱର ପ୍ରଥମ ବ୍ୟାଟରଭାବେ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ହାସଲ କରିବା ଓ ମିଡିଲ ଅର୍ଡରରେ ବ୍ୟାଟିଂ କରି ୬୭.୭୫ ହାରରେ ରନ୍ ସଂଗ୍ରହ କରିବା ଆଜିଯାଏ କେହି କରିନାହାଁନ୍ତି। ଏଭଳି ସଫଳତା ପାଇଥିବା ଜଣେ ବ୍ୟାଟରଙ୍କ ସହ ବଭୁମା, ମାରକ୍ରମ ଓ ଡି କକ୍‌ଙ୍କ ଉପସ୍ଥିତି ଦଳକୁ ଅଧିକ ବଳ ଯୋଗାଇଛି। ଦୁର୍ବଳ ଭାରତୀୟ ବୋଲିଂରୁ ଏମାନେ ନିଶ୍ଚିତ ଫାଇଦା ଉଠାଇବେ।

### ରେକର୍ଡ ଅପେକ୍ଷାରେ

**ରୋହିତ ଶର୍ମା:** ହିଟ୍‌ମ୍ୟାନ୍ ରୋହିତ ଶର୍ମା ଆଉ ୩ଟି ଛକା ମାରିଲେ ବିଶ୍ୱରେ ସର୍ବାଧିକ ଦିନିକିଆ ଛକାରେ ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ରେକର୍ଡ ଭାଙ୍ଗିବେ। ସେ ଯଦି ଆଉ ୯୮ ରନ୍ କରନ୍ତି, ତେବେ ଭାରତର ଚତୁର୍ଥ ଖେଳାଳି ଭାବେ ଅନ୍ତର୍ଜାତୀୟ କ୍ରିକେଟରେ ୨୦,୦୦୦ ରନ୍ ପୂରଣ କରିବେ।

**ଭାରତ:** ୨୦୧୯ ଦିନିକିଆ ବିଶ୍ୱକପ୍ ପରେ ଘରୋଇ ମାଟିରେ ୧୦ଟି ଦିନିକିଆ ସିରିଜ୍ ଖେଳି ୯ଟିରେ ବିଜୟୀ ହୋଇଛି। କେବଳ ୨୦୨୩ରେ ଘରୋଇ ଦଳ ଅଷ୍ଟ୍ରେଲିଆ ନିକଟରୁ ସିରିଜ୍ ହାରିଛି। ସୂଚନାଯୋଗ୍ୟ ଟେଷ୍ଟ କ୍ରିକେଟରେ ଭାରତ ଗତ ୧୨ ବର୍ଷରେ ଗୋଟିଏ ହେଲେ ସିରିଜ୍ ହାରି ନ ଥିଲା। କିନ୍ତୁ ଗତ ୩ ବର୍ଷ ମଧ୍ୟରେ ୨ଟି ଟେଷ୍ଟ ସିରିଜ୍‌ରେ ପରାଜିତ ହୋଇଛି।

**ଡି କକ୍:** କ୍ୱିଣ୍ଟନ ଡି କକ୍ ଭାରତ ବିପକ୍ଷରେ ୬ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଛନ୍ତି। ଦଳର ଅନ୍ୟତମ ନବାଗତ ଖେଳାଳି ମାଥ୍ୟୁ ବ୍ରିଜ୍‌କେ ତାଙ୍କ ପ୍ରଥମ ୫ଟି ଦିନିକିଆରେ ଅର୍ଦ୍ଧଶତକ ସହ ୬୭.୭୫ ହାରରେ ରନ୍ ସଂଗ୍ରହ କରି ପ୍ରତିପକ୍ଷଙ୍କ ମୁଣ୍ଡବିନ୍ଧାର କାରଣ ବନିଛନ୍ତି।

### ଖେଳାଳି ଦଳ

**ଭାରତ:** ରୋହିତ ଶର୍ମା, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଋତୁରାଜ ଗାଏକ୍ୱାଡ୍, ଋଷଭ ପନ୍ତ (ୱିକେଟରକ୍ଷକ), ଲୋକେଶ ରାହୁଲ (ଅଧିନାୟକ), ରବୀନ୍ଦ୍ର ଜାଡେଜା, ୱାଶିଂଟନ ସୁନ୍ଦର, କୁଲଦୀପ ଯାଦବ, ନୀତୀଶ କୁମାର ରେଡ୍ଡୀ, ଅର୍ଶଦୀପ ସିଂହ, ହର୍ଷିତ ରାଣା, ପ୍ରସିଦ୍ଧ କ୍ରିଷ୍ଣା, ତିଳକ ବର୍ମା, ଧ୍ରୁବ ଜୁରେଲ।

**ଦକ୍ଷିଣ ଆଫ୍ରିକା:** କ୍ୱିଣ୍ଟନ ଡି କକ୍, ଆଇଡେନ୍ ମାରକ୍ରମ, ଟେମ୍ବା ବଭୁମା (ଅଧିନାୟକ), ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ, କୋର୍ବିନ ବୋଶ୍, କେଶବ ମହାରାଜ, ନାନ୍ଦ୍ରେ ବର୍ଜର, ଲୁଙ୍ଗି ଏନ୍‌ଗିଡି, ଓଟ୍ନେଲ ବାର୍ଟମ୍ୟାନ୍, ଟୋନି ଡି ଜୋର୍ଜି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।




### ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା

# କିଟ୍‌ର ରେଜିଆଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯ ।୧୧ (ସମିସ): ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ କିଟ୍ ୫ମ ସ୍ୱର୍ଣ୍ଣ ପଦକ ଜିତିଛି। ଶନିବାର ଟ୍ରାକ୍ ସାଇକ୍ଲିଂର ମହିଳା ବ୍ୟକ୍ତିଗତ ପୁର୍‌ସିଟ୍ ଇଭେଣ୍ଟରେ କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ଖଇରମ ରେଜିଆ ଦେବୀ ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ସେହିଭଳି ମହିଳା ହକିରେ କିସ୍ ଦଳ ମଧ୍ୟ ସେମିଫାଇନାଲରେ ସ୍ଥାନ ପକ୍କା କରିଛି। ଶନିବାର ଫାଇନାଲ ଲିଗ୍ ମ୍ୟାଚରେ କିସ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ସୋମବାର କିସ୍ ଓ ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ ମଧ୍ୟରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଅପରପକ୍ଷରେ କିଟ୍‌ର ଉଭୟ ପୁରୁଷ ଓ ମହିଳା ଟେନିସ ଦଳ ମଧ୍ୟ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ସଫଳତା ଲାଗି କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇଛନ୍ତି।





# ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୨୯ ।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ କେରଳରେ ଚାଲିଥିବା ୨୩ ବର୍ଷରୁ କମ୍ ମହିଳା ଟି-୨୦ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଅନୁଷ୍ଠିତ ଏକ ମ୍ୟାଚରେ ଓଡ଼ିଶା ୨୭ ରନରେ ବରୋଦାକୁ ପରାସ୍ତ କରିଥିଲା। ଏହି ଲୋ-ସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ୨୦ ଓଭରରେ ୯ ୱିକେଟ୍ ହରାଇ ୯୪ ରନ କରିଥିଲା। ଓପନର୍ ତନ୍ମୟୀ ବେହେରା (୪୦ ରନ), ଶୁଭ୍ର ନିର୍ଝରିଣୀ ସ୍ୱାଇଁ (୨୩ ରନ) ଓ ଅଧିନାୟିକା ଅଲିପ୍ସା ବିଶ୍ୱାଳ (୧୦ ରନ) କେବଳ ଦୁଇଅଙ୍କ ବିଶିଷ୍ଟ ସ୍କୋର କରିଥିଲେ। ବରୋଦାର ତ୍ରିସାଙ୍କୁ ୪ଟି ୱିକେଟ୍ ମିଳିଥିଲା। ଜବାବରେ ବରୋଦା ତ୍ରିସାଙ୍କ ୩୭ ରନ ସତ୍ତ୍ୱେ ୧୬.୨ ଓଭରରେ ୬୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଓଡ଼ିଶାର ଅନନ୍ୟା ମିଶ୍ର (୪-୧-୬-୪) ସୁନ୍ଦର ବୋଲିଂ କରି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ଅନନ୍ୟା ମିଶ୍ର

### ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ପ୍ରତିଭା, ମୌସୁମୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୨୯।୧୧ (ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନର ତୃତୀୟ ଦିନରେ ଓଡ଼ିଶାର ପ୍ରତିଯୋଗୀଙ୍କୁ ୩ଟି ସ୍ୱର୍ଣ୍ଣ ପଦକ ମିଳିଛି। ସେମାନଙ୍କ ମଧ୍ୟରୁ ପ୍ରତିଭାରାଣୀ ପାତ୍ର ଗୋଟିଏ ଓ ମୌସୁମି ଦାସ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ସଫଳତା ଫଳରେ ଓଡ଼ିଶା ମୋଟ ୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୭ କାଂସ୍ୟ ସହ ୧୭ଟି ପଦକ ଜିତିବାରେ ସମର୍ଥ ହୋଇଛି। ଗତକାଲି କେବଳ ପ୍ରତିଯୋଗୀମାନେ ୧୨ଟି ପଦକ ଜିତିଥିଲେ।



ପୂର୍ବପରି ଆଜି ମଧ୍ୟ ଯୁବ ବର୍ଗରେ ଓଡ଼ିଶାର ପ୍ରତିଯୋଗୀମାନେ ପଦକ ଜିତିବାରେ ସଫଳ ହୋଇଛନ୍ତି। ଉଭୟ ପଦକ ବିଜେତା କଳିଙ୍ଗ ଷ୍ଟାଡିୟମ୍‌ର ହାଇ ପରଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଉଛନ୍ତି। ରାଜ୍ୟ କ୍ରୀଡ଼ାଛାତ୍ରାବାସର ପ୍ରତିଭାରାଣୀ ୭୭ କେଜି କାଟାଗୋରୀରେ ମୋଟ ୧୫୪ କେଜି ଓଜନ ଉଠାଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେହିପରି ଏଚ୍‌ପିସିରେ ପ୍ରଶିକ୍ଷଣ ନେଉଥିବା ମୌସୁମି ଯୁବ ବିଭାଗର ୭୭ କେଜିରୁ ଉର୍ଦ୍ଧ୍ୱ ଓ ବରିଷ୍ଠ ବିଭାଗର ୮୬ କେଜି କାଟାଗୋରୀରେ ୨ଟି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ସେ ସ୍ନାଚ୍‌ରେ ୭୧କେଜି, ଜର୍କରେ ୮୯ ଓ ମୋଟରେ ୧୫୯ କେଜି ଓଜନ ଉଠାଇଥିଲେ। ପ୍ରଥମ ଦିନରେ ବନିତା ନାଏକ, ଦ୍ୱିତୀୟ ଦିନରେ ଅଙ୍କିତା ପ୍ରଧାନ ଓ ପ୍ରୀତିମୟୀ ମହାନ୍ତି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS